

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୨୬ ମଇ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 26 May 2024
Vol.No. 35 ■ No.140 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧





## ବିଜେପି ଉପରେ ପ୍ରତିଶ୍ରୁତି ଖିଲାପକାରୀ ଅଭିଯୋଗ ଆଣିଲେ ଖଡଗେ

ଶିମଲା, ୨୫/୫ : କଂଗ୍ରେସର ରାଷ୍ଟ୍ରୀୟ ଅଧକ୍ଷ ମଲ୍ଲିକାର୍ଜୁନ ଖଡଗେ ଶନିବାର ଶିମଲା ସଂସଦୀୟ କ୍ଷେତ୍ରର ରୋହଡୁରେ ନିର୍ବାଚନୀ ରାଲିରେ ବିଜେପି ଉପରେ ନିଶାନା ସାଧିଛନ୍ତି । ଖଡଗେ କହିଛନ୍ତି ଯେ, ୧୦ ବର୍ଷ ପୂର୍ବରୁ କରିଥିବା ଗୋଟିଏ ବି ପ୍ରତିଶ୍ରୁତି ବିଜେପି ଏପର୍ଯ୍ୟନ୍ତ ପୂରଣ କରିନାହିଁ । ଖଡଗେ କେନ୍ଦ୍ରରେ ଇଂଡି ମେଂଟ ସରକାର ଗଠନର ଦୃଢୋକ୍ତି ପ୍ରକାଶ କରି କହିଛନ୍ତି ଯେ, କର୍ଣ୍ଣାଟକ ଓ ତେଲେଙ୍ଗାନାରେ କଂଗ୍ରେସ ପ୍ରତିଶ୍ରୁତି ପୂରଣ କରିଛି କିନ୍ତୁ ବିଜେପି ୧୦ ବର୍ଷ ପୂର୍ବରୁ ଯେଉଁ ପ୍ରତିଶ୍ରୁତି ଦେଇଥିଲା, ତାହା ଆଜି ବି ପୂରଣ ହୋଇନି ।

# ପାଉଁଶ ହୋଇଗଲା ଗେମିଂ ଜୋନ୍: ୨୪ ଜଣଙ୍କ ମୃତ୍ୟୁ



ଗୁଜରାଟ, ୨୫/୫ : ଗୁଜରାଟ ରାଜକୋଟରେ ଥିବା ଟିଆରପି ଗେମିଂ ଜୋନରେ ନିଆଁ। ନିଆଁରେ ପାଉଁଶ ହୋଇଯାଇଛି ପୂରା ଗେମିଂ ଜୋନ୍। ୨୪ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଏକାଧିକ ଶିଶୁ ଥିବା ଜଣାପଡ଼ିଛି। ଅଗ୍ନିଶମ ବାହିନୀ ଦ୍ୱାରା ଉଦ୍ଧାର କାର୍ଯ୍ୟ ଜାରି ରଖିଛି। ବର୍ତ୍ତମାନ ସୁଦ୍ଧା ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନାହିଁ। ଅଭିଯୋଗରୁ ପ୍ରକାଶ, ଆଜକୁ ୪ ଦିନ ତଳେ ସେହି ଗେମିଂ ଜୋନ୍‌ରେ ନିଆଁ ଲାଗିଥିଲା। ଯେଉଁଥିପାଇଁ ଗେମିଂ ଜୋନ୍‌କୁ ବନ୍ଦ ରଖାଯାଇଥିଲା। ଆଜି ଖୋଲିଥିଲା। ସେଥିପାଇଁ ଲୋକଙ୍କର ପ୍ରବଳ ଭିଡ ଜମିଥିଲା। ଅପରାହ୍ନ ପ୍ରାୟ ୫ଟା ବେଳେ ଗେମିଂ ଜୋନରେ ନିଆଁ ଲାଗି ଯାଇଥିଲା। ଏ ସମ୍ପର୍କରେ ଖବର ପାଇ ଅଗ୍ନିଶମ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ନିଆଁ ଲିଭାଇବା କାର୍ଯ୍ୟରେ ଲାଗି ପଡ଼ିଥିଲେ। ବର୍ତ୍ତମାନ ସୁଦ୍ଧା ୨୪ଟି ମୃତଦେହ ଉଦ୍ଧାର କରାଯାଇଛି। ସେଥିରେ ୯ ଜଣ ଶିଶୁ ଥିବା ଜଣାପଡ଼ିଛି। ଅନେକ ମୃତକଙ୍କ ପରିଚୟ ମିଳୁନଥିବା ଜଣାପଡ଼ିଛି। ସେପଟେ ଗେମିଂ ଜୋନ ମାଲିକଙ୍କ ବିରୋଧରେ ଅଭିଯୋଗ ହେବା ପରେ ପୁଲିସ୍ ମାମଲା ରୁଜୁ କରିଛି। ଗେମିଂ ଜୋନ୍ ମାଲିକଙ୍କୁ ଅଟକ ରଖି ପଚରାଉଚରା କରୁଛି। ପୁଲିସ ବିଭିନ୍ନ ଦିଗରୁ ତଦନ୍ତ ଚଳାଇଛି। କେଉଁ କାରଣରୁ ନିଆଁ ଲାଗିଲା, ତାହା ଉପରେ ତଦନ୍ତ ଚଳାଇଛି ପ୍ରଶାସନ। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୁପେନ୍ଦ୍ର ପଟେଲ୍। ଗୁରୁତର ଆହତଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ମତଦାନ ବେଳେ ଅଘଟଣ: ଟଳି ପଡ଼ିଲେ ପୋଲିଂ ଅଧିକାରୀ, ପୁଲିଂ ଏଜେଣ୍ଟ ଓ ବୃଦ୍ଧା

ଭୁବନେଶ୍ୱର, ୨୫/୫ (ନି.ପ୍ର): କଟକ ଜିଲ୍ଲାରେ କାର୍ଯ୍ୟରତ ପୋଲିଂ ଅଧିକାରୀ ସୁଜାତା ମିତ୍ରଙ୍କର ଦୁଃଖଦ ମୃତ୍ୟୁ ହୋଇଛି। ସ୍ୱର୍ଗତା ମିତ୍ର ବିଧାନସଭା କ୍ଷେତ୍ର ୯୦-ବାରବାଟୀ-କଟକ ବିଧାନସଭା ନିର୍ବାଚନ ମଣ୍ଡଳୀର ବୁଥ୍ ନଂ ୧୧୪ (ହାଡ଼ିବନ୍ଧୁ ନୋଡାଲ ହାଇସ୍କୁଲ)ରେ ନିୟୋଜିତ ଥିଲେ। ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଏହି ଦୁଃଖଦ ଘଟଣାରେ ଗଭୀର ଶୋକପ୍ରକାଶ କରିବା ସହ ସ୍ୱର୍ଗତା ମିତ୍ରଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇଛନ୍ତି। ଏହା ସହ ସେ ଅମର ଆତ୍ମାଙ୍କ ସଦ୍ଗତି କାମନା କରିଛନ୍ତି। ବିଧି ମୁତାବକ ସାହାଯ୍ୟ ବ୍ୟତିରେକ ଭାରତ ନିର୍ବାଚନ ଆୟୋଗଙ୍କ ଘୋଷଣାମତେ ତାଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କାର ଅତିରିକ୍ତ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି। ଏହା ସହ ଶୀଘ୍ର ବିଧି ମୁତାବକ ବିହିତ ପ୍ରକ୍ରିୟା କାର୍ଯ୍ୟକାରୀ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ, ନିର୍ବାଚନ ଡ୍ୟୁଟି ସମୟରେ ସୁଜାତା ମିତ୍ର ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ ଏସ୍‌ସିବି ବଡ଼ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ମୃତ ଘୋଷଣା କରିଥିଲେ। ▶▶ପୃଷ୍ଠା ୭

## କୁଜଙ୍ଗ, ଆଳି ଓ ରେମୁଣାରେ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀଙ୍କ ପ୍ରଚାର

### ଓଡ଼ିଶାରେ ଚାଲିଛି ରିମୋଟ କଣ୍ଟ୍ରୋଲ ସରକାର

ଭୁବନେଶ୍ୱର, ୨୫/୫ (ନି.ପ୍ର): ଜଣକ ପରେ ଜଣେ ବିଜେପିର କେନ୍ଦ୍ରୀୟ ନେତା ଓଡ଼ିଶା ଆସୁଛନ୍ତି। ଆଉ ଶାଣିତ ଢଙ୍ଗରେ ବିଜେଡି ସରକାର ଉପରେ ବର୍ଷୁଛନ୍ତି । ଆଜି ତିନୋଟି ନିର୍ବାଚନୀ ସଭାରେ ପ୍ରଚାର କରିଛନ୍ତି କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ । ଆଉ ରତ୍ନଭଣ୍ଡାର ଓ ତାମିଲନାଡୁ ପ୍ରସଙ୍ଗ ଉଠାଇ ରାଜ୍ୟ ସରକାରଙ୍କ ବିରୋଧରେ ରଣହୁଙ୍କାର ଦେଇଛନ୍ତି। ଏହାସହ ବିଜେପିର ଉଭୟ ଲୋକସଭା ଓ ବିଧାନସଭା ପ୍ରାର୍ଥୀଙ୍କ ପାଇଁ ଭୋଟ୍ ମାଗିଛନ୍ତି କେନ୍ଦ୍ରମନ୍ତ୍ରୀ। ରାଜ୍ୟରେ ତୃତୀୟ ପର୍ଯ୍ୟାୟ ମତଦାନ ବେଳେ ଓଡ଼ିଶା ଗସ୍ତରେ ଆସି ରଣହୁଙ୍କାର ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ । ▶▶ପୃଷ୍ଠା ୭



# ସରିଲା ୨୪ ମହାସଂଗ୍ରାମର ତୃତୀୟ ଦଫା: ମନ ପସନ୍ଦ ପ୍ରତିନିଧି ବାଛିଲେ ମତଦାତା

### ସନ୍ଧ୍ୟା ୫ଟା ସୁଦ୍ଧା ୫୯.୬୦% ଭୋଟିଂ



ଭୁବନେଶ୍ୱର, ୨୫/୫ (ନି.ପ୍ର): ଭୋଟ୍ ଦେଲା ଓଡ଼ିଶା । ତୃତୀୟ ପର୍ଯ୍ୟାୟରେ ଭୁବନେଶ୍ୱର, କଟକ, ସମ୍ବଲପୁର, ପୁରୀ, ଢେଙ୍କାନାଳ ଓ କେନ୍ଦୁଝର ସଂସଦୀୟ କ୍ଷେତ୍ର ସହ ୪୨ ବିଧାନସଭା ଆସନରେ ମନପସନ୍ଦର ପ୍ରତିନିଧି ବାଛିଛନ୍ତି ମତଦାତା । ଭୋଟ୍ ଦେଲା ଓଡ଼ିଶା। ତୃତୀୟ ପର୍ଯ୍ୟାୟରେ ଭୁବନେଶ୍ୱର, କଟକ, ସମ୍ବଲପୁର, ପୁରୀ, ଢେଙ୍କାନାଳ ଓ କେନ୍ଦୁଝର ସଂସଦୀୟ କ୍ଷେତ୍ର ସହ ୪୨ ବିଧାନସଭା ଆସନରେ ମନପସନ୍ଦର ପ୍ରତିନିଧି ବାଛିଛନ୍ତି ମତଦାତା । ଇଭିଏମରେ ସିଲ୍ ହୋଇଛି ୪୪୭ ପ୍ରାର୍ଥୀଙ୍କ ଭାଗ୍ୟ । ଭୋଟ୍ କେନ୍ଦ୍ର ଆଗରେ ସାଧାରଣ ଭୋଟରଙ୍କ ଭଳି ଧାଡ଼ିରେ ଠିଆହୋଇ ନିଜ ନିଜ ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କରିଛନ୍ତି ହେଭିୱେଟ୍ ନେତା, ପ୍ରାର୍ଥୀ ଓ ବିଶିଷ୍ଟ ବ୍ୟକ୍ତି । ସକାଳ ୭ଟାରୁ ମତଦାନ କେନ୍ଦ୍ର ଆଗରେ ଭୋଟରଙ୍କ ଖଚାଖଚ ଭିଡ । ଭୋଟ୍ ଦେବାକୁ ଲମ୍ବିଥିଲା ଲାଇନ୍ । ଆଉ ଦେଖିବାକୁ ମିଳିଥିଲା ଗଣତନ୍ତ୍ରର ମହାପର୍ବରେ ଗର୍ବ ଓ ଗୌରବର ଚିତ୍ର । ନାକରେ ଅକ୍ସିଜେନ୍ ପାଇପ ଲଗାଇ ରୋଗୀ ପହଞ୍ଚିଥିଲେ ମତଦାନ କେନ୍ଦ୍ରରେ । ଭୁବନେଶ୍ୱର ରାଜଭବନ ସ୍କୁଲ୍ ବୁଥରେ ଭୋଟ୍ ଦେଇଥିଲେ ସୁରେନ ଝୁନଝୁନ୍‌ୱାଲା ଓ ତାଙ୍କ ପତ୍ନୀ । ▶▶ପୃଷ୍ଠା ୭

## ପୁନେ ହିଟ୍ ଆଣ୍ଡ ରନ୍ ମାମଲା: ଅଭିଯୁକ୍ତ ନାବାଳକର ଦାଦା ଗିରଫ

ମୁମ୍ବାଇ, ୨୫/୫ (ନି.ପ୍ର): ପୁନେ ହିଟ୍ ଆଣ୍ଡ ରନ୍ ମାମଲାରେ ଅଭିଯୁକ୍ତ ନାବାଳକର ଦାଦା ସୁରେନ୍ଦ୍ର କୁମାର ଅଗ୍ରୱାଲଙ୍କୁ ଗତ ରାତିରେ ଗିରଫ କରିଛି ପୋଲିସ। ସୁରେନ୍ଦ୍ର କୁମାରଙ୍କ ବିରୋଧରେ କାର୍ ଚାଳକ ଗଙ୍ଗାଧର ପୂଜାରୀଙ୍କୁ ଅପହରଣ କରିବା ଏବଂ ତାଙ୍କୁ ଏକ କୋଠରିରେ ଜୋରଜବରଦସ୍ତ ବନ୍ଦ କରି ରଖିବା ନେଇ ଅଭିଯୋଗ ରହିଛି । ପୁନେର କଲ୍ୟାଣ ନଗର ଅଂଚଳରେ ମଇ ୧୯ ତାରିଖ ରାତିରେ ସମ୍ପୃକ୍ତ ନାବାଳକ କାର୍ ଚଢ଼ାଇ ମୋଟର ସାଇକେଲରେ ଯାଉଥିବା ଦୁଇ ଜଣ ଲୋକଙ୍କୁ ଚାପି ଦେଇଥିଲା । ଦୁର୍ଘଟଣା ସମୟରେ ସମ୍ପୃକ୍ତ ନାବାଳକ ସହିତ ଚାଳକ ଗଙ୍ଗାଧର ପୂଜାରୀ ଉପସ୍ଥିତ ଥିଲେ । ସୁରେନ୍ଦ୍ର କୁମାର ଏହି ମାମଲାକୁ ଚପାଇ ଦେବା ଉଦ୍ଦେଶ୍ୟରେ ଚାଳକକୁ ଅପହରଣ କରି କେଉଁଠି ଲୁଚାଇ ରଖିଥିଲା । ଏହାପରେ ଚାଳକଙ୍କ ପତ୍ନୀ ତାଙ୍କ ସ୍ୱାମୀ ନିଖୋଜ ଥିବା ନେଇ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତି କରି ଶୁକ୍ରବାର ପୁନେ ପୋଲିସ ସୁରେନ୍ଦ୍ର କୁମାର ବିରୋଧରେ ଚାଳକ ଗଙ୍ଗାଧର ପୂଜାରୀଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ କରିଥିଲା ।

# ଆଇପିଏସ ଅଧିକାରୀଙ୍କ ସ୍ୱାମୀଙ୍କ ଘରେ ଚଢାଉ: ୧୫୦ କୋଟି ଟଙ୍କାର ସମ୍ପତ୍ତି ଜବତ




ନୂଆଦିଲ୍ଲୀ, ୨୫/୫ : ଆଇପିଏସ ଅଧିକାରୀଙ୍କ ସ୍ୱାମୀଙ୍କ ବିରୁଦ୍ଧରେ ଥିବା ୨୬୩ କୋଟି ଟଙ୍କାର ଆୟକର ଫେରସ୍ତ ଜାଲିଆତି ମାମଲାରେ ତଦନ୍ତ ସମୟରେ ଇଡି କୋଟି କୋଟି ଟଙ୍କାର ଜମିଜମା କାଗଜପତ୍ର ଜବତ କରିଛି। ମହାରାଷ୍ଟ୍ରର ଜଣେ ଆଇପିଏସ ଅଧିକାରୀଙ୍କ ଘରେ ତଦନ୍ତ ସମୟରେ ୧୫୦ କୋଟି ଟଙ୍କାର ସମ୍ପତ୍ତି ଜବତ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ। ଆଇପିଏସ ଅଧିକାରୀଙ୍କ ସ୍ୱାମୀଙ୍କ ବିରୁଦ୍ଧରେ ଥିବା ୨୬୩ କୋଟି ଟଙ୍କାର ଆୟକର ଫେରସ୍ତ ଜାଲିଆତି ମାମଲାରେ ତଦନ୍ତ ସମୟରେ ଇଡି କୋଟି କୋଟି ଟଙ୍କାର ଜମିଜମା କାଗଜପତ୍ର ଜବତ କରିଛି। ସୂଚନା ଅନୁସାରେ, ଆଇପିଏସ ଅଧିକାରୀଙ୍କ ସ୍ୱାମୀ ପୁରୁଷୋତ୍ତମ ଚୌହ୍ୱାନଙ୍କୁ କେନ୍ଦ୍ରୀୟ ଅନୁସନ୍ଧାନକାରୀ ସଂସ୍ଥା ଚଳିତ ସପ୍ତାହ ପୂର୍ବରୁ ଗିରଫ କରିଥିଲା। ୨୬୩ କୋଟି ଟଙ୍କାର ଆୟକର ଫେରସ୍ତ ଜାଲିଆତି ମାମଲାରେ ଇଡି ତାଙ୍କୁ ଗିରଫ କରିଛି। ଏହି ମାମଲାକୁ ନେଇ କିଛି ଦିନ ପୂର୍ବେ କୋଲାବା ସ୍ଥିତ ଆଇପିଏସ୍ ଅଧିକାରୀଙ୍କ ସରକାରୀ ବାସଭବନରେ ଖୋଳତାଡ଼ କରିଥିଲା ଇଡି, ଯେଉଁ ସମୟରେ ୧୫୦ କୋଟି ଟଙ୍କାର ଜମିଜମା କାଗଜପତ୍ର ଜବତ ହୋଇଛି। ତଦନ୍ତ ସମୟରେ ଅଧିକାରୀମାନେ ୱର୍ଲିରେ ଦୁଇଟି ବଡ଼ ଫ୍ଲାଟ ସମେତ ମୁମ୍ବାଇ ଏବଂ ଥାଣେରେ ଥିବା ପ୍ରାୟ ୧୪ଟି ଫ୍ଲାଟର ଡକ୍ୟୁମେଣ୍ଟ ପାଇଛନ୍ତି। ଅଧିକାରୀମାନେ (ଟ୍ରାନ୍ସଫରେବଲ ଡେଭଲପମେଣ୍ଟ ରାଇଟ୍ସ) ଦଲିଲ ମଧ ପାଇଛନ୍ତି। ଏହିସବୁ ସମ୍ପତ୍ତିର ମୋଟ ମୂଲ୍ୟ ପ୍ରାୟ ୧୫୦ କୋଟି ଟଙ୍କା ହେବ। ଜବତ ହୋଇଥିବା ସମ୍ପତ୍ତି ଡକ୍ୟୁମେଣ୍ଟଗୁଡିକ ଏକାଧିକ ବ୍ୟକ୍ତିଙ୍କ ନାମରେ ପଞ୍ଜିକୃତ ହୋଇଥିବା ବେଳେ ଇଡି ତଦନ୍ତ ପ୍ରକ୍ରିୟା ଜାରି ରଖିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ।

# ଆଜି ପଶ୍ଚିମବଙ୍ଗ ଉପକୂଳ ଛୁଇଁବ ଭୟଙ୍କର ସାମୁଦ୍ରିକ ଝଡ଼ 'ରେମାଲ'



ନୂଆଦିଲ୍ଲୀ, ୨୫/୫ : ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଶନିବାର ସନ୍ଧ୍ୟା ସୁଦ୍ଧା ସାମୁଦ୍ରିକ ଝଡ଼ରେ ପରିଣତ ହୋଇ ୨୬ ତାରିଖ (ରବିବାର) ରାତିରେ ପଶ୍ଚିମବଙ୍ଗ ଓ ବାଂଲାଦେଶର ସଂଲଗ୍ନ ଉପକୂଳରେ ସ୍ଥଳଭାଗ ଛୁଇଁବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ କହିଛି। ଏହାର ପ୍ରଭାବରେ ଘଣ୍ଟା ପ୍ରତି ୧୧୦ରୁ ୧୨୦ କିଲୋମିଟର ବେଗରେ ପବନ ବହିବା ସହ ୧୩୫ କିଲୋମିଟର ବେଗରେ ଝଟ୍‌କା ପବନ ବହିବାର ସମ୍ଭାବନା ରହିଛି। ଆସନ୍ତା ୨୬-୨୭ ତାରିଖରେ ପଶ୍ଚିମବଙ୍ଗ ଓ ଉତ୍ତର ଓଡ଼ିଶାର ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ସତର୍କ କରାଇଦେଇଛି । ୨୭-୨୮ ତାରିଖରେ ଉତ୍ତର-ପୂର୍ବ ଭାରତର କେତେକ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ଲ୍ୟାଣ୍ଡଫଲ୍ ସମୟରେ ଉପକୂଳ ପଶ୍ଚିମବଙ୍ଗ ଓ ବାଂଲାଦେଶର ତଳିଆ ଅଞ୍ଚଳରେ ୧.୫ ମିଟର ▶▶ପୃଷ୍ଠା ୭

## ପଶ୍ଚିମବଙ୍ଗରେ ମତଦାନ ସମୟରେ ହିଂସା: ୨ ଜଣଙ୍କର ମୃତ୍ୟୁ

କୋଲକାତା, ୨୫/୫ (ନି.ପ୍ର): ଶନିବାର ପଶ୍ଚିମବଙ୍ଗର ୮ ଟି ଲୋକସଭା ଆସନ ପାଇଁ ଷଷ୍ଠ ପର୍ଯ୍ୟାୟରେ ମତଦାନ ବେଳେ କେତେକ ଅଂଚଳରେ ହିଂସା ଘଟଣାରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି। ମୁଖ୍ୟତ ପୂର୍ବ ଏବଂ ପଶ୍ଚିମ ମେଦିନୀପୁର ଜିଲ୍ଲାରୁ ନିର୍ବାଚନ ସମ୍ବନ୍ଧୀୟ ଉତେଜନା ଆରମ୍ଭ ହୋଇଥିଲା। ଝାଡଗ୍ରାମର ଲାଲଗଡ ପୋଲିସ ଷ୍ଟେସନ ଅଧୀନରେ ଥିବା ବେଲାତିକରୀ ଅଂଚଳରେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହେବା ପରେ ଉତେଜନା ବୃଦ୍ଧି ପାଇଥିଲା। ଯୁବକଙ୍କ ଶରୀରର ଅନେକ ସ୍ଥାନରେ ଆଘାତ ଚିହ୍ନ ଦେଖିବାକୁ ମିଳିଥିଲା । ▶▶ପୃଷ୍ଠା ୭

# ସମ୍ଭାବ୍ୟ ବାତ୍ୟା ପାଇଁ ପ୍ରଶାସନିକ ପ୍ରସ୍ତୁତି

କେନ୍ଦ୍ରାପଡ଼ା, ୨୫/୫ (ନି.ପ୍ର): ଭାରତୀୟ ପାଣିପାଗ ବିଭାଗର ପୂର୍ବ ସୂଚନା ଅନୁଯାୟୀ ଆସନ୍ତା ଶନିବାର ଠାରୁ ସମ୍ଭାବ୍ୟ ବାତ୍ୟା 'ରେମାଲ' ଯୋଗୁଁ କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର ଜିଲ୍ଲାରେ ପ୍ରବଳ ବର୍ଷା ସହ ପବନ ବହିବାର ସମ୍ଭାବନା ରହିଛି। ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ନିର୍ଦ୍ଦେଶକ୍ରମେ ଆଜି କେନ୍ଦ୍ରାପଡ଼ା ଜିଲ୍ଲାରେ ଏହି ବାତ୍ୟାର ସଫଳ ମୁକାବିଲା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରସ୍ତୁତି ବୈଠକରେ ଅଗ୍ନିଶମ ବିଭାଗ, ଓପିଟିସିଏଲ୍, ଜଳସେଚନ, ସାଲାଇନ୍ ଡିଭିଜନ୍-ଆଳି, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ, ବନଖଣ୍ଡ ବିଭାଗ ଓ ସମସ୍ତ ଲାଇନ ଡିପାର୍ଟମେଂଟ୍‌ର ଅଧିକାରୀମାନେ ଯୋଗ ଦେଇ ନିଜ ନିଜର ବିଭାଗ ପକ୍ଷରୁ ନିଆଯାଇଥିବା ଆଗୁଆ ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ। କେନ୍ଦ୍ରାପଡ଼ା ଜିଲ୍ଲାରେ କାର୍ଯ୍ୟ କରୁଥିବା ୧୦ଟି ଅଗ୍ନିଶମ ବିଭାଗରେ ସର୍ବମୋଟ୍ ୩୦ଟି ଗଛକଟା ମେସିନ୍ କାର୍ଯ୍ୟକ୍ଷମ ଅବସ୍ଥାରେ ଅଛି ଏବଂ ଜରୁରୀ ପରିସ୍ଥିତିରେ ଏଗୁଡ଼ିକୁ ନିୟୋଜିତ କରାଯିବ ବୋଲି ବିଭାଗୀୟ ଅଧିକାରୀ କହିଥିଲେ। ବାତ୍ୟା ଆଶ୍ରୟସ୍ଥଳୀରେ ଆସ୍କାଲାଇଟ୍‌ର ବ୍ୟବହାରକୁ ସକ୍ଷମ କରିବା ପାଇଁ ବିଭାଗ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ବାତ୍ୟା ଯୋଗୁଁ ବିଦ୍ୟୁତ୍ ସରବରାହରେ ବ୍ୟାଘାତ ଘଟିଲେ ଯଥାଶୀଘ୍ର ମରାମତି କରିବାକୁ ଓପିଟିସିଏଲ୍‌କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବର୍ଷା ଜନିତ ଜଳନିଷ୍କାସନ ପାଇଁ ବିହିତ ପଦକ୍ଷେପ ନେବାକୁ ଜଳସେଚନ ଓ ସାଲାଇନ୍ ଡିଭିଜନ୍‌କୁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା ସମୟରେ ଗର୍ଭବତୀ ମହିଳାଙ୍କୁ ଯଥାଶୀଘ୍ର ସ୍ଥାନାନ୍ତର କରିବା ଏବଂ ପ୍ରତ୍ୟେକ ଚିକିତ୍ସାଳୟରେ ଓଆର୍‌ଏସ୍, ଔଷଧ, ହାଲୋଜିନ୍ ବଟିକା, ସାପକାମୁଡ଼ା ଇଂଜେକ୍ସନ୍ ଆଦି ମହଜୁଦ ରଖିବାକୁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ବର୍ଷା ଯୋଗୁ କୁମ୍ଭୀରମାନଙ୍କ ଯାତାୟତ ଉପରେ କଡ଼ା ନଜର ରଖିବାକୁ ଏକ ଟିମ୍ ଗଠନ କରାଯାଇଛି ବୋଲି ବନଖଣ୍ଡ ଅଧିକାରୀ ସୂଚନା ପ୍ରଦାନ କରିଥିଲେ। ବଜ୍ରପାତ ଜନିତ ମୃତ୍ୟୁର ପ୍ରାଥମିକ ତଦନ୍ତ ରିପୋର୍ଟ ଜିଲ୍ଲା ପ୍ରଶାସନକୁ ତୁରନ୍ତ ପ୍ରଦାନ କରିବା ଏବଂ ଏହାର ଯୁଗ୍ମ ତଦନ୍ତ ରିପୋର୍ଟ ସହିତ ଶବ ବ୍ୟବଚ୍ଛେଦ ରିପୋର୍ଟ ପ୍ରଦାନ କରିବାକୁ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନୀଲୁ ମହାପାତ୍ର ତହସିଲଦାରମାନଙ୍କୁ ପରାମର୍ଶ ଦେଇଥିଲେ। ଶୁଖିଲା ଖାଦ୍ୟ, ଚୁଡ଼ା ଚାଉଳ, ଗୁଡ଼, ମହବତୀ, ଡିଆସିଲି ଆଦି ମହଜୁଦ ରଖିବାକୁ ବେସାମରିକ ଖାଦ୍ୟ ଯୋଗାଣ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ରାଜନଗର ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପୀନାଥ ଯାଦବ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପୀତାମ୍ବର ସାମଲ, ଉପଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ, ଅତିରିକ୍ତ ଉପ-ଜିଲ୍ଲାପାଳ ଅଶୋକ କୁମାର ଦାସ, ଡକ୍ଟର ସଚ୍ଚିଦାନନ୍ଦ ମିଶ୍ର, ଡେପୁଟି କଲେକ୍ଟର ପଲ୍ଲବୀ ପାତ୍ର, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂହ, ସମସ୍ତ ତହସିଲଦାର, ବିଡିଓ ଓ ଲାଇନ୍ ଡିପାର୍ଟମେଂଟ୍‌ର ସମସ୍ତ ଅଧିକାରୀ ଯୋଗ ଦେଇଥିଲେ।

## ପୌରାଂଚଳରେ କଂଗ୍ରେସର ରୋଡ୍ ସୋ

କେନ୍ଦ୍ରାପଡ଼ା, ୨୫/୫ (ନି.ପ୍ର): କେନ୍ଦ୍ରାପଡ଼ା ପୌରାଂଚଳରେ କଂଗ୍ରେସର ରୋଡ ସୋ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଜଳା କଂଗ୍ରେସ କାର୍ଯ୍ୟାଳୟରୁ ଏକ ମଟର ସାଇକେଲ ଶୋଭାଯାତ୍ରାରେ ଲୋକସଭା ପ୍ରାର୍ଥୀ ସିଦ୍ଧାର୍ଥ ସ୍ୱରୂପ ଦାଶ, ବିଧାନସଭା ପ୍ରାର୍ଥୀନୀ ଡ଼ଃ ସିପ୍ରା ମଲିକଙ୍କ ସହ ଅନ୍ୟ ନେତାମାନେ ଏହି ରୋଡ ସୋ ରେ ସହର ପରିକ୍ରମା କରି ଜନ ସାଧାରଣଙ୍କୁ ହାତ ଚିହ୍ନରେ ଭୋଟ ଦେବାପାଇଁ ନିବେଦନ କରିଥିଲେ। ଏହି ଶୋଭାଯାତ୍ରା ଟି ୨୧ନଂ ୱାର୍ଡରୁ ବାହାରି ୨୦ନଂ, ୧୯ନଂ, ୧୮ନଂ, ୧୦ନଂ, ୧୧ନଂ, ୧୨ନଂ, ୧୩ନଂ ପ୍ରଭୃତି ୱାର୍ଡଗୁଡ଼ିକ ବୁଲି କଂଗ୍ରେସ ଗ୍ୟାରେଂଟି ସଂପର୍କରେ ଲୋକସଭା ପ୍ରାର୍ଥୀ ଶ୍ରୀ ଦାଶ ଲୋକମାନଙ୍କୁ ବୁଝାଇ ଥିଲେ। କଂଗ୍ରେସ ସମୟରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଅନେକ ଉନ୍ନୟନ ମୂଳକ କାର୍ଯ୍ୟ ହୋଇଥିବାବେଳେ ଦୀର୍ଘ ୨୫ ବର୍ଷ ହେଲା ବିଜେଡି ସରକାର କ୍ଷମତାରେ ରହି ଜନ ସାଧାରଣଙ୍କୁ ମିଛ ପ୍ରତିଶୃତି ଦେଉଥିବାବେଳେ କୌଣସି ଉନ୍ନୟନ ମୂଳକ କାର୍ଯ୍ୟ କରିନାହିଁ।

# ବିଜେଡି ବିଧାୟକ ସୁଶାନ୍ତ ବେହେରାଙ୍କୁ ତୁରନ୍ତ ଗିରଫ କରାଯାଉ : ବିଜେପି

ଭୁବନେଶ୍ୱର, ୨୫/୫ (ନି.ପ୍ର): ବିଜେଡି ପରାଜୟ ଭୟରେ ହିଂସା ଆଚରଣ କରିବା ଆରମ୍ଭ କରିଛି। ୨୫ବର୍ଷ ପରେ ଓଡ଼ିଶା ପରିବର୍ତ୍ତନ ମୁହାଁ ହୋଇଛି। ଏଥିରେ ବିଜେଡି ବିଧାୟକ ତଥା ନେତା ବିଚଳିତ ହେବାର ଦେଖିବାକୁ ମିଳୁଛି। ନିର୍ବାଚନ ବୁଥ୍ ବାହାରେ ଚିତ୍କାର କରିବା ସହ କୋଶଳା ପଂଚାୟତ ଶିମିଳିସାହି ବୁଥ୍‌ରେ ବିଜେପି କର୍ମୀଙ୍କୁ ଧକ୍କା ମାରୁଛନ୍ତି ଅନୁଗୁଳ ଜିଲ୍ଲା ଛେଣ୍ଡିପଦାର ବିଜେଡି ବିଧାୟକ ପ୍ରାର୍ଥୀ ସୁଶାନ୍ତ ବେହେରା। ଜନପ୍ରତିନିଧି ଆଇନ ନିର୍ମାତା କିନ୍ତୁ ଭୋଟ୍ ପାଇଁ ଆଇନ ଭାଙ୍ଗିଛନ୍ତି ବିଧାୟକ ଶ୍ରୀ ବେହେରା। ନିର୍ବାଚନ ସମୟରେ ଶାସକ ଦଳର ନେତାଙ୍କ ହିଂସାର ଏମିତି ମାଳ ମାଳ ଚିତ୍ର ସାମ୍ନାକୁ ଆସିଛି। ଅନୁଗୁଳ ଜିଲ୍ଲା ଛେଣ୍ଡିପଦାର ବିଜେଡି ବିଧାୟକ ସୁଶାନ୍ତ ବେହେରାଙ୍କ ଦାଦାଗିରି ଆଜି ପଦାରେ ପଡିଛି। ବିଜେପି ରାଜ୍ୟ ଉପସଭାପତି ଗୋଲକ ମହାପାତ୍ରଙ୍କ ନେତୃତ୍ୱରେ ବିଜେପି ପ୍ରତିନିଧିମଣ୍ଡଳୀ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟି ଗୋଚର କରିବା ସହ ଶ୍ରୀ ବେହେରାଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ଦାବି କରିଛନ୍ତି। ରାଜ୍ୟର ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ବିଜୁ ଜନତା ଦଳ ସମସ୍ତ କଳବଳ କୌଶଳ ଲଗାଇ ଦେଇଛି। ସରକାରୀ କର୍ମଚାରୀ, ମିଶନଶକ୍ତି ମହିଳା, ସରପଂଚ, ସମିତି ସଭ୍ୟଙ୍କୁ ବେଆଇନ କାର୍ଯ୍ୟରେ ନିୟୋଜିତ କରୁଛି ବିଜେଡି। ପୂର୍ବରୁ ବିଜେଡିର ଏଭଳି ହୀନକାର୍ଯ୍ୟ ପାଇଁ ବିଜେପି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରଙ୍କ ଦ୍ୱାରସ୍ଥ ହୋଇଥିଲା। ଏଥିଲାଗି ମଧ କିଛି ସରକାରୀ କର୍ମଚାରୀ ନିଜର ଚାକିରି ହରାଇଥିଲେ। କିନ୍ତୁ ବିଜେଡି ତାର ଚିରାଚରିତ ଢ଼ଙ୍ଗକୁ ନ ବଦଳାଇ ପୁଣି ନିର୍ବାଚନ ଜିତିବା ପାଇଁ ସରକାରୀ କର୍ମଚାରୀଙ୍କୁ ବ୍ୟବହାର କରୁଛି। ଯାହା ନିର୍ବାଚନ ଆଚରଣ ବିଧିର ଘୋର ଉଲଘଂନ। ବାଲେଶ୍ୱର ଜିଲ୍ଲା ଗୋଲାବାଇ ପଂଚାୟତ ଜଳେଶ୍ୱର ମନ୍ଦିରରେ ଭୋଟରଙ୍କୁ ଏକାଠି କରି ଟଙ୍କା ଦେବା ସହ ସେମାନଙ୍କୁ ଶପଥ କରାଉଛନ୍ତି ସମିତି ସଦସ୍ୟ ଗୌତମ ପ୍ରଧାନ ଓ ମଧୁସ୍ମିତା ପଲେଇଙ୍କ ସ୍ୱାମୀ ସୁଶାନ୍ତ ବେହେରା। ଯାହା ଭୋଟରଙ୍କ ବିଶ୍ୱାସ ଓ ଭାବାବେଗକୁ କଷ୍ଟ ହେଉଛି। ସେହିପରି ଯାଜପୁର ଜିଲ୍ଲା କୋରେଇ ନିର୍ବାଚନ ମଣ୍ଡଳୀ ମିଶନଶକ୍ତିର ରାଜ୍ୟ ଉପଦେଷ୍ଟା ଗୀତାଞ୍ଜଳୀ ବଷ୍ଟିଆ ବିଜୁ ଜନତା ଦଳକୁ ଭୋଟ ଦେବା ପାଇଁ ମା'ଭଉଣୀମାନଙ୍କୁ ପ୍ରଭାବିତ କରୁଛନ୍ତି। ଖୋଲମଖୋଲା ନିର୍ବାଚନ ଆଚରଣ ବିଧି ଉଲଘଂନ କରୁଥିବା ଏହି ବ୍ୟକ୍ତିମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ କାର୍ଯ୍ୟରୁ ବହିଷ୍କାର କରାଯାଉ ବୋଲି ଶ୍ରୀ ମହାପାତ୍ର ଦାବି କରିଛନ୍ତି। ଗୋପ ବ୍ଲକ ବିରିତୁଙ୍ଗ ଗ୍ରାମ ପଂଚାୟତ କାକଟପୁର ବିଧାନସଭା ମଣ୍ଡଳୀର କୃଷି ମିତ୍ର ଶ୍ରୀଧର ମହାନ୍ତି ଜଣେ ସରକାରୀ କର୍ମଚାରୀ ହୋଇ ବିଜେଡିର ଏଜେଂଟ ଭଳି କାମ କରୁଛନ୍ତି। ସରକାରୀ କାର୍ଯ୍ୟ ଛାଡି ବିଜେଡି ଦଳ ପାଇଁ ପ୍ରଚାର କରୁଛନ୍ତି। ଯାହା ନିର୍ବାଚନ ଆଚରଣ ବିଧିର ଘୋର ଉଲଘଂନ। ତୁରନ୍ତ ଶ୍ରୀ ମହାନ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଶ୍ରୀ ମହାପାତ୍ର କହିଛନ୍ତି। ବିଜେପି ସର୍ବଦା ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନ ଉପରେ ବିଶ୍ୱାସ କରେ କିନ୍ତୁ ବିଜେଡି ହିଂସାକାଣ୍ଡ ଘଟାଇବାରେ ପାରଙ୍ଗମ। ଗଣତନ୍ତ୍ରରେ ହିଂସାର ସ୍ଥାନ ନାହିଁ। ବିଜେଡି ଏଥିରୁ ଦୂରେଇ ରହୁ। ଏହି ପ୍ରତିନିଧିମଣ୍ଡଳୀରେ ରାଜ୍ୟ ସମ୍ପାଦିକା କସ୍ତୁରୀ ମିଶ୍ର, ଆସ୍କାର ସାଂସଦ ପ୍ରାର୍ଥୀ ଅନିତା ପ୍ରିୟଦର୍ଶିନୀ ପଟ୍ଟନାୟକ, ରାଜ୍ୟ ମୁଖପାତ୍ର ଦିଲୀପ ମଲ୍ଲିକ, ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ୍ କୁମାର ଦାସ, ରାଜ୍ୟ ନିର୍ବାଚନ ସେଲ୍ ସଂଯୋଜକ ଜୟନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଭୋଟ୍ ଦେବାକୁ ଆସି ଦୁର୍ଘଟଣାର ଶିକାର ହେଲେ ମହିଳା

ଚମ୍ପୁଆ, ୨୫/୫ (ନି.ପ୍ର): ଭୋଟ ଦେବାକୁ ଆସି ଜଣେ ବିସ୍ଥାପିତ ମହିଳା ଦୁର୍ଘଟଣାର ଶିକାର ହୋଇ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତି ହୋଇଥିବା ଜଣାପଡିଛି। ଖବର ଅନୁସାରେ, ଚମ୍ପୁଆ ଥାନା ଅର୍ନ୍ତଗତ ଦାମପୁର ଠାରେ କାନପୁର ବୃହତ୍ ନଦୀବନ୍ଧ ପ୍ରକଳ୍ପରେ ବିସ୍ଥାପିତ ହୋଇ ଧୁବଲାବେଡା ଗ୍ରାମର ଯାତ୍ରୀ ବେହେରା କସିରା ଗ୍ରାମରେ ରହିଆସୁଛନ୍ତି। ଆଜି ଭୋଟ ଦେବାପାଇଁ କଶିରା ଗ୍ରାମରୁ ନିଜ ଗାଁ ଧୁବଲାବେଡାକୁ ଯିବା ପାଇଁ ନାରଦ ପୁର ଠାରେ ବସ୍ ଅପେକ୍ଷା କରିଥିବା ବେଳେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ହେବାରୁ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ନିକଟସ୍ଥ ବାସୁଦେବପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତି କରିଥିବା ବେଳେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି।

# ସାଲେଭଟାରେ ସୂର୍ଯ୍ୟଙ୍କ ଅଦୃଶ୍ୟ ଛାୟା ପରୀକ୍ଷଣ

ବଲାଙ୍ଗୀର, ୨୫/୫ (ନି.ପ୍ର): ବଲାଙ୍ଗିର ଜିଲ୍ଲା ଆଗଲପୁର (ଡୁଡୁକା) ବ୍ଲକ ସାଲେଭଟା ଠାରେ ଜିରୋ ସେଡୋ ଡେ ଆଜି ସୂର୍ଯ୍ୟଙ୍କ ଶୂନ୍ୟଛାୟା ବିରଳ ଦୃଶ୍ୟମାନ ହୋଇଛି। ଛୋଟ ବେଳୁ ଆମେଶୁଣି ଆସିଛେ ଛାଇ ଆମ ପିଛା ଛାଡେନାହିଁ। ସୂର୍ଯ୍ୟର ଆଲୋକ ଆମ ଉପରୁ ଭୁପୃଷ୍ଠରେ ପଡି ଛାଇ ସୃଷ୍ଟି ହୁଏ। ଆମ ଗତିକୁ ତାଳଦେଇ ଆମ ସହ ଆଗକୁ ଛାଇ ବଢ଼ିଥାଏ। କିନ୍ତୁ ଏପାରି ଦିନଆସେ ସୂର୍ଯ୍ୟ କିରଣ ଅସ୍ୱଛ ବସ୍ତୁ ଉପରେ ପଡୁଥିଲେ ହେଁ ଛାୟା କିଛି ସମୟ ପାଇଁ ଅଦୃଶ୍ୟ ହୋଇଯାଏ। ଯାହା ଆମକୁ ଚକିତ କରିଦେଇଥାଏ କ୍ଷ ଏହାଏକ ବିରଳ ଦୃଶ୍ୟ। ଡୁଡୁକା ଆଦର୍ଶ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ର ସ୍ୱପ୍ନେନ୍ଦୁ ପାଢ଼ି ନିଜ ଘରେ ପରୀକ୍ଷଣ କରିଥିବା ଦେଖାଯାଇଥିଲା। ଆଜି ନିଦିଷ୍ଟ ଭାବରେ ସାଲେଭଟା ଠାରେ ଏପରି ଜାଗତିକ ଦୃଶ୍ୟ ଦେଖିବାକୁ ମିଳିଛି। ଏହି ଜାଗତିକ ଦୃଶ୍ୟ ଅକ୍ଷାଶ ଓ ଦ୍ରାଘିମା ଅନୁସାରେ ତାରିଖ ପରିବର୍ତନ ଅନୁ ସାରେ ସ୍ଥାନ ପରିବର୍ତନ ହୋଇଥାଏ କ୍ଷ ଆଜି ମେ ମାସ ର୨୫ ତାରିଖ ରେ ଦିନ ଘ.୧୧.୫୩ ମି. ସମୟରେ,ଏହି ନିଦ୍ଦିଷ୍ଟ ସମୟରେ ଅକ୍ଷ୍ୟାଂଶ ୨୦.୯୭୧ ଓ ଦ୍ରାଘିମା ୮୩.୫୩୭ ଡିଗ୍ରୀ ମଧ୍ୟରେ ଅବସ୍ଥିତ ଥିବା ସାଲେଭଟାରେ ସୂର୍ଯ୍ୟକିରଣ କୌଣସି ଅସ୍ୱଛ ବସ୍ତୁ ଉପରେ ପଡି ଛାୟା ସୃଷ୍ଟି କରିବା ଭଳି ସ୍ୱାଭାବିକ ଘଟଣା ଘଟିବ ନାହିଁ। ଏହି ନିର୍ଦ୍ଦିଷ୍ଟ ସମୟରେ ସୂର୍ଯ୍ୟ ଓ ପୃଥିବୀ ପୃଷ୍ଠରେ ଥିବା ସାଲେଭଟା ଗ୍ରାମ ୯୦° ରେ ରହିଥିଲା। ବଲାଙ୍ଗିର ସହର ମଧ୍ୟରେ ଗତ ୨୩ ତାରିଖ ଏପରି ଘଟଣା ଘଟିଥିଲା। ବଲାଙ୍ଗିର ରୁ ପ୍ରାୟ ୩୨ କିମ ସଡ଼କ ପଥ ଦୁରତ୍ୱରେ ଥିବା ସାଲେଭଟାରେ ଆଜି ସେହିପରି ଜାଗତିକ ଦୃଶ୍ୟ ଦେଖିବାକୁ ମିଳିଛି। ଏହା ନିର୍ଦ୍ଦିଷ୍ଟ ଗବେଷଣାରୁ ଜାଣା ପଡିଛି। ଏହି ସମୟରେ ବସ୍ତୁଟି ଉପରେ ସୂର୍ଯ୍ୟ ସରଳ ରେଖାରେ ରହିବା ଯୋଗୁଁ ଏହା ଅସ୍ୱଛ ବସ୍ତୁଟିର ଛାୟା ବସ୍ତୁଟି ଅଧିକାର କରିଥିବା କ୍ଷେତ୍ରଫଳ ମଧ୍ୟରେ ଏହିସମୟରେ ସୀମିତ ରହିଯାଇଥଲା। ତେଣୁ ସୂର୍ଯ୍ୟଙ୍କ ଛାଇଟି ବସ୍ତୁଟର କ୍ଷେତ୍ରଫଳ ମଧ୍ୟରେ ଲୁଚିରହି ଥିବାରୁ ଆମକୁ ଏହି ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଏହାଦେଖାଯାଇ ପାରିନଥିଲା। ଛାଇଟି ଶୂନ୍ୟତା ମଧ୍ୟରେ ଲୁଚିରହି ବାହାରକୁ ଦେଖାନଯାଇ ନଥାଏ। ଡୁଡୁକା ଆଦର୍ଶ ବିଦ୍ୟାଳୟର ଅଧକ୍ଷ ପ୍ରବୀଣ ସାହୁଙ୍କ ପ୍ରେରଣା ରେ ଓ ରେଙ୍ଗାଲି ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଦିଲିପ କୁମାର ଧଳ ଓ ବକଟି ବଂଶିଧର ସ୍ମାରକୀ ବିଦ୍ୟାଳୟର ଶିକ୍ଷକ ବିଜୟାନନ୍ଦ ପାଢ଼ୀଙ୍କ ପ୍ରତକ୍ଷ ତତ୍ୱାବଧାନରେ ଠିକ ଏହି ସମୟରେ ଆଦର୍ଶ ବିଦ୍ୟାଳୟର ଛାତ୍ର ସ୍ୱପ୍ନେନ୍ଦୁ ପାଢ଼ି ନିଜ ଘରେ ପରୀକ୍ଷଣ କରିବା ପାଇଁ ପୁର୍ବପ୍ରସ୍ତୁତି ଅନୁସାରେ ଇଟା ଓ କେତେକ ଷ୍ଟିଲ, କାଚ ପାଣି ଗ୍ଲାସ ରଖି ଦିନ ଘ୧୧.୫୦ ମି.ରୁ ନିରିକ୍ଷଣ କରି ଥିବାବେଳେ ଦିନ ଘ.୧୧.୫୩ ମି. ସମୟରେ ଛାଇଟି ଗ୍ଲାସ କ୍ଷେତ୍ରଫଳମଧ୍ୟରେ ଲୁଚି ଯାଇଥିବା ଦେଖାଯାଇଥିଲା। ଏହିପରିକ୍ଷଣ ସଂପୁର୍ଣ୍ଣ ଠିକ ହୋଇଥିବାରୁ ଅନ୍ୟ ଛାତ୍ରଛାତ୍ରୀଙ୍କ ଉଦାହରଣ ହୋଇଥିବାରୁ ସାଧାରଣରେ ପ୍ରସଂଶା କରା ଯାଇଛି। ସାଲେଭଟା ଅଜିର ଦିନରେ ସମୟ ରେ ହୋଇଥିବାରୁ ଚଳିତ ବର୍ଷ ଆସନ୍ତା ଜୁଲାଇ ମାସ ଘ.୧୨.୦୨ ମିନିଟ ରେ ପୁଣି ଥରେ ଏପରି ଜିରୋ ସେଡୋ ଡେ ବା ସୂର୍ଯ୍ୟଙ୍କ ଶୁନ୍ୟଛାୟା ର ବିରଳଦୃଶ୍ୟ ଦୃଶ୍ୟମାନ ହେବା ଆକଳନ କରାଯଇଛି। ଅକ୍ଷାଂଶ ୨୦.୭୨ଡିଗ୍ରୀ ଓ ଦ୍ରାଘିମା ୮୩.୪୮ ଡିଗ୍ରୀ ମଧ୍ୟରେ ଅବସ୍ଥିତ ଥିବାରୁ ବଲାଙ୍ଗୀର ସହରରେ ଗତ ୨୩ ତାରିଖ ଦିନ ଘ୧୧.୫୨ମିରେ ସୂର୍ଯ୍ୟ ସୁନ୍ୟ ଛାୟା ସୃଷ୍ଟି ହୋଇଥିଲା। ଏହି ପରିକ୍ଷଣ ଅନୁଶାରେ ବଲାଙ୍ଗିର ରେ ଆସନ୍ତା ଜୁଲାଇ ୨୦ତାରିଖ ଦିନ ଘ୧୧.୪୯ମି ରେ ଅନୁଷ୍ଠିତ ହେବ। ସେହିପରି ବୁର୍ଲ୍ଲା ସହରରେ ଚଳିତ ମାସ ୨୮ତାରିଖ ଦିନ ୧୧.୫୨ମି ଏପରି ଜାଗତିକ ଦୃଶ୍ୟ ଦେଖିବାକୁ ମିଳିବ ବୋଲି ଆକଳନ କରାଯାଇଛି। ଏପରି ବୈଜ୍ଞାନୀକ ଚିନ୍ତାଧାରାଥିବା କାରଣ ଗୁଡିକୁ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ସୃଷ୍ଟି କରିବାସହ ଦାଘିମା ଓ ଅକ୍ଷାଂସ ଜାଣିବା ପାଇଁ ଆଗ୍ରହ ସୃଷ୍ଟିକରିବା ରେ ସହାୟକ ହେବ ବୋଲି ଡୁଡୁକା ଆଦର୍ଶ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ର ସ୍ୱପ୍ନେନ୍ଦୁ ପାଢ଼ି ପ୍ରକାଶ କରିଛନ୍ତି।

# ଛେଣ୍ଡିପଦା ବିଜେଡି ବିଧାୟକଙ୍କ ଗୁଣ୍ଡାଗର୍ଦ୍ଦିକୁ କଡା ନିନ୍ଦା କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ଭୁବନେଶ୍ୱର/ସମ୍ବଲପୁର, ୨୫/୫ (ନି.ପ୍ର): ସମ୍ବଲପୁର ସଂସଦୀୟ ନିର୍ବାଚନମଣ୍ଡଳୀର ଛେଣ୍ଡିପଦା ଅଞ୍ଚଳରେ ସ୍ଥାନୀୟ ବିଜେଡି ବିଧାୟକ ସୁଶାନ୍ତ ବେହେରା ବିଜେପି କାର୍ଯ୍ୟକର୍ତ୍ତାଙ୍କୁ ମାଡ଼ ମାରିବା ସହ ଗୁଣ୍ଡାଗର୍ଦ୍ଦି କରିବା ଘଟଣାକୁ କଠୋର ଭାଷାରେ ନିନ୍ଦା କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଗଣମାଧ୍ୟମ ପ୍ରଶ୍ନର ପ୍ରତିକ୍ରିୟାରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଜଣେ ବିଧାୟକ ଜଣେ ଅସାମାଜିକ ତତ୍ତ୍ୱ ଭଳି ଲୋକଙ୍କୁ ମାରଧର କରିବା ଦୁର୍ଭାଗ୍ୟଜନକ। ଏହି ଘଟଣା ପ୍ରମାଣିତ କରୁଛି ଯେ ସେମାନେ କେଉଁ ପ୍ରକାର ଶାସନ ଚାହୁଁଛନ୍ତି। ଶାସନରେ ଥିବା ଲୋକମାନେ ବିଶେଷ କରି ନିର୍ବାଚିତ ପ୍ରତିନିଧିମାନେ ଯତ୍ନବାନ ହେବା ଦରକାର। ଏହି ଘଟଣାରେ ତଦନ୍ତ କରି ଦୋଷୀଙ୍କ ବିରୋଧରେ ସ୍ଥାନୀୟ ପ୍ରଶାସନ ଏବଂ ନିର୍ବାଚନ ଆୟୋଗଙ୍କୁ କାର୍ଯ୍ୟାନୁଷ୍ଠାନ ନେବା ନେଇ ଆଶାବ୍ୟକ୍ତ କରିଛନ୍ତି କେନ୍ଦ୍ରମନ୍ତ୍ରୀ। ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ସ୍ଥାନୀୟ ପ୍ରଶାସନ ଓ ନିର୍ବାଚନ ଆୟୋଗଙ୍କୁ ସେ ଅନୁରୋଧ କରୁଛନ୍ତି। ଶ୍ରୀ ପ୍ରଧାନ ଆହୁରି କହିଛନ୍ତି, ଭୋଟରଙ୍କ ମଧ୍ୟରେ ପରିବର୍ତ୍ତନର ଲହର ଦେଖି ବିପକ୍ଷ ଦଳଙ୍କ ପାଦ ତଳୁ ମାଟି ଖସି ଗଲାଣି। ସେମାନେ ହିଂସ୍ର ହୋଇଉଠିଛନ୍ତି। ଗଣତନ୍ତ୍ରରେ ହିଂସାର ସ୍ଥାନ ନାହିଁ। ଏହାର ଜବାବ ଲୋକେ ଭୋଟରେ ଦେବେ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

# ବଲାଙ୍ଗୀର ଲୋକସଭା କ୍ଷେତ୍ରରେ ୭୭.୫୨% ମତଦାନ

ବଲାଙ୍ଗୀର, ୨୫/୫ (ନି.ପ୍ର): ଗତ ୨୦ ତାରିଖ ଦିନ ଅନୁଷ୍ଠିତ ବଲାଙ୍ଗିର ଲୋକସଭା କ୍ଷେତ୍ର ରେ ଚଳିତ ୨୦୨୪ ସାଧାରଣ ନିର୍ବାଚନରେ ଭଲ ପୋଲିଂ ହୋଇଛି। ଏହି ଲୋକସଭାଚ କ୍ଷେତ୍ର ଅଂଚଳର ୭ଟିଯାକ ନିର୍ବାଚନ ମଣ୍ଡଳିରେ ହାରାହାରି ୭୭.୫୨% ମତଦାନ ହୋଇଥିବା ସୂଚନା ମିଳିଛି। ସେହିପରି ବଲାଙ୍ଗୀର ଲୋକସଭା ନିର୍ବାଚନ ମଣ୍ଡଳି ଅନ୍ତର୍ଗତ ସୋନପୁର ନିର୍ବାଚନ ମଣ୍ଡଳି ରେ ସର୍ବାଧିକ ୮୩.୨୧% ଓ କଂଟାବାଞ୍ଜିରେ ସର୍ବନିମ୍ନ ୭୩.୪୨% ମତଦାନ ହାର ରହିଛି। କଂଟାବାଞ୍ଜି ନିର୍ବାଚନମଣ୍ଡଳିରେ ଖୋଦ ମୁଖ୍ୟମନ୍ତ୍ରୀ ପ୍ରାର୍ଥି ହୋଇଥିଲେ ହେଁ ସେହି ଅଞ୍ଚଳରୁ ହଜାର ହଜାର ସଂଖ୍ୟାରେ ଲୋକ ବାହାର ରାଜ୍ୟକୁ ଦାଦନ ପାଇଁ କାମ କରି ଯାଇଥିବାରୁ ମତଦାନ ହାର କମଥିବା କୁହାଯାଉଛି। ଠିକ ସେହିପରି ବଲାଙ୍ଗୀର ବିଧାନସଭା କ୍ଷେତ୍ରରେ ୭୬.୩୩% ଲୋଇସିଂହା ନିର୍ବାଚନମଣ୍ଡଳିରେ ୭୬.୬୨%, ପାଟଣାଗଡ ରେ ୭୩.୪୪%, ଟିଟିଲାଗଡରେ ୭୯.୪୩% ଓ ବୀରମହାରାଜପୁର ନିର୍ବାଚନ ମଣ୍ଡଳିରେ ୮୧.୯୨% ମତଦାନ ହାର ରହିଛି। ବଲାଙ୍ଗୀର ଲୋକସଭା କ୍ଷେତ୍ରରେ ଗତଥର ୧୩,୦୬,୭୪୪ ଭୋଟ (୭୪.୯୧%) ମତଦାନ ହାର ରହିଥିବା ବେଳେ ଚଳିତ ୨୦୨୪ରେ ଏହା ବଢି ୧୩,୯୬,୭୧୯ (୭୭.୫୨%) ରେ ପହଂଚିଛି। ମୋଟ ଉପରେ ୭,୦୫୦,୭୮ଜଣ ପୁରୁଷ ଓ ୬,୯୧,୫୭୬ଜଣ ,ମହିଳା ଭୋଟର ତାଙ୍କର ମତଦାନ କରିଛନ୍ତି। ବଲାଙ୍ଗୀରରେ ମୋଟ ୨,୪୩, ୦୪୮ଜଣ ଭୋଟରଙ୍କ ମଧ୍ୟରୁ ୧,୮୫, ୫୨୯ (୯୪,୨୨୧-ପୁରୁଷ, ୯୧, ୨୯୬-ମହିଳା) ଜଣ ମତଦାନ କରିଛନ୍ତି। ଲୋଇସିଂହାରେ ମୋଟ ୨,୪୫, ୪୬୬ ଜଣ ଭୋଟରଙ୍କ ମଧ୍ୟରୁ ଭୋଟଦେଇଛନ୍ତି ୧,୮୮,୦୬୯ (ପୁରୁଷ-୯୫,୮୫୮ ଓ ମହିଳା-୯୨,୨୦୧) ଜଣ। ପାଟଣାଗଡରେ ମୋଟ ୩, ୦୫, ୮୬୧ ଭୋଟରଙ୍କ ମଧ୍ୟରୁ ଭୋଟ ଦେଇଛନ୍ତି ୨,୨୪,୬୨୫ (ପୁରୁଷ-୧,୧୧,୯୦୧ ଓ ୧,୧୨,୭୧୬)ଜଣ। ଟିଟିଲାଗଡରେ ମୋଟ ଭୋଟର ସଂଖ୍ୟା ୨,୫୭,୫୧୭ ଜଣ ମଧ୍ୟରୁ ଭୋଟଦେଇଛନ୍ତି ୨,୦୪,୫୪୫(ପୁରୁଷ-୧,୦୧,୭୪୦ ଓ ମହିଳା-୧,୦୨,୭୮୦)ଜଣ। କଣ୍ଟାବାଞ୍ଜିରେ ମୋଟ ଭୋଟରସଂଖ୍ୟା ୨,୭୮,୦୫୫ ମଧ୍ୟରୁ ଭୋଟଦେଇଛନ୍ତି ୨,୦୪,୧୪୨(ପୁରୁଷ-୧,୦୧, ୦୩୨ ଓ ମହିଳା-୧,୦୩,୧୦୦) ଜଣ। ସେହିପରି ସୋନପୁର ଜିଲ୍ଲାର ବୀରମହାରାଜ ପୁର ନିର୍ବାଚନମଣ୍ଡଳିର ମୋଟ ଭୋଟରସଂଖ୍ୟା ୨,୧୫,୯୪୪ ମଧ୍ୟରୁ ଭୋଟଦେଇଛନ୍ତି ୧,୭୬,୯୦୩ (ପୁରୁଷ-୯୨,୨୦୬ ଓ ମହିଳା-୮୪,୬୯୭)ଜଣ। ସୋନପୁର ନିର୍ବାଚନମଣ୍ଡଳିରେ ମୋଟ ଭୋଟରସଂଖ୍ୟା ୨,୫୫,୮୫୫ ମଧ୍ୟରୁ ଭୋଟଦେଇଛନ୍ତି ୨,୧୨,୯୦୬ (ପୁରୁଷ-୧,୦୮,୧୨୦ ଓ ମହିଳା-୧,୦୪,୭୮୬)ଜଣ। ତେବେ ବଲାଙ୍ଗୀର ଜିଲ୍ଲାର ଟିଟିଲାଗଡରେ ୧ହଜାର ଜଣ, ପାଟଣାଗଡରେ ୯୦୦ଜଣ ଓ କଂଟାବାଞ୍ଜି ରେ ୨ହଜାର ଜଣ ମହିଳା ଭୋଟର ପୁରୁଷଙ୍କ ଅପେକ୍ଷା ଅଧିକ ଭୋଟଦେଇଛନ୍ତି। ଏହି ତିନିଟି ନିର୍ବାଚନ ମଣ୍ଡଳିରେ ପୁରୁଷଙ୍କ ଅପେକ୍ଷା ମହିଳାମାନେ ଅଧିକ ଭୋଟ ଦେଇଛନ୍ତି ଯାହାକି ମତଦାନରେ ମହିଳାଙ୍କ ଯୋଗଦାନକୁ ସୂଚାଉଛି।

## ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗ ଭୋଟରଙ୍କୁ ସହଯୋଗ କଲେ ଏନସିସି କ୍ୟାଡେଟ

ପୁରୀ, ୨୫/୫ (ନି.ପ୍ର): ଗଣତନ୍ତ୍ରର ମହାପର୍ବ ନିର୍ବାଚନ। ନିର୍ବାଚନକୁ ନିର୍ମଳ ଓ ନିରପେକ୍ଷ କରିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ ଭୋଟରମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ବସିବା, ପାଣି ପିଇବା, ସହଯୋଗ ପାଇଁ ଚଳିତ ଥର ଏନସିସି କ୍ୟାଡଟ ମାନେ କାର୍ଯ୍ୟ କରିଛନ୍ତି। ପୁରୀ ସହରର ବିଭିନ୍ନ ବୁଥ ରେ ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟ ବେଶ ସଫଳତାର ସହ ସମ୍ପାଦନ କରିଛନ୍ତି। ପୋଲିସ ଲାଇନ ହାଇସ୍କୁଲର ଶିକ୍ଷକ ପ୍ରଭାତ କୁମାର ଦାଶ ଭଲ୍ୟୁଣ୍ଟର ମାନଙ୍କୁ ସହଯୋଗ କରିଥିଲେ।

# ନରସଂହାର, ଜନବିରୋଧୀ ସରକାର ବିରୋଧରେ ଗର୍ଜିଲେ ନକ୍ସଲ



ମାଲକାନଗିରି, ୨୫/୫ (ନି.ପ୍ର): କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ଗର୍ଜିଛନ୍ତି ନକ୍ସଲ। ଚଳିତ ମାସ ୨୬ ତାରିଖ ଦିନ ବନ୍ଦ ଡାକରା ଦେଇଛନ୍ତି ନକ୍ସଲ। ବନ୍ଦକୁ ପାଳନ କରିବାକୁ ବହୁ ସ୍ଥନରେ ପୋଷ୍ଟର ଏବଂ ବ୍ୟାନର ମାରି ଲୋକଙ୍କୁ ସମର୍ଥନ କରିବାକୁ ଆହ୍ୱାନ ଦେଇଛନ୍ତି। କୋରପୋରେଟର ମାନଙ୍କୁ ସୁବିଧା ପହଞ୍ଚାଇବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଏ ଅଂଚଳର ଜଳ, ଜଂଗଲ ଓ ଜମିକୁ ଅକ୍ତିଆର କଲେଣି। ଏଥିସହ ନରେନ୍ଦ୍ର ମୋଦୀ, ଅମିତ ସାହା ଏବଂ ବିଷ୍ଣୁଦେବ ସାଏଙ୍କ ବିରୋଧରେ ସ୍ୱରତ୍ତୋଳନ କରିଛନ୍ତି। ଏମାନେ ହିଁ କୋରପୋରେଟିକରଣ ଏବଂ ସୈନିକରଣ କରୁଛନ୍ତି ବୋଲି ନକ୍ସଲ ଅଭିଯୋଗ କରିଛନ୍ତି। ଜଳ, ଜଂଗଲ, ଜମି, ଅଧିକାର ଓ ପରିବେଶକୁ ବଞ୍ଚାଇବା ପାଇଁ ଲଢ଼େଇ ଜାରି ରହିବ। ବସ୍ତରରେ ଲଗାତାର ଚାଲିଥିବା ନହସଂହାର ଓ ହତ୍ୟାକାଣ୍ଡକୁ ବିରୋଧ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ କରିଛନ୍ତି।ତେବେ ବନ୍ଦ ପୂର୍ବରୁ ସୁକମା ଏବଂ ଦନ୍ତ୍ୱୋଡା ଜିଲ୍ଲାର ବହୁ ସ୍ଥାନରେ ରାସ୍ତା କାଟି ଦେଇଛନ୍ତି ନକ୍ସଲ। ଏଥିସହ ସୁକମାର ଭେଜ୍ଜି ଠାରେ ପୁଲିସ ଉପରେ ଗୁଳି ଚଳାଇଛନ୍ତି ନକ୍ସଲ। ଏଠାରେ ପୁଲିସ ଓ ନକ୍ସଲ ମଧ୍ୟରେ ଗୁଳିବିନିମୟ ଚାଲିଛି। ସେହିପରି ବିଜାପୁରରେ ମଧ ପୁଲିସ ଓ ନକ୍ସଲ ମଧ୍ୟରେ ଗୁଳିବିନମୟ ଚାଲିଛି। ବିଜାପୁର ଜିଲ୍ଲାର ପିଡିଆରେ ପୁଲିସ ନକ୍ସଲ ମଧ୍ୟରେ ହୋଇଥିବା ଗୁଳି ବିନିମୟରେ ୧୨ ଜଣ ନକ୍ସଲ ମୃତ୍ୟୁବରଣ କରିଥିବା ବେଳେ ଏଥିରେ ଦଶ ଜଣ ଗ୍ରାମବାସୀ ବୋଲି ନକ୍ସଲ କହିବା ସହ ଏହି ବନ୍ଦ ଡାକରା ଦେଇଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ଆଦିବାସୀ ବିରୋଧୀ ବୋଲି ବ୍ୟାନର ଓ ପୋଷ୍ଟରରେ ଉଲ୍ଲେଖ କରିଛନ୍ତି। ଜନଯୁଦ୍ଧକୁ ତୀବ୍ରତର କରିବାକୁ ନକ୍ସଲ ଆହ୍ୱାନ ଦେଇଛନ୍ତି। ପୁଲିସ ତରଫରୁ ବନ୍ଦକୁ ନେଇ ସର୍ଚ୍ଚ ଅପରେସନକୁ ଜୋରଦାର କରାଯାଇଛି। ପ୍ରାୟ ୨୦୦୦ ଯବାନ ଜଂଗଲରେ ଏବେ ନକ୍ସଲଙ୍କୁ ଖୋଜୁଛନ୍ତି। ଗୁଇନ୍ଦାକୁ ସଜାଗ ରଖାଯାଇଛି। ଅନ୍ୟଦିଗରେ ମାଲକାନଗିରିରେ ଏହି ବନ୍ଦକୁ ନେଇ ପୁଲିସ ସଜାଗ ରହିଛି।ନକ୍ସଲ ପଡୋଶୀ ରାଜ୍ୟରେ ହିଂସା ଘଟାଇ ମାଲକାନଗିରି ଜିଲ୍ଲାରେ ପ୍ରବେଶ କରିବାର ଆଶଂକା ଥିବାରୁ ସୀମାରେ ମଧ ମାଲକାନଗିରି ପୁଲିସ ତରଫରୁ କୁମ୍ବିଂ ଆରମ୍ଭ କରାଯାଇଛି। ସୀମାକୁ ସିଲ କରିଦିଆଯିବା ସହ ଯାନବାହାନ ଯାଞ୍ଚ କରାଯାଉଛି।

# ଜିମ୍ନାଷ୍ଟିକ ପାଇଁ ଦୁଇ ଦିନିଆ କ୍ରୀଡ଼ା ପ୍ରତିଭା ଚୟନ କାର୍ଯ୍ୟକ୍ରମ

ଜୟପୁର, ୨୫/୫ (ନି.ପ୍ର): ଜିମ୍ନାଷ୍ଟିକ ପାଇଁ ଦୁଇ ଦିନିଆ କ୍ରୀଡ଼ା ପ୍ରତିଭା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜୟପୁର ଫୁଲବାଡ ସ୍ଥିତ ସ୍ପୋର୍ଟସ କମ୍ପ୍ଲେକ୍ସରେ ଥିବା ଜିମ୍ନାଷ୍ଟିକ ସେଂଟରରେ ଦୁଇ ଦିନିଆ କ୍ରୀଡ଼ା ପ୍ରତିଭା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଭୁବନେଶ୍ୱର ସ୍ଥିତ ଜିମ୍ନାଷ୍ଟିକ ସେଂଟର କୋଚ୍ ମାନେ ଆସି କ୍ରିଡା ପ୍ରତିଭା ଚୟନ କରିଥିଲେ। ରାଜ୍ୟର ଅନ୍ୟ ଦୁଇଟି ଗ୍ରାସ ରୁଟ ସେଣ୍ଟର ପୁରୀ ଓ ରାଉରକେଲା ଭଳି ଏଠାରେ ମଧ ଶାରିରିକ ଦକ୍ଷତା ଏବଂ କ୍ରୀଡ଼ା ପରୀକ୍ଷା କରାଯାଇଥିଲା। ଏଥିରେ ୫ ବର୍ଷରୁ ୧୧ ବର୍ଷ ମଧ୍ୟରେ ଥିବା ୩୮ ଜଣ ବାଳିକା ଓ ୬୨ ଜଣ ବାଳକ ଭାଗ ନେଇଥିଲେ। ଏଠାରେ ଓଡିଶା ସରକାରଙ୍କ ଦ୍ୱାରା କ୍ରିଡ଼ାର ଭିତିଭୂମି ସହ ବିଦେଶି ସରଞ୍ଜାମ ଯୋଗାଇ ଦିଆଯାଉଛି। ପ୍ରଶିକ୍ଷଣ ଦେବା ନିମନ୍ତେ ୩ ଜଣ ପ୍ରଶିକ୍ଷକଙ୍କୁ ଏଠାରେ ନିଯୁକ୍ତି ଦିଆଯାଇଛି। ୬୦ ରୁ ୭୦ ଜଣ କ୍ରିଡା ପ୍ରତିଭା ଚୟନ କରାଯାଇ ସେମାନଙ୍କୁ ପ୍ରତ୍ୟେକ ଦିନ ପ୍ରଶିକ୍ଷଣ ଦିଆଯିବ। ଆଜିର ପ୍ରତିଭା ଚୟନ କାର୍ଯ୍ୟକ୍ରମରେ କୋରାପୁଟ ଜିଲା କ୍ରୀଡା ଅଧିକାରି ସନ୍ତୋଷ କୁମାର ସାହୁ, କ୍ରିଡା ବିଭାଗର ଓଏସଡି ଜ୍ଞାନଜିତ ତ୍ରିପାଠି ଉପସ୍ଥିତ ଥିଲେ।

# ଟିଟିଲାଗଡ଼ରେ ନିଆଁ ଲାଗି ଜଳିଗଲା ୧୭ଟି ଉଠା ଦୋକାନ ଘର

ବଲାଙ୍ଗିର, ୨୫/୫ (ନି.ପ୍ର): ଆଜି ଟିଟିଲାଗଡ଼ରେ ନିଆଁ ଲାଗି ଜଳିଗଲା ୧୭ଟି ଉଠା ଦୋକାନ। ଅଗ୍ନିଶମ ବାହିନୀ ଖବର ପାଇ ଆସି ନିଆଁକୁ ଆୟତ କରିଥିଲେ। ଏହି ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜଳି ପୋଡ଼ି ନଷ୍ଟ ହୋଇଛି। କେହି ଜଣେ ଦୁର୍ବୃତ ନିଆଁ ଲଗାଇ ଦେଇଥିବା ଅଭିଯୋଗ କରୁଛନ୍ତି ଲୋକେ। ପାଖାପାଖି ସମସ୍ତ ଦେକାନ ଥିବାରୁ ନିଆଁ ଲାଗିବା ଫଳରେ ୧୭ଟି ଦୋକାନ ସଂପୂର୍ଣ୍ଣ ଭାବରେ ପୋଡ଼ି ପାଉଁଶ ହୋଇଯାଇଛି। ସୂଚନା ଅନୁସାରେ, ଆଜି ସକାଳେ ଅଚାନକ ଦୋକାନ ଘର ଗୁଡିକ ହୁତୁ ହୁତୁ ହୋଇ ଜଳୁଥିବା ଦେଖି ସଙ୍ଗେ ସଙ୍ଗେ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ କର୍ମଚାରୀ ପହଂଚି ନିଆଁକୁ ଆୟତ କରିଛନ୍ତି।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୬ ମଇ ୨୦୨୪
email :
rabibarachayan2015@gmail.com



ଧାରାବାହିକ ଉପନ୍ୟାସ

# ବୈଦେହୀ



ଡ.ଭାଗବତ ବେହେରା

ଭାଗ-୫୩
(ପୂର୍ବ ପ୍ରକାଶିତ ଉତ୍ତାରୁ...)



**'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ପ୍ରଭାତ ହେବା ପୂର୍ବରୁ ତ୍ରିଜଟା ଜଳପୂର୍ଣ୍ଣ ଘଟଟିଏ ଆଣି ଥୋଇଦିଏ । ମୁଁ ମୁଖ ପ୍ରକ୍ଷାଳନ କରି ମୋ ସ୍ୱାମୀଙ୍କ ନାମ ନେଇ ତାଙ୍କ ପାଦ ଛୁଇଁ ପ୍ରଣାମ କରେ । ସେ ମୋତେ ଆଶୀର୍ବାଦ କରି କହନ୍ତି, 'ତୋ ଭଳି ସତୀ, ସ୍ୱାଧ୍ୱୀ, ପତିବ୍ରତା ନାରୀ ଏ ଧରାରେ ବିରଳ । ଈଶ୍ୱର ତୋତେ ଦୀର୍ଘଜୀବୀ କରନ୍ତୁ । ତୁ ପତି ସୋହାଗିନୀ ହୋଇ ଜୀବନ ବିତେଇ ଦେ ।' ଏହାପରେ ମୋତେ ସେ ନେଇ ଯାଆନ୍ତି ପୋଖରୀ ତଟକୁ । ସେଠାରେ ଦନ୍ତମାର୍ଜନ ସ୍ନାନାଦି କାର୍ଯ୍ୟ ଶେଷକରି ସେହି ଓଦାବସ୍ତ୍ର ପିନ୍ଧି ଫେରିଆସେ ମୁଁ ଅଶୋକବେଦୀ ମୂଳକୁ । ସେଠାରେ ତ୍ରିଜଟା ଥୋଇ ଦେଇଥାଏ ନାନା ଜାତିର ଫୁଲ । ରଖି ଦେଇଥାଏ ରଂଗ ମାଟି ଖଣ୍ଡିଏ । ତହିଁରେ ମୁଁ ଆଙ୍କିବସେ ମୋ ସ୍ୱାମୀଙ୍କ ଛବି । ସେ ଛବିକୁ ଫୁଲରେ ଫୁଲରେ ସଜାଇ, ତାଙ୍କ ଚତୁଃପାର୍ଶ୍ୱରେ ରାମନାମ ଲେଖି ପ୍ରଣାମ କରେ । ମୋର ଏ କାର୍ଯ୍ୟକୁ ଲକ୍ଷ୍ୟ କରୁଥାନ୍ତି ତ୍ରିଜଟା । ତତ୍‌ପରେ ଆକାଶର ନବୋଦିତ ସୂର୍ଯ୍ୟକୁ ପ୍ରଣାମ କରି, ମୋ ସ୍ୱାମୀଙ୍କୁ ଫଳଟିଏ ଅର୍ପଣ କରି ମୁଁ ବସି ରହେ ମୋ ବେନିହସ୍ତ ବୃଦ୍ଧାଙ୍ଗୁଳିରେ ଥିବା ନଖଯୁଗଳକୁ ଅନାଇ । ମୋତେ ଏପରି ଦେଖି ତ୍ରିଜଟା ପ୍ରଶ୍ନକରେ ମାଆଲୋ ତୁ ପ୍ରତ୍ୟେକଦିନ ସେ ନଖ ଦୁଇଟିକୁ ଅନାଇ ବସୁ, କ'ଣ ଦେଖୁ ସେଥିରେ ?

ତାଙ୍କ କଥା ଶୁଣି ମୋ ଅଜାଣତରେ ମୋ ଆଖିରୁ ଖସିପଡ଼େ କେଇବୁନ୍ଦା ଅଶ୍ରୁ । ତାଙ୍କୁ ଶୁଣାଇ ମୁଁ କହେ ମାଆ ଏଥିରେ ମୁଁ ମୋ ସ୍ୱାମୀଙ୍କୁ ଦେଖେ । ପ୍ରତ୍ୟହ ସେ ଶଯ୍ୟାତ୍ୟାଗ କରି ସୀତା ସୀତା କହି ବିଳାପ କରନ୍ତି । ତାଙ୍କ ଶରମୂନରେ ମୋ ଚିତ୍ରଟିଏ ଆଙ୍କି ଦେଇ ସେ ଚିତ୍ରକୁ ଫୁଲରେ ଫୁଲରେ ସଜାଇ ବାରମ୍ବାର ଚୁମ୍ବନ ଦିଅନ୍ତି । ତାପରେ ନଦୀକୁ ଯାଇ ସ୍ନାନସାରି ଲକ୍ଷ୍ମଣ ଆଣିଥିବା ଫଳ ମୂଳ ମୋତେ ଅର୍ପଣ କରି ସେ ଖାଆନ୍ତି ।

ମୋ କଥା ଶୁଣି ଅତ୍ୟନ୍ତ ଆଶ୍ଚର୍ଯ୍ୟ ହୋଇ ସେ କହନ୍ତି, ମାଆ ସୀତା, ତୁ ଯାହା କହୁଛୁ ଏ କଥା କ'ଣ ସତ୍ୟ ?

ତାଙ୍କୁ ଶୁଣାଇ ମୁଁ କହେ ସୀତା କେବେ ଜୀବନରେ ମିଛ କହିନାହିଁ ମାତା । ସ୍ୱାମୀଙ୍କୁ ଦର୍ଶନ ନକଲେ ମୁଁ ଅନ୍ନଜଳ ଗ୍ରହଣ କରେନାହିଁ। ସେ ମଧ୍ୟ ମୋତେ ନଦେଖି ଅନ୍ନଜଳ ଗ୍ରହଣ କରନ୍ତି ନାହିଁ । ଏହାହିଁ ତ ମାଆ ରାମ, ସୀତାଙ୍କ ମଧ୍ୟରେ ଥିବା ଆତ୍ମିକ ସମ୍ପର୍କ । ଏହାହିଁ ତ ରାମ ସୀତାଙ୍କ ମଧ୍ୟରେ ଥିବା ମହାଭାବ । ମୋ କଥା ଶୁଣି କାନ୍ଦିପକାନ୍ତି ମାଆ ତ୍ରିଜଟା । କୁହନ୍ତି ମାଆ ସୀତା ମୁଁ ଆଜି ଅଛି କାଲିକୁ ନଥିବି । ତୁ ଧରିତ୍ରୀ କନ୍ୟା, ଦିନେ ଧରିତ୍ରୀରେ ମିଶିଯିବୁ, କିନ୍ତୁ ତୋର ପତିଧର୍ମ, ପତି ପ୍ରତି କର୍ତ୍ତବ୍ୟ, ପତି ପରାୟଣତା, ତାଙ୍କ ପ୍ରତି ଥିବା ତୋର ସ୍ନେହ, ପ୍ରେମ, ଶ୍ରଦ୍ଧା, ଭାବ ଯୁଗଯୁଗ ପାଇଁ ଏ ଧରଣୀ ବକ୍ଷରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ନାରୀ ଜଗତରେ ତୁ ହେବୁ ଅଗ୍ରପୂଜ୍ୟା । ସତୀ, ସ୍ୱାଧ୍ୱୀ, ପତିବ୍ରତା ନାରୀ ଭାବରେ ତୁ ଅମର ହୋଇ ରହିବୁ ମା' ଜାନକୀ ।

ତ୍ରିଜଟା ଅସୁରୁଣୀ ସତ୍ୟ, ହେଲେ ବି ତାଙ୍କ ଅନ୍ତରରେ ମା', ମମତା, ମହନୀୟତାର ଯେଉଁ ତ୍ରିଧାରା ପ୍ରବାହିତ, ତାହା ଜଣେ ସାଧାରଣ ନାରୀ ଠାରୁ ବହୁ ଉର୍ଦ୍ଧ୍ୱରେ । ପ୍ରତ୍ୟହ ସକାଳ ସକଳ କର୍ମ ସାରିବା ପର୍ଯ୍ୟନ୍ତ ସେ ମୋ ପାଖେପାଖେ ରହନ୍ତି । ଯେ ପର୍ଯ୍ୟନ୍ତ ମୁଁ ଫଳଟିଏ ଭୋଜନ ନକରିଛି, ସେ ପର୍ଯ୍ୟନ୍ତ ସେ ମୋ ପାଖ ଛାଡ଼ି ଯାଆନ୍ତି ନାହିଁ । ତାଙ୍କର ଗୋଟାଏ କଥା ମାଆଲୋ ତୁ ଗୋଟାଏ ଫଳ ଖାଇ କେତେଦିନ ଜୀବନ ଧରି ରହିବୁ । ସ୍ୱାମୀ ତୋର କେବେ ଆସି ତୋତେ ଏଠାରୁ ଉଦ୍ଧାର କରିନେବେ ।

ତାଙ୍କ କଥା ଶୁଣି ମୁଁ କହେ ସେ ନିଶ୍ଚୟ ଆସିବେ ମାଆ । ମୁଁ ପ୍ରତ୍ୟହ ତାଙ୍କ କାର୍ଯ୍ୟକଳାପ ଦେଖୁଛି । ମୋ ଅପହରଣ ଖବର ସେ ମୃତବତ୍ ଜଟାୟୁ ଠାରୁ ପାଇଥିଲେ । ଲଙ୍କପତି ରାବଣ ମୋତେ ଅପହରଣ କରି ନେଇ ଆସିଥିବାର ଖବର ମୋ ସ୍ୱାମୀଙ୍କୁ ଜଟାୟୁ ଦେଇ ମୃତ୍ୟୁବରଣ କରନ୍ତେ, ମୋ ସ୍ୱାମୀ ତାର ଶବସତ୍କାର କରି କେମିତି ମୋତେ ଲଙ୍କାରୁ ଉଦ୍ଧାର କରି ନେବେ ସେହି ଚିନ୍ତାରେ ମଗ୍ନ ଥିବା ସମୟରେ ତାଙ୍କର କିଷ୍କିନ୍ଧ୍ୟା ରାଜ୍ୟରୁ ବିତାଡ଼ିତ ସୁଗ୍ରୀବଙ୍କ ସହ ଭେଟ ହେଲା । ସେ ମୋ ସ୍ୱାମୀଙ୍କ ସହିତ ମିତ୍ରତା ବନ୍ଧନରେ ବାନ୍ଧି ହୋଇଛନ୍ତି । ସୁଗ୍ରୀବଙ୍କ ଜ୍ୟେଷ୍ଠଭ୍ରାତା ବାଳୀ ତାଙ୍କୁ ରାଜ୍ୟରୁ ତଡ଼ି ଦେଇଥିବାରୁ ସେ ଅରଣ୍ୟରେ ଘୂରି ବୁଲୁଥିଲେ । ମୋ ସ୍ୱାମୀଙ୍କ ସହ ତାଙ୍କର ମିତ୍ରତା ହେବାରୁ ମୋ ସ୍ୱାମୀ ବାଳୀକୁ ବଧ କରି ତାଙ୍କୁ କିଷ୍କିନ୍ଧ୍ୟାର ରାଜା କରାଇଛନ୍ତି । ପ୍ରବଳ ପ୍ରତାପୀ ହନୁମାନଙ୍କ ସହିତ ମୋ ସ୍ୱାମୀଙ୍କର ମଧ୍ୟ ସାକ୍ଷାତ ହୋଇ ସାରିଛି ।

ମୋ କଥା ଶୁଣୁଶୁଣୁ ସ୍ତମ୍ଭୀଭୂତ ହୋଇ ଯାଆନ୍ତି ତ୍ରିଜଟା, ପଚାରନ୍ତି ମାଆଲୋ ତୁ ତ ଏ ଅଶୋକବନରେ । ତୋ ସ୍ୱାମୀଙ୍କ ଏତେ ଖବର ତୁ ଜାଣୁଛୁ କେମିତି ?

ମୁଁ କହେ ମାଆ ସ୍ୱାମୀ ସ୍ତ୍ରୀ ଏକ ଆତ୍ମା, ଏକ ପ୍ରାଣ, ଏକ ମନ । ସେମାନଙ୍କ ଶରୀର ଦୁଇଟି ହୋଇ ପାରେ ହେଲେ ଆତ୍ମା ଦୁଇଟି ମିଶି ଏକ ହୋଇଥାଏ । ଦିନତମାମ ସେ ଯାହା କରନ୍ତି ମୁଁ ଏଠାରେ ବସିରହି ତାହା ଜାଣିପାରେ, ଦେଖିପାରେ ମୁଁ ଏଠାରେ କ'ଣ କରୁଛି ତାହା ସେ ଜାଣିପାରନ୍ତି । ମୋ ସ୍ୱାମୀ ଆସିବେ ମା', ଲଙ୍କାକୁ ଖୁବ୍ ଶୀଘ୍ର ଆସିବେ । ଏ ପାପାଚାରୀ ରାବଣକୁ ବିନାଶ କରି ସେ ମୋତେ ଏଠାରୁ ଉଦ୍ଧାର କରିନେବେ । ଏହିକଥା କହୁକହୁ ମୁଁ କାନ୍ଦି ପକାଇଲେ ସେ ଆଖିରୁ ଅଶ୍ରୁ ପୋଛିଦେଇ ସାନ୍ତ୍ୱନା ଦେଇ କହନ୍ତି, ମାଆଲୋ ଦୁଃଖ ପରେ ସୁଖ, ପୁଣି ସୁଖ ପରେ ଦୁଃଖ ଏହାହିଁ ତ ସଂସାରର ନିୟମ । ତୋ ଦୁଃଖ ନିଶି ନିଶ୍ଚୟ ପାହିବ ମାଆ । ତୋ ଭାଗ୍ୟାକାଶରେ ପୁଣି ସୁଖର ସୂର୍ଯ୍ୟ ଉଇଁ ଆସିବ । ଏମିତି ଏମିତିରେ ଅଶୋକବନରେ ମୁଁ ଦିନ ରାତି ବିତାଇ ଦେଉଥାଏ । ଦିନେ ପ୍ରଭାତ ମୁହୂର୍ତ୍ତରେ ଦେଖିଲି ମୋ ନିଦ୍ରା ଭାଂଗିବା ପୂର୍ବରୁ ଜଣେ ଦିବ୍ୟ ସୁନ୍ଦରୀ, ଅନିନ୍ଦ୍ୟା, ଅନନ୍ୟା ନାରୀ ଆସି ମୋ ସମ୍ମୁଖରେ ଛିଡ଼ା ହୋଇ ଓଠ ଚିପି ଚିପି ହସୁଛନ୍ତି । ତାଙ୍କୁ ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇ ଯାଇଥିଲି । କିଏ ଏହି ନାରୀ । ରୂପ ଗୁଣର ତୁଳନା ନାହିଁ । ସୁବର୍ଣ୍ଣ ସୂତା ଖଚିତ ପାଟ ଶାଢ଼ୀଟିଏ ପିନ୍ଧି, ସର୍ବାଙ୍ଗରେ ସୁନାରୁପା, ମଣି ମୁକ୍ତାର ଅଳଙ୍କାର ମାନ ପିନ୍ଧି ଆସି ଛିଡ଼ା ହୋଇଛନ୍ତି ମୋ ନିକଟରେ । କିଏ ବୋଲି ତାଙ୍କୁ ପରିଚୟ ପଚାରିବାର ସାହସ ମୁଁ କରିପାରୁ ନଥାଏ । ମୋ ପାଖେପାଖେ ତ୍ରିଜଟା ଥାଆନ୍ତି । ସେ କିନ୍ତୁ ଏବେ ଦେଖାଯାଉ ନାହାନ୍ତି । ମୁଁ କିଛି ପଚାରିବା ପୂର୍ବରୁ ସେ ହସିହସି ମୋ ପାଖରେ ବସି ମୋ ମସ୍ତକରେ ହସ୍ତ ବୁଲାଇ କହିଥିଲେ, ମୋତେ ତୁମେ ଚିହ୍ନିପାରିବ ନାହିଁ ଦେବୀ । ମୁଁ କିନ୍ତୁ ମୋ ସ୍ୱାମୀଙ୍କ ଠାରୁ ତୁମ ପରିଚୟ ପାଇସାରିଛି । ତୁମେ ମିଥିଳା ରାଜା ଜନକଙ୍କ କନ୍ୟା, ଅଯୋଧ୍ୟାର ରାଜା ଦଶରଥଙ୍କ ପୁତ୍ର ଶ୍ରୀରାମଙ୍କ ବଧୂ । ନାମ ତୁମର ସୀତା ।

ତାଙ୍କ କଣ୍ଠର କୋମଳ ବାଣୀ ଶୁଣି ମୁଁ ଜାଣିପାରୁ ନଥାଏ ଅସୁର କୁଳରେ ଏ ଦେବୀ ଜଣକ କିଏ ? ସେ କିଛି କହିବା ପୂର୍ବରୁ ତ୍ରିଜଟା ପ୍ରବେଶି ତାଙ୍କ ପରିଚୟ ଦେଇ କହିଥିଲେ, ମା' ସୀତେ ! ଏ ଲଙ୍କେଶଙ୍କ ପତ୍ନୀ । ନାମ ଯାଙ୍କର ମନ୍ଦୋଦରୀ । ତୁମକୁ ଦେଖିବାପାଇଁ ଏ ପ୍ରଭାତ ମୁହୂର୍ତ୍ତରେ ସେ ଆସି ଅଶୋକ ବନରେ ପହଞ୍ଚିଛନ୍ତି ।

(କ୍ରମଶଃ)

❤ ଦର୍ଜୀପୋଖରୀ,
ରାଣୀପାଟଣା, ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪

ସ୍ମୃତି କଥା

# ଓଡ଼ିଆ ସାହିତ୍ୟର ପ୍ରଖର କାବ୍ୟସ୍ୱର କବି ସୁନୀଲ

ବାଦଲ ଭୂୟାଁ



ନିର୍ବାଚନର ହୋ ହାଲ୍ଲା, ଘୋଘା ଆଉ ପ୍ରଚଣ୍ଡ ତାତି ଭିତରେ ଅବେଳାରେ ବିଦାୟ ନେଇଛନ୍ତି ତିନି ଦଶନ୍ଧି ଧରି ସମକାଳୀନ ସାହିତ୍ୟର ପରିଚିତ, ଚର୍ଚ୍ଚିତ ଓ ପ୍ରଖର କାବ୍ୟସ୍ୱର କବି ସୁନୀଲ କୁମାର ପୃଷ୍ଟି। ଶେଷ ନିଶ୍ୱାସ ତ୍ୟାଗ ବେଳକୁ ତାଙ୍କୁ ମାତ୍ର ୬୨ ବର୍ଷ ବୟସ ହୋଇଥିଲା। ଅଶୀ ଦଶକରୁ ଓଡ଼ିଆ କବିତା ରଚନା ଆରମ୍ଭ କରି ୨୦୨୦ ଯାଏ ସେଥିରେ ବେଶ୍ ନିଜକୁ ବୁଡ଼ାଇ ରଖିଥିଲେ। ତାଙ୍କର ପ୍ରକାଶିତ କବିତା ସଂକଳନ ଥିଲା 'ଦେହ ଦେଉଳ', 'ପୁଅ ପାଇଁ ପ୍ରାର୍ଥନା', 'ତନୁଲତାର କବିତା' ଓ 'ଚିହ୍ନା ଚିହ୍ନା ନିର୍ଜନତା' ପ୍ରମୁଖ, ଯାହା ବେଶ୍ ଚର୍ଚ୍ଚିତ । ତାଙ୍କର ନିର୍ବାଚିତ କବିତା ସଂକଳନ 'ପାଞ୍ଚଟି ପୃଥିବୀ' ମଧ୍ୟ ପ୍ରକାଶ ପାଇଥିଲା। ନ୍ୟାସନାଲ ବୁକ ଟ୍ରଷ୍ଟ ଦ୍ୱାରା ଏକ ପୁସ୍ତକର ଅନୁବାଦ କରି ଏହା ବେଷ୍ଟ ସେଲର ମାନ୍ୟତା ମଧ୍ୟ ପାଇଥିଲା। ଏହା ସହ ମନୋଜ ଦାସଙ୍କ ଗଳ୍ପ ସଂକଳନର ସମ୍ପାଦନା ମଧ୍ୟ ସେ କରିଥିଲେ। ଯୁବ ବର୍ଗଙ୍କ ପ୍ରେମ କବିତାର ଉଦାତ୍ତ ରେଖାପାତ ସେ ହିଁ କରାଇ ପାରିବାରେ ଧୁରୀଣ ବ୍ୟକ୍ତିତ୍ୱ ଥିଲେ। ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ମଧ୍ୟ ତାଙ୍କୁ ମିଳିଥିଲା। ପରବର୍ତ୍ତୀ ସମୟରେ 'ଅସଫଳ କବିତା' ପ୍ରକାଶିତ ହୋଇ ପ୍ରଚୁର ପାଠକୀୟ ଆଦୃତି ଲାଭ କରିଥିଲା।

**କେବଳ ପତ୍ରିକା ସମ୍ପାଦନ ନୁହେଁ କବିତାର ସାଣିତ ସ୍ୱରକୁ ଅନେକ ଯୁବ ସାହିତ୍ୟିକ ଓ କବିଙ୍କ ଜୀବନ ଭାବଧାରାର ଜଣେ ଉତ୍ତୁଙ୍ଗ କବି ଭାବେ ଈର୍ଷଣୀୟ ସଫଳତାର ସେ ଅଧିକାରୀ ହୋଇଥିଲେ।**

୧୯୬୩ ମସିହାରେ ମେ ୧୩ ତାରିଖର ବରଗଡ଼ରେ ଜନ୍ମଗ୍ରହଣ ପରେ ରାୟଗଡ଼ାରେ ପିଲାଦିନର ସ୍କୁଲ ପାଠପଢ଼ା ବିତିଥିଲା। ପରିବାରରେ ଚାରି ଭାଇ ଓ ଦୁଇ ଭଉଣୀଙ୍କୁ ନେଇ ଏକ ଯୌଥ ପରିବାରର ସେ ଥିଲେ ବଡ଼ ପୁଅ। କିଶୋର ସମୟ କାଟିଥିବା ରାୟଗଡ଼ା ଜିଲ୍ଲାର ନାଗାବଳୀ ନଦୀ ତାଙ୍କୁ ଜଣେ କବି ଭାବେ ଗଢ଼ି ତୋଳିଥିଲା। ରାୟଗଡ଼ାରେ ପାଠପଢ଼ା ପରେ ସ୍ଥାନୀୟ ଜେ.କେ. ପେପର ମିଲ୍ ମହାବିଦ୍ୟାଳୟରେ କିଛି ଦିନ ଅଧ୍ୟାପନା ଦାୟିତ୍ୱ ମଧ୍ୟ ନିର୍ବାହ କରିଥିଲେ। ପରେ ସାହିତ୍ୟରେ ଲେଖନୀ ଓ ସମ୍ପାଦନାରେ ମନୋନିବେଶ କରି ବିଶେଷକରି କବିତା ରଚନାରେ ନିଜକୁ ଅଧିକ ଅତିବାହିତ କରୁଥିଲେ।

ତାଙ୍କ ସାହିତ୍ୟ ଓ କର୍ମମୟ ଜୀବନ 'ନବଲିପି' ସାହିତ୍ୟ ପତ୍ରିକା ସମ୍ପାଦନାରୁ ଆରମ୍ଭ ହୋଇଥିଲା। ଏହାପରେ ଦୈନିକ ପ୍ରମୁଖ ଖବର କାଗଜ 'ସମ୍ବାଦ', 'ସମାଜ'ରେ ମଧ୍ୟ ସେ କିଛି ଦିନ କାର୍ଯ୍ୟ କରିଥିଲେ। ୧୯୯୬ ଅକ୍ଟୋବରରୁ ୨୦୦୯ ଶେଷ ପର୍ଯ୍ୟନ୍ତ ଓଡ଼ିଶାର ଅନ୍ୟତମ ସଫଳ ମାସିକ ଫିଚର ପତ୍ରିକା 'ସଚିତ୍ର ବିଜୟା'ର ସମ୍ପାଦକ, ୨୦୧୦ରୁ ୨୦୧୨ ଯାଏ 'ସାହିତ୍ୟ ପୃଥିବୀ'ର ସମ୍ପାଦକ, ୨୦୧୩ରୁ ୨୦୧୭ ପର୍ଯ୍ୟନ୍ତ 'ଶିଶିର'ର ସମ୍ପାଦକ ଭାବେ କାର୍ଯ୍ୟ ନିର୍ବାହ କରିଥିଲେ। କେବଳ ପତ୍ରିକା ସମ୍ପାଦନ ନୁହେଁ ତାଙ୍କ କବିତାର ଶାଣିତ ସ୍ୱର ଯୋଗୁ ଅନେକ ଯୁବ ସାହିତ୍ୟିକ ଓ କବିଙ୍କ ଜୀବନ ଭାବଧାରାର ଜଣେ ଉତ୍ତୁଙ୍ଗ କବି ଭାବେ ଈର୍ଷଣୀୟ ସଫଳତାର ସେ ଅଧିକାରୀ ହୋଇଥିଲେ। ଲୋକପ୍ରିୟ 'ସଚିତ୍ର ବିଜୟା'ରେ ୧୨ ବର୍ଷରୁ ଉର୍ଦ୍ଧ୍ୱ କାଳ ସମ୍ପାଦନା କରିବା ସମୟରେ ଭାରତର ପତ୍ରିକା ଜଗତରେ ଅନ୍ୟତମ ଲୋକପ୍ରିୟ 'ଜହ୍ନମାମୁଁ' ପତ୍ରିକା ପାଇଁ ମଧ୍ୟ ସେ କାର୍ଯ୍ୟ କରିଥିଲେ। ଅଜସ୍ର ପାଠକୀୟ ଶ୍ରଦ୍ଧା ତାଙ୍କ ରଚନାକୁ ସ୍ମରଣୀୟ କରିଛି। ତାଙ୍କ ଅକାଳ ବିୟୋଗ ଓଡିଆ ସାହିତ୍ୟ ପାଇଁ ଅପୂରଣୀୟ କ୍ଷତି ।

❤ ପ୍ରତିଷ୍ଠାତା, ସମ୍ପାଦକ 'ସିଂହଭୂମ୍', ପୁରୁଣା ସୋନାରି, ଜାମସେଦପୁର,
(ମୋ) : ୭୪୮୮୯୯୮୫୩୨

କବିତା...

## ॥ କବିତା : ଚାରୋଟି ସ୍କେଚ ॥

● ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ



**ସ୍ମୃତି...**

ଅତୀତର ପଣତରୁ
ଯାହା ଚୋରେଇ ଆଣିଲି ଗୋପନରେ
ତାକୁ କଣ ଦେଇପାରିଲି
ତମ ହାତେ,
ଆଞ୍ଜୁଳାଏ ହଉ କି ଆକାଶେ ?
ତାକୁ ଖାଲି ମୋତେ ହିଁ ସାଇତିବାର ଥିଲା
ଧେତ୍ ମୁଁ ବୋକୀ
ଏତକ କୋଉ ବୁଝିପାରିଲି ?

**ବୋକା ଲୋକ...**

ବୋମା ଫୁଟିସାରିଥିଲା
ବାରୁଦର ଗନ୍ଧ
ଲିଭିସାରିଥିଲା ପବନରୁ
କାହିଁ କେଉଁକାଳୁ,
ସମୟ ସହ ଶୁଖି ସାରିଥିଲା
ମାଟି ଉପରୁ,
ଅକୃତ୍ରିମ ରକ୍ତ ନଈ।
କାଲି ଟିଭିରେ
ଦୁଇ ପକ୍ଷ ମଧ୍ୟରେ ଚାଲିଥିଲା
ଘୋମାଘୋଟ ବିତର୍କ
ଶାନ୍ତି ଥାପନା ପାଇଁ !

ନିଜକୁ ଉଭୟ ପକ୍ଷରେ
ଦେଖି ପାରୁନଥିବା
ସପନା ମାଝୀ
ଖାଲି ହସୁଥିଲା ତାଳି ମାରି।

**ବିଚାରୀ କଇଁ...**

ଅସରାଏ ବର୍ଷା ପରେ
ଆକାଶ ପାଇଁ ଆଉ ବାକି ନଥିଲା କିଛି,
ନଥିଲା ବାଦଲ, ନଥିଲା ଉହାଡ଼
ଫୁଟି ଦିଶୁଥିଲା ଜହ୍ନ
ଆଉ ଜଳୁଥିଲା ଅନ୍ଧ ଉପତ୍ୟକା,
କେବେଠୁ ଉଦାସ ଥିଲା କିନ୍ତୁ କଇଁ
ତା'ର ତ ପକ୍ଷେ ଆଲୁଅକୁ
ପକ୍ଷେ ଅନ୍ଧାର
ଆହାଃ ସେ ବିଚାରୀ କଇଁ
ପକ୍ଷହୀନ ହେବା ତା ଜାତକରେ କାଇଁ ?

**ବୋଉ...**

ବାସି ତାରାର ପାଉଁଶକୁ
ତୋଳି ଧରେ ମୁଠାରେ,
ହୀରା ପରି ଖରାକୁ
ଲେସି ହେଇ ପିଠିରେ
ବୋଉ ଡିଆରେ ସ୍ୱପ୍ନ,
ମରୁଡ଼ି ଖାଇଯାଏ ଆଶା
ବନ୍ୟା ଦେଇଯାଏ ବର୍ଷ ବର୍ଷର ଭୋକ ,
ସାତସିଆଁ କାନିରେ
ଚୁପଚାପ ପୋଛିନିଏ ବୋଉ ଲୁହତକ,
ପରଳ ପଡ଼ିଆସୁଥିବା ଆଖିରେ ଦେଖୁଥାଏ,
ସରି ଆସୁଥିବା ସୁଖର ଦିନ ସବୁ।

❤ ସହଦେବଖୁଣ୍ଟା, ବାଲେଶ୍ୱର
ପିନ -୭୫୬୦୦୧
(ମୋ) ୭୭୮୮୯୭୭୨୭୬



## ॥ ଡାକୁଚି କପୋତ ॥

● ନକୁଳ ଚନ୍ଦ୍ର ସାହୁ

କେଉଁ ଦିନ ତୁମେ ଆସିବ
ହେ ମରଣ ପକ୍ଷୀ,
ମୋ ଦେହ ପଞ୍ଜୁରୀ
ତୁମ ପାଇଁ ଖୋଲା ରଖିଚି !

କେତେ ଆଉ ପହଁରିବ ନୀଳକଇଁ
ଯନ୍ତ୍ରଣାର ନେଳି କାସାରରେ;
କେତେ ଆଉ ନାଚିବ
ଲୁହଭିଜା ନୀଳ ଚନ୍ଦ୍ର
ମେଘନୀଳ ଘନ ସମୁଦ୍ରରେ ?

ବଂଶୀର ଅନାହତ ରନ୍ଧ୍ରରେ ଫେରୁଚି
ଡାକି ଡାକି ନୀରବ ବାୟୁ,

ମହୁ,
ମହୁ ନିଅ ମହୁ, ଜୀବନ ମହୁ !
ମୋହିନୀ କଜ୍ଜଳ
ଅଣଚାଶ ଅଖଣ୍ଡ ଉଜ୍ଜ୍ୱଳ
ଅଫୁଟା କମଳ
ଚାରିପାଖ ଉଡୁଚି ଭ୍ରମର !

ଜୀବନର ଫୁଲକ୍ଷେତ
ଅନେଇଚି ତୁମକୁ
ହେ ଆପଣି ପାଦ, ନୀରବ କପୋତ
ମୁଁ ତୁମରି ଅଂଶ !

କେତେଆଉ ସହିବି
ଯନ୍ତ୍ରଣାର ଅସହ୍ୟ ଜ୍ୱଳନର କ୍ଲେଶ ?

❤ ଶବ୍ଦଘର, ଗୋଡିସାହି,
କଟକ-୭୫୪୦୦୬

## ॥ ଅଥୟ କରୁଛି ମତେ ॥

● ଚକ୍ରଧର ପଣ୍ଡା



ଆଜି ଏ ଗଛ ତ, କାଲି ସେ ଗଛ
ଏଇନେ ଏ ଡାଳ ତ
ଆଉ ଟିକକୁ ସେ ଡାଳ,
ପଡୋଶୀଘର ବାଡ଼ିବଗିଚାରେ
କେବେ କେବେ ପୁଣି ।
ଚୈତ୍ର ଆରମ୍ଭରୁ ପହଞ୍ଚିଯାଇଛି ଯେ
ଡାକ ଛାଡୁଛି ଅହରହ,
ସକାଳ, ସଞ୍ଜ, ଖରାବେଳ
ରାତିର ଯେ କୌଣସି ମୁହୂର୍ତ୍ତରେ ବି ।

କେତେ ଆପଣାର ସେ ଡାକ !
ଅଥୟ କରୁଛି ମତେ
ଆନମନା କରୁଛି ବାରମ୍ବାର ।
ଓଠ ପାଖକୁ ନେଉଥିବା
ଭାତ ଗୁଣ୍ଡା ଅଟକିଯାଉଛି,
ଆଧାବାଟରେ ରହିଯାଉଛି ପାଣିଗ୍ଲାସ ।

ପ୍ରତିଟି ଡାକ ତାଆର
ଭେଦିଯାଉଛି ମୋ ଦେହରେ,
ରକ୍ତରେ, କଳିଜାରେ, ମର୍ମରେ ।
ଏମିତି ବି ଲାଗୁଛି -
ଅତି ଆପଣାର କେହି ଜଣେ ମୋର
ଯିଏ ହଜିଯାଇଛି, ଅତୀତରେ,
ତା ଭିତରକୁ ପଶି ଆସିଛିକି ?

ନହେଲେ,
ଏତେ ଆକୁଳ, ଏତେ ଉଚ୍ଚାଟ,
ଏତେ ଅଥୟ ହୁଅନ୍ତି କାହିଁକି ମୁଁ ?
ଘଣ୍ଟା ଘଣ୍ଟା ଧରି ଡାକିବା ପରେ
ଥକି ପଡୁଛି,
ଟିକିଏ ପରେ, ପୁଣି ଆରମ୍ଭ କରୁଛି -
ଗୋଟିଏ ଅସୁସ୍ଥ ଛୋଟ ଡାକରେ,
ପରେ ପରେ ପୁଣି,
'ସାରେଗାମାପା '-ଏଇ ପଞ୍ଚମ ତାନ...
କେତେ ରହସ୍ୟ, ଉଲ୍ଲାସ, ଉଦାସ,
ନିବିଡ଼ ଆବେଗ, ସାନ୍ଦ୍ର ଆବେଦନ
ଚୁମ୍ବକୀୟ ଦାରୁଣ ଆକର୍ଷଣ,
କିଛି ଟିକେ ପାଇବାର ଉତ୍କଣ୍ଠା,
ନମିଳିବାର ଅସହ୍ୟ କାରୁଣ୍ୟ
ଫେଣ୍ଟି ହେଇଯାଉଛି
ସେଇ ଡାକର ଉନ୍ମାଦନା -
ଭିତରେ ତା'ର ।

ମତେ ତ ଘାଣ୍ଟିଚକଟି ପକଉଛି
ଗୋଟାପଣେ !,
କି ଦୁଃଖ, କି ଯନ୍ତ୍ରଣା କି କ୍ଷୁଧା ଇଏ ?
କେତେ କରୁଣ ଏ ନଗ୍ନ ଅଶ୍ଳୀଳତା ?
ଏ ପ୍ରୀତି ଉପାସନା, ଏ ଶୃଙ୍ଗାରକାମନା
ଏ ସୃଷ୍ଟି ଅଭିଳାଷ ?

ପୁରୁଖାମାନେ କହୁଛନ୍ତି :
ସାଥୀଟିଏ ନମିଳିବା ଯାଏଁ
ସିଏ କୁଆଡ଼େ ଏମିତି
ଆକୁଳ, ବିକଳ ହଉଥିବ,
'କୁହୁ କୁହୁ' ଡାକରେ
ବୁଣି ଚାଲିଥିବ କୁହୁକ-କାରୁଣ୍ୟ,
କୋରି ପକଉଥିବ
କଳିଜାକୁ ଆମର ଗୋଟାପଣେ ।

ଜ୍ୟେଷ୍ଠମାସର ପ୍ରଥମ ଦିନ ଆଜି,
ଏ ଯାଏଁ ତ ଏକୁଟିଆ ସିଏ,
ନମିଳିଲା ଯଦି ସାଥୀଟିଏ -
ଏ ବର୍ଷ ପାଇଁ,
କଅଣ ହେବ ହାଥାଲ ତା'ର ?
ଯେତେବେଳେ ମନେପଡ଼ିଯିବ
ମୁଁ ବା କେମିତି ବଂଚିବି ନିର୍ବିକାର
ତା'ର ଏଇ ଦୁଃଖରେ ?

❤ ବରଡ଼େଶ୍ୱର ଛକ,
ବାରିକପୁର, ଭଦ୍ରକ
(ମୋ) : ୯୩୩୭୯୯୫୦୦୮

## ॥ ଦୁଇଟି ଗୀତ ॥

● ରାଜେଶ ପୂଜାରୀ



(ଏକ)

ଯେତେ କହିଲି ମୋ ଅସରା କାହାଣୀ
ଏଥର ବି ସରିଲାନି
ମନ କାଗଜରୁ ଯେତିକି ପୋଛିଲି
ସ୍ମୃତି ସ୍ୟାହି ଲିଭିଲାନି। (୦)

ଆର ଥର ପାଇଁ ରହୁ ଏତିକିରେ
ତୁମେ ଯାଅ ତୁମ ରାହେ
ଗୁମର ଭାବନା ଗୁମରେ ଚାପିଣ
ମୁହିଁ ମୋ ଭାବରେ ରୁହେ
ମୁଁ ଯେ ରାକାରାତି ମୋ ଜୀବନେ କେହି
ନୂଆ ଜୋଛ୍ନା ଭରିଲାନି। (୧)

ସମୟ ମିଳିଲେ ଆସ ଯଦି କେବେ
କିଛି ନ ରଖିବି ବାକି
ଅପାର ଆନନ୍ଦେ ହେବି ଛନ୍ଦାୟିତ
ଉର୍ଦ୍ଧ୍ୱେ ହାତ ଦୁଇ ଟେକି
ପ୍ରୀତିର ବନ୍ୟାରେ ଭସାଇ ବିଷାଦ
ହେବି ପ୍ରେମ ସନ୍ୟାସିନୀ। (୨)

(ଦୁଇ)

ମନ ଅଗଣାରେ ସଦା ସୁରଭିତ
ଅଭୁଲା ସ୍ମୃତିର ଫୁଲ
ଯାହା ଜୀବନର ଶ୍ରେଷ୍ଠ ଉପହାର
ଅଟଇ ଅମୂଲମୂଲ। (୦)

ପରୀ ରାଇଜର ସରଗୀ କବିତା
ଆଞ୍ଜୁଳେ ହସ ଫୁଆରା
ଚୋରା ଚାହାଣୀର ମଧୁର କାହାଣୀ
ଦିନରେ ଦିଶଇ ତାରା
ଯେତକ ଅଚିହ୍ନା ମୁହଁ ସେବେ ଚିହ୍ନା
ସବୁକିଛି ଲାଗେ ଭଲ। (୧)

ମଧୁ ଯାମିନୀର ମଧୁର ଅଙ୍କରେ
ନିଲାମି ମନର ଗୀତ
ମିଳନ ବୀଣାର ସୁରରେ ଅଧୀରେ
ଫୁଟେ ଲକ୍ଷେ ପାରିଜାତ
ଧନ୍ୟ ସେ ସୁଷମା ଅସରା ଉପମା
ନାହିଁ କେହି ସମତୁଲ। (୨)

❤ କୁଶମେଲ, ଝାରସୁଗୁଡ଼ା
(ମୋ) ୮୧୪୪୭୭୯୦୬୧

# ବସ୍ତୁବାଦୀ ଲାଳସାକୁ ଏଡ଼ାଇ ଯିଏ ଶବ୍ଦର ମହନୀୟ ବନ୍ଦୀତ୍ୱ ସ୍ୱୀକାର କରେ ସେ ହିଁ ସ୍ରଷ୍ଟା : ଫଣୀନ୍ଦ୍ର ଭୂଷଣ ନନ୍ଦ

**ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ** ଉତ୍ତର ଅଶି ଓଡିଆ ସାହିତ୍ୟର ଏକ ଶ୍ରଦ୍ଧାଶୀଳ ଉଚ୍ଚାରଣ । ତାଙ୍କର ସାରସ୍ୱତ ସ୍ୱାକ୍ଷର ଓଡିଶାର ବିଭିନ୍ନ ପତ୍ରପତ୍ରିକାରେ ନିରବଚ୍ଛିନ୍ନ ପ୍ରକାଶିତ ଓ ପ୍ରଶଂସିତ । ତରଳ ସ୍ମୃତିର ଗନ୍ତାଘର, ଅଲୋଡା ଶବ୍ଦ ଓ ଅନ୍ତଃ ପ୍ରକୃତିର ସ୍ନିଗ୍ଧ ପରିପାର୍ଶ୍ୱରୁ କବିତାର ଉତ୍ସ ସଂଧାନ ହିଁ ତାଙ୍କର ସାହିତ୍ୟ । ଅନାଲୋଚିତ ସାରସ୍ୱତ ରଥିମାନଙ୍କୁ ସମ୍ମାନ ପ୍ରଦାନ ତାଙ୍କର ଅନ୍ୟତମ ବୈଶିଷ୍ଟ୍ୟ । ବାମଣ୍ଡାର ସାରସ୍ୱତ ଐଶ୍ୱର୍ଯ୍ୟକୁ ପାଠକ ସମ୍ମୁଖରେ ଉନ୍ମୋଚିତ କରିବାରେ ତାଙ୍କର ମନନଶୀଳ ଦୃଷ୍ଟିଭଙ୍ଗୀର ସାମର୍ଥ୍ୟ ପ୍ରତିପାଦିତ । ତାଙ୍କ ସହ ଏଥରର ଆଳାପ...

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ



■ କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ ଉତ୍ତରାଧିକାରୀ ସୂତ୍ରରେ ମୋ ଭିତରେ ସାରସ୍ୱତ ଅଭିପ୍ସା ଜାଗୃତ ହୋଇଥିଲା। ଆମ ଘରେ ମହାଭାରତ, ରାମାୟଣ ଓ ବିଭିନ୍ନ ପୁରାଣ ସହିତ ରାଧାନାଥ, ବାସୁଦେବ ସୁଢ଼ଳଦେବ, ଗଙ୍ଗାଧର, ଫକୀରମୋହନ ପ୍ରଭୃତିଙ୍କ ଗ୍ରନ୍ଥାବଳୀ ମହଜୁଦ ଥିଲା। ଏହା ସହିତ ଉତ୍କଳ ସାହିତ୍ୟ, ସହକାର, ମୁକୁର ପ୍ରଭୃତିର ପୁରୁଣା ସଂଖ୍ୟା ସହିତ ଝଙ୍କାର, ଆସନ୍ତାକାଲି, ନବଜୀବନ ପ୍ରଭୃତି ପତ୍ରିକା ଆସୁଥିଲା। ମାଟ୍ରିକ୍ ପରୀକ୍ଷା ଦେବା ପୂର୍ବରୁ ଏସବୁକୁ ପଢ଼ି ସାରିଥିଲି। ପୁସ୍ତକର ଆକର୍ଷଣ ମୋତେ ମୋହାଚ୍ଛନ୍ନ କରିଥିଲା। ଏଥିସହିତ ଜଙ୍ଗଲର ଆକର୍ଷଣ, ପ୍ରପାତର ମୂର୍ଚ୍ଛନା, ପୁରାଣର ଲାଳିତ୍ୟ କଏରୁମୁଣ୍ଡା ଜଙ୍ଗଲକୁ ଯାଉଥିବାବେଳେ ଗାଉଥିବା ଅଜଣା ଗୀତର ସ୍ୱର ମୋତେ ସର୍ଜନମନସ୍କ କରିଛି। ଏବେ କେମିତି କହିବି ମହାଭାରତର ଝଙ୍କାର ନା ପତ୍ରିକାର ଆକର୍ଷଣ ନା ସାଧାରଣ ମଣିଷର ଲୋକଗୀତ ମୋତେ ସର୍ଜନମନସ୍କ କରିଛି। ଏମିତି ଏକ ସାରସ୍ୱତ ଅଭିନିବେଶ ଭିତରେ ବାମଣ୍ଡାର ମହୀୟାନ ସାରସ୍ୱତ ଧାରା ମୋତେ ମନ୍ତ୍ରମୁଗ୍ଧ କରିଥିଲା ଏବଂ ମୋର ଅଜାଣତରେ ରାଜା ବାସୁଦେବ ଉଚ୍ଚବିଦ୍ୟାଳୟର ମୁଖପତ୍ର 'ବାଣୀ' ରେ ମୋର କବିତା ଓ ରଚନା ୧୯୭୪ ବେଳକୁ ପ୍ରକାଶ ପାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଓଡ଼ିଶାର ବିଭିନ୍ନ ପତ୍ରପତ୍ରିକାରେ ମୋର ଅନେକ କବିତା, ଗଳ୍ପ ଓ ପ୍ରବନ୍ଧ ଆଦି ପ୍ରକାଶ ପାଇଛି।

■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ମୋର ସାରସ୍ୱତ ପ୍ରେରଣା ପ୍ରକୃତି, ବାମଣ୍ଡାର ସାରସ୍ୱତ ସିକ୍ତ ମାଟି। ଏକଲବ୍ୟ ପରି ମୋର ସାରସ୍ୱତ ସାଧନା। ଆଦ୍ୟଗୁରୁ ସାରଳା ମହାଭାରତ ଏହାର ଅଧ୍ୟୟନ ହିଁ ମୋର ସାରସ୍ୱତ ପ୍ରତିଭାକୁ ଋଦ୍ଧିମନ୍ତ କରିଥିଲା। ସାହିତ୍ୟର ଆଦ୍ୟସ୍ଫୁରଣ ପ୍ରକୃତି ଦ୍ୱାରା ଅନୁପ୍ରେରିତ ନା ବହି ଅଧ୍ୟୟନର ଫଳପ୍ରସୂ ନା ଅଜସ୍ର ଲୋକଜୀବନର ସମ୍ପୃକ୍ତିରୁ ଉଦ୍ଭୂତ ଏହା କହିବା କଷ୍ଟକର।

■ ଆପଣ କବିତା ଓ ପ୍ରବନ୍ଧ ଉଭୟ ଲେଖନ୍ତି, କିନ୍ତୁ କେଉଁଥିରେ ଆପଣ ବେଶୀ ସ୍ୱଚ୍ଛନ୍ଦ ?

■■ କବିତାରେ ମୁଁ ତଲ୍ଲୀନ, ପ୍ରବନ୍ଧରେ ମୁକ୍ତ। କବିତା ମୋତେ ଦେଇଛି ପରିଚୟ, ପ୍ରବନ୍ଧ ସ୍ୱୀକୃତି। ଅଜଣା ତଥ୍ୟକୁ ଲୋକଲୋଚନକୁ ଆଣିବା ମୋର ସମାଲୋଚକୀୟ ଦୃଷ୍ଟିଭଙ୍ଗୀ। ସତ୍ୟକୁ ଖୋଜିବା ଯେମିତି ମୋର ସାରସ୍ୱତ ଆଭିମୁଖ୍ୟ। କବିତା ମୋର ଆତ୍ମାର ବାତାୟନକୁ ଖୋଲୁଥିବାବେଳେ ପ୍ରବନ୍ଧ ଦିଗନ୍ତକୁ ସ୍ପଷ୍ଟ କରିଛି। କେଉଁଥିରେ ସ୍ୱଚ୍ଛନ୍ଦ, ପ୍ରାଞ୍ଜଳ ଓ ସଫଳ ପାଠକେ କହିବେ।

■ କୁହାଯାଏ ଈଶ୍ୱରଦତ୍ତ ପ୍ରତିଭା ନଥିଲେ ଜଣେ ମଣିଷ କବି ବା ଲେଖକ ହୋଇପାରେ ନାହିଁ। ଆପଣ ଏ ସମ୍ପର୍କରେ କ'ଣ ମତ ରଖିବେ ?

■■ ମୁଁ ଜାଣେନା, କିନ୍ତୁ ଯିଏ ଅନ୍ୟ ପାଇଁ ନର୍କ ଭୋଗକରେ ସେ ହିଁ କବି। ଭିଟାମାଟିରୁ ଉଚ୍ଛେଦ ହେବାର ଦୁଃଖ, ମାଇଲ ମାଇଲ ଜଙ୍ଗଲ ଉଜୁଡ଼ିଯିବାର ଭୟାବହତା, ନିଜର ଘର ଓ ଜମି ଅନ୍ୟମାନେ ମାଡ଼ିବସିବାର ତ୍ରସ୍ତତା ଭିତରେ ସ୍ରଷ୍ଟାଟିଏ ଅବିଚଳିତ ରହେ। ପରିବାର ଓ ସମାଜଜୀବନ ଉଜୁଡ଼ି ଯାଉଥିବାବେଳେ ସାରସ୍ୱତ ସମ୍ମୋହନ ଯାହାକୁ ଆକର୍ଷିତ କରେ, ବସ୍ତୁବାଦୀ ଲାଳସାକୁ ଏଡ଼ାଇ ଯିଏ ଶବ୍ଦର ମହନୀୟ ବନ୍ଦୀତ୍ୱ ସ୍ୱୀକାର କରେ ସେ ହିଁ ସ୍ରଷ୍ଟା।

■ ମାତୃଭାଷା ଏବେ ସଙ୍କଟରେ। ଏଥିରୁ ମୁକ୍ତି ପାଇବାର ମାର୍ଗ ଗଳ୍ପ/ କବିତାକୁ ଆଧାର କରି କରାଯାଇପାରିବ କି ?

■■ ମାତୃଭାଷା ଏବେ ସଙ୍କଟରେ, ଏଥିରେ ମୁଁ ଏକମତ ନୁହେଁ। ଆମେ ହିଁ ତା'ର ଶତ୍ରୁ। ଶିକ୍ଷିତ, ସହରୀ ଓ ସଭ୍ୟ ବୋଲାଉଥିବା ଲୋକେ ହିଁ ମାତୃଭାଷାକୁ ସଙ୍କଟକୁ ଠେଲିଦିଅନ୍ତି। ଗାଁରେ ଏବେ ବି ଓଡ଼ିଆ ଭାଷାରେ କଥା କୁହାଯାଏ। ପ୍ରତି ବାକ୍ୟରେ ନବେ ଶତକଡ଼ା ଓଡ଼ିଆ ଶବ୍ଦ ଥାଏ। ଆଉ ଅନ୍ୟ ପ୍ରାଦେଶିକ ତଥା ବୈଦେଶିକ ଶବ୍ଦ କିଛି ରହିବ, ଏଥିରେ ଆତଙ୍କିତ ହେବାର କିଛି ନାହିଁ। ଆମର ସାଧାରଣ ଲୋକଙ୍କ ଭାଷାରେ ଓଡ଼ିଆ ଢଗଢ଼ମାଳି ପୁରାଣପ୍ରାଚୁର୍ଯ୍ୟ ରହିଛି, ଏହା ହିଁ ଆମ ଭାଷାର ସାମର୍ଥ୍ୟ। ପ୍ରତିଟି ଭାଷା ଏକ ସ୍ରୋତସ୍ୱିନୀ। ଏଥିରେ ବାହ୍ୟସ୍ରୋତ ମିଶି ଋଦ୍ଧିମନ୍ତ ହୁଏ। ଭାଷା କ୍ଷେତ୍ରରେ ଏହା ସମ୍ପୂର୍ଣ୍ଣଭାବେ ସତ୍ୟ। ଗଳ୍ପ / କବିତା ଭାଷା ଦରବାରର ଏକ ଏକ ପାରିଷଦ ମାତ୍ର। ସାମଗ୍ରୀକ ଭାବେ ଭାଷାର ସମୃଦ୍ଧି ପାଇଁ ଲେଖକ ବୁଦ୍ଧିଜୀବୀଙ୍କଠାରୁ ସାଧାରଣ ଲୋକଙ୍କ ଭୂମିକା ବେଶି। ଆମ ଘର ସଜାଡୁଥିବା ସ୍ତ୍ରୀଲୋକମାନେ ମାତୃଭାଷାର ଶ୍ରେଷ୍ଠ ଉପାସକ। ତାଙ୍କ କଥାରେ ହିଁ ଭାଷାର ସାମର୍ଥ୍ୟ ପ୍ରତିଫଳିତ। ଭାଷାକୁ ସମୃଦ୍ଧ କରିବାରେ ଗଳ୍ପ / କବିତାର ଭୂମିକା ରହିଛି ଏବଂ ସେଥିରେ ଆମ ଐତିହ୍ୟ, ପରମ୍ପରା ଓ ସଂସ୍କୃତିର ଅମଳିନ ଚିତ୍ର ରହିଲେ ଏହା ମହିମାମଣ୍ଡିତ ହେବ।

■ ଲେଖକଟିଏ ଚାହିଁଲେ ତା' ଲେଖାରେ କାହାର ମାନସିକତା ପରିବର୍ତ୍ତନ କରିପାରିବ ବୋଲି ଆପଣ ଆଶାବାଦୀ କି ?

■■ ନିଶ୍ଚିତଭାବେ କରିପାରିବ। କିନ୍ତୁ ଏହା ମନୋବିଜ୍ଞାନସ୍ତରରେ ଏତେ ସୂକ୍ଷ୍ମଭାବେ ସଂଘଟିତ ହୁଏ ଯେ ତାକୁ କଳନା କରିବା ଦୁଷ୍କର ହୋଇଉଠେ। ଇତିହାସ କୁହେ, ଗୋଟିଏ ଗୋଟିଏ ଲେଖା ଏକ ଏକ ବିପ୍ଳବର ଜନ୍ମଦାତ୍ରୀ। ସେମିତି ପ୍ରତିଟି ଲେଖାରେ ପ୍ରତ୍ୟକ୍ଷଭାବେ ସାମାଜିକ ବାର୍ତ୍ତାଟିଏ ଥାଏ। ଲେଖକଟି ଯେଉଁ ସମାଜରେ ଆତଯାତ ହୁଏ ସେହି ସମାଜର ଏକ ଅଙ୍ଗଭାବେ ତା'ର ସୁଖ ଦୁଃଖରେ ସେ ସମଭାଗୀ। ଗଳ୍ପ ଓ କବିତାର ପାଠକୀୟ ଆବେଦନ ଖୁବ୍ ପ୍ରଖର। ଏହା ପାଠକର ମାନସିକତାରେ ଗଭୀର ରେଖାପାତ କରେ। ଲେଖାଟିର କରୁଣ / ବ୍ୟଙ୍ଗାତ୍ମକ ଚିତ୍ର ପାଠକର ନିଜସ୍ୱ ଅନୁଭୂତିକୁ ଉଖାରିଦିଏ। ଲେଖାର ସ୍ରୋତରେ ଭାସିଯିବାକୁ ବାଧ୍ୟହୁଏ ପାଠକ। ନିଜର ସମସ୍ୟାକୁ ସମାଧାନ କରିବା କ୍ଷେତ୍ରରେ ଦେଖାଦେଉଥିବା ଅସାମଞ୍ଜସ୍ୟକୁ ସେ ପଠିତ ଲେଖାର ଅଦୃଷ୍ଟ ସହିତ ଯୋଡ଼ିଦିଏ ଏବଂ ଗ୍ରହଣ କରିନିଏ ଲେଖାରେ ପ୍ରତିଫଳିତ ସମାଧାନ। ଏହାର ଦୃଷ୍ଟାନ୍ତ ପ୍ରତିଟି ପାଠକର ଜୀବନରେ ସହଜଲଭ୍ୟ।

■ ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ ଆପଣ କେତେ ଆଶାବାଦୀ ?

■■ ସ୍ଥିତିଶୀଳତାକୁ ଯଦି ସାହିତ୍ୟର ଗୁଣବତ୍ତା ବୋଲି ଆପଣ ଗ୍ରହଣ କରନ୍ତି, ତେବେ ଓଡ଼ିଆ ସାହିତ୍ୟର ଗୁଣବତ୍ତା ପ୍ରଥମରୁ ଶେଷଯାଏ ଏକ ମହନୀୟ ଉତ୍କର୍ଷତାକୁ ସ୍ପର୍ଶ କରିଛି। ଓଡ଼ିଆ ସାହିତ୍ୟର ପ୍ରଥମ ସୂର୍ଯ୍ୟୋଦୟ ସାରଳା ମହାଭାରତକୁ ଦେଖିଲେ ଏହାର ଅନବଦ୍ୟ ସାମର୍ଥ୍ୟ ଓ ବହୁମୁଖୀ ଗୁଣବତ୍ତା ସୁସ୍ପଷ୍ଟ ହୁଏ। କିନ୍ତୁ ସ୍ଥିତିଶୀଳତାକୁ ଯଦି ଅପ୍ରଭାବିତ ଓ ସ୍ଥିର ବୋଲି ଗ୍ରହଣ କରିବେ, ତେବେ କୌଣସି ସାହିତ୍ୟ ସ୍ଥିତିଶୀଳ ନୁହେଁ ବରଂ ଗତିଶୀଳ। ପୂର୍ବରୁ କୁହାଯାଇଛି ଭାଷା-ସାହିତ୍ୟ ଗତିଶୀଳ ସ୍ରୋତସ୍ୱିନୀ ପରି ଏହା ବିଭିନ୍ନ ଜଳସ୍ରୋତକୁ ଆହରଣ କରି ନିଜକୁ ସମୃଦ୍ଧ କରିଥାଏ। ସାହିତ୍ୟ ସେମିତି ବିଭିନ୍ନ ଧାରା, ବିଭିନ୍ନ ଭାଷାର ପ୍ରଭାବରେ ଋଦ୍ଧିମନ୍ତ ହୋଇଥାଏ। କୌଣସି ସାହିତ୍ୟ ସ୍ଥିର ହୋଇ ରହିଲେ ତାହାର ଉନ୍ନତି ସମ୍ଭବ ନୁହେଁ। ଏଣୁ ସାହିତ୍ୟରେ ବାହ୍ୟ ପ୍ରଭାବ ସବୁବେଳେ ସ୍ୱାଗତଯୋଗ୍ୟ। ଆମ ସାହିତ୍ୟରେ ସାରଳା ମହାଭାରତରେ ପ୍ରାକୃତ, ସଂସ୍କୃତ ଓ ଲୋକଜୀବନର ଚିତ୍ର ପ୍ରତିଫଳିତ ହୋଇଥିଲା। ଏତଦ୍‌ବ୍ୟତୀତ ବିଭିନ୍ନ ଯାବନିକ ଶବ୍ଦର ସମାହାର ଏହାକୁ ସମୃଦ୍ଧ କରିଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ବିଭିନ୍ନ ପ୍ରାଦେଶିକ ଭାଷା-ସାହିତ୍ୟ ଦ୍ୱାରା ଏପରିକି ଇଂରେଜ ଶାସନ ସମୟରେ ଇଂରେଜ ସାହିତ୍ୟର ପ୍ରଭାବରେ ଆମର ସାହିତ୍ୟ ଋଦ୍ଧିମନ୍ତ ହୋଇଛି। କୌଣସି ସାହିତ୍ୟ ଦ୍ୱାରା ପ୍ରଭାବିତ ହେଲେ ମଧ୍ୟ ଓଡ଼ିଆ ସାହିତ୍ୟ ଯେତେବେଳେ ନିଜର ମୌଳିକତାକୁ ଅକ୍ଷୁର୍ଣ୍ଣ ରଖେ, ତାହା ହିଁ ଏକ ବଳିଷ୍ଠ ଓ ସମୃଦ୍ଧ ସାହିତ୍ୟର ସୂଚନା ପ୍ରଦାନ କରିଥାଏ। ଏଣୁ ଓଡ଼ିଆ ସାହିତ୍ୟର ଐତିହାସିକ ଅଗ୍ରଗତି ସବୁବେଳେ ନିଜର ମୌଳିକତାକୁ ପ୍ରତିପାଦିତ କରିଛି ଏବଂ ନିଜର ମହନୀୟତାକୁ ପ୍ରକାଶ କରିଛି।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ନିକଟକୁ ଯାଉ ବୋଲି ଆପଣ ଚାହିଁବେ ?

■■ ଲେଖକ ଜୀବନରେ ତା'ର ସୃଷ୍ଟି ହିଁ ତାକୁ ଅମଳିନ ଆନନ୍ଦ ପ୍ରଦାନ କରିଥାଏ। ତା'ର ଅନର୍ଘ ସାରସ୍ୱତ ଯାତ୍ରାରେ ସାହିତ୍ୟିକ ସୃଷ୍ଟି ଓ ପାଠକୀୟ ପ୍ରଶଂସା ତାକୁ ଅଗ୍ରଗମନ ପାଇଁ ଅନୁପ୍ରେରଣା ଯୋଗାଇଥାଏ। ନିରୋଳା ସାହିତ୍ୟିକଟିଏ ନିଜେ ଆନନ୍ଦ ପାଇବା ସହିତ ଯଦି ପାଠକ ମନରେ ନିର୍ମଳ ଆନନ୍ଦ ସୃଷ୍ଟି କରିପାରିଲା ତେବେ ତାହା ହିଁ ତା'ର ସର୍ବଶ୍ରେଷ୍ଠ ପୁରସ୍କାର। ସାହିତ୍ୟିକ ଜୀବନରେ ମିଳୁଥିବା ପୁରସ୍କାରଗୁଡ଼ିକ ତାକୁ କେତେକାଂଶରେ ପ୍ରବୋଧିତ କରେ ଏବଂ ସୃଷ୍ଟିକୁ ଗୁଣାତ୍ମକ ମାନଦଣ୍ଡରେ ପ୍ରତିଷ୍ଠିତ କରିଥାଏ। କିନ୍ତୁ ପୁରସ୍କାରଟିଏ ଲେଖକ ଜୀବନର ସବୁକିଛି ନୁହେଁ। ସାଂପ୍ରତିକ ଯୁଗରେ ପୁରସ୍କାର ପଛପଟେ ଦେଖାଯାଉଥିବା ପ୍ରହେଳିକାଗୁଡ଼ିକ ସତ୍‌ସାହିତ୍ୟିକକୁ କଷ୍ଟ ଦେଇଥାଏ। ସାରସ୍ୱତ ଯାତ୍ରା ମଧ୍ୟରେ ଯଦି ପୁରସ୍କାରଟିଏ ଆସେ ତାକୁ ସାହିତ୍ୟିକ ସ୍ୱାଗତ କରିଥାଏ, କିନ୍ତୁ ପୁରସ୍କାର ଅପେକ୍ଷା ପାଠକୀୟ ସ୍ୱୀକୃତିକୁ ସେ ଅଗ୍ରାଧିକାର ଦେଇଥାଏ। ସାହିତ୍ୟ ମାଧ୍ୟମରେ ସତ୍ୟର ପ୍ରତିଷ୍ଠା ଏବଂ ସମସ୍ତଙ୍କୁ (ଜୀବରୁ ଜଗତ) ଆପଣେଇ ନେବାର ବାର୍ତ୍ତାଟିଏ ହିଁ ସର୍ବଶ୍ରେଷ୍ଠ ବୋଲି ମୁଁ ମନେକରେ। ❤❤

## ■ ଅଳ୍ପରେ ଫଣୀନ୍ଦ୍ର ଭୂଷଣ..



ଜନ୍ମ : ୦୭ ମାର୍ଚ୍ଚ ୧୯୬୦

ନିବାସ- ଦେବଗଡ଼ ଜିଲ୍ଲାର ରେଙ୍ଗତା ଗ୍ରାମ (ସଂପ୍ରତି ରେଙ୍ଗାଳୀ ବନ୍ଧ ଯୋଜନା ଦ୍ୱାରା ଜଳମଗ୍ନ) ବର୍ତ୍ତମାନ ବାରକୋଟଠାରେ ଅବସ୍ଥାନ

(ମୋ) ୯୪୩୭୨୫୬୧୭୬

### ■ ପ୍ରକାଶିତ ପୁସ୍ତକ ■

**ପ୍ରବନ୍ଧ**

୧- ସମ୍ବଲପୁର ହିତୈଷିଣୀ : ଏକ ଅଧ୍ୟୟନ (ଗବେଷଣା ନିବନ୍ଧ) :୨୦୦୨
୨- ଅନନ୍ୟ ଅନ୍ୱେଷା :୨୦୧୧
୩- ଅମୃତ ଅଭୀପ୍ସାର ସନ୍ଦର୍ଭ : ୨୦୧୬
୪- ସାର୍ ସୁଢ଼ଳଦେବଙ୍କ ସମକାଳର ସ୍ରଷ୍ଟା ଓ ସୃଷ୍ଟି:୨୦୧୬
5- Birds of Ansupa (Co-author-2019) ,
6- Macrophytes of Ansupa ( Co- author - 2019)
୭- ଅକ୍ଷର ଗଳ୍ପାକ୍ଷର (୨୦୨୧)
୮-- ଅମୂର୍ତ୍ତ କଳ୍ପନାର ଇସ୍ତାହାର (୨୦୨୪)

**ଗଳ୍ପ**

୧- ଶିଳାର ସ୍ୱପ୍ନ :୨୦୦୪

**କବିତା**

୧- ନିଶବ୍ଦ ଆକାଶର ଡାକ :୧୯୯୩
୨- ଅରଣ୍ୟର ଡାକ : ୨୦୦୦
୩- ଶୂନ୍ୟବିନ୍ଦୁ :୨୦୦୨
୪- ବଣରାଇଜ :୨୦୦୨
୫- ପାଦ ନାହିଁ ବୋଲି :୨୦୦୯
୬- ଯା' ଆକାଶ ହୋଇଯା :୨୦୧୪
୭- ନିଜ ନିଜର ସମୁଦ୍ର :୨୦୧୫
୮- ସମୟ କୁହେନା କିଛି : ୨୦୧୯
୯- ଭାବନାର ଦସ୍ତଖତ : ୨୦୨୧

**ଜୀବନୀ**

୧- ସାର୍ ବାସୁଦେବ ସୁଢ଼ଳ ଦେବ :୨୦୦୪
୨- ସଚ୍ଚିଦାନନ୍ଦ ତ୍ରିଭୁବନ ଦେବ:୨୦୦୮
୩- ସାହିତ୍ୟ ସାଧକ ଜଳନ୍ଧର ଦେବ:୨୦୧୯
୪- ଗୋପୀନାଥ ନନ୍ଦ: ୨୦୨୩
୫- ଶ୍ୟାମସୁନ୍ଦର ରାଜଗୁରୁ: ୨୦୨୩

**ସମ୍ପାଦନା ...**

୧- ପ୍ରଧାନ ପାଟ :୨୦୦୩
୨- ବାସୁଦେବ ଗ୍ରନ୍ଥାବଳୀ :୨୦୦୩ ,
୩- ସଚ୍ଚିଦାନନ୍ଦ ତ୍ରିଭୁବନ ଦେବ ଗ୍ରନ୍ଥାବଳୀ :୨୦୦୪
୪- ଜଳନ୍ଧର ଦେବ ଗ୍ରନ୍ଥାବଳୀ:୨୦୧୨
୫- ମୌଲାନା ମୁସ୍ତକିମ ଖାଁ ଗ୍ରନ୍ଥାବଳୀ :୨୦୧୪
୬-- ହରିହର ମହାପାତ୍ର ଗ୍ରନ୍ଥାବଳୀ :୨୦୧୫
୭- ବୃନ୍ଦାବନ ନାଥଶର୍ମା ରଚନା ସମଗ୍ର : ୨୦୧୮
୮- ବାମାଚରଣ ସୃଜନ ସମ୍ଭାର ୧ମ ଭାଗ : ୨୦୧୮
୯- ବାମାଚରଣଙ୍କ ଶ୍ରେଷ୍ଠ ଗଳ୍ପ :୨୦୧୯
୧୦- ଅଂଶୁପା : ୨୦୧୯
୧୧- ଚିଲିକା :୨୦୨୦
୧୨- ଦୀନବନ୍ଧୁ ଗଡ଼ନାୟକ ଗ୍ରନ୍ଥାବଳୀ : ୨୦୨୦
୧୩- ଗିରିଧାରୀ ନନ୍ଦଶର୍ମା ଗ୍ରନ୍ଥାବଳୀ : ୨୦୨୦
୧୪- ବାମାଚରଣ ସୃଜନ ସମ୍ଭାର ୨ୟ ଭାଗ : ୨୦୨୨



ପ୍ରାଣପ୍ରିୟା ପତ୍ନୀଙ୍କ ସହ ଫଣୀନ୍ଦ୍ର ଭୂଷଣ.......



ନାତି ନାତୁଣୀଙ୍କ ସହ ଫଣୀନ୍ଦ୍ର ଭୂଷଣ...



ସମୁଦି ଓ ସମୁଦୁଣୀଙ୍କ ସହ ଲେଖକ ଦମ୍ପତ୍ତି...



ସୁଖୀ ପରିବାର : ପ୍ରାଣପ୍ରିୟା ପତ୍ନୀ, ପୁତ୍ର ଓ ପୁତ୍ରବଧୂଙ୍କ ଗହଣରେ ଲେଖକ...

## ପ୍ରିୟ ପାଠକ-୧୬

# ପାଠକ ମୋତେ ଜୋତାହାର ଓ ଫୁଲହାର ଉଭୟ ଦେଇଛନ୍ତି



**ସରୋଜିନୀ ସାହୁ**

ମୋ ଜୀବନକାଳ ଭିତରେ ପାଇଥିବା ତିନୋଟି ପାଠକୀୟ ମତାମତକୁ ମୁଁ ଆଦୌ ଭୁଲି ପାରି ନାହିଁ । ୧୯୭୨/୭୩ ଆଡ଼ର କଥା । ଆସନ୍ତାକାଲି ପତ୍ରିକାରେ ମୋର ଗଳ୍ପ 'ଦର୍ପଣରେ ଅଚିହ୍ନା ମୁହଁ' ପ୍ରକାଶ ପାଇଥିଲା । ମୁଁ ସେତେବେଳେ ଆଇ.ଏ ପଢୁଥିଲି ।

ସତୁରି ଦଶକରୁ, (ଲେଖାଲେଖି ଆରମ୍ଭ କରିବା ଦିନରୁ) ମୁଁ ପାଠକଙ୍କ ବଳୟ ଭିତରେ ରହି ଆସିଛି। ଗୋଟେ ଲେଖକର ବୋଧହୁଏ ତାହାହିଁ ସମ୍ବଳ । ପାଠକହୀନ ଲେଖକର ସ୍ଥିତି ହିଁ ନାହିଁ । ଯେହେତୁ ମୁଁ ମୁକ୍ତ ମାନସିକତାରେ ବିଶ୍ୱାସ ରଖେ କିଂବା ମୋ ଲେଖାର ତାହା ଧାରା, ତେଣୁ ମୁଁ ଦୁଇ ଶ୍ରେଣୀର ପାଠକ ପାଇ ଆସିଛି ଆଜି ସୁଦ୍ଧା । କେହି କେହି ମୋର ନିସଂକୋଚ ଭାବର ବର୍ଣ୍ଣନା ଶୈଳୀକୁ ମୋର ଔଦ୍ଧତ୍ୟ ମନେକରି ନିନ୍ଦା କରିଥାନ୍ତି ଓ କେହି କେହି ଏହାକୁ ମୋର ସାହସିକ ପଦକ୍ଷେପ କହି ପ୍ରଶଂସା କରି **path breaker** ବୋଲି କହିଥାନ୍ତି । ମୋ 'ରେପ୍' ଗଳ୍ପଟି ଓଡ଼ିଆରେ କଥା ପତ୍ରିକାରେ ପ୍ରକାଶ ପାଇବା ପୂର୍ବରୁ ମୁଁ ଗଳ୍ପଟିର ହିନ୍ଦୀ ଅନୁବାଦ ଭୋପାଲର ଭାରତ ଭବନରେ ଆୟୋଜିତ, ସର୍ବଭାରତୀୟ ସାହିତ୍ୟ ସଭା'ରେ ପାଠ କରିଥିଲି। ଗଳ୍ପଟି ସେଠାରେ ବେଶ୍ ଆଦୃତ ହୋଇଥିଲା । ଏମିତିକି ବଙ୍ଗଳା ଓ ମରାଠୀରେ ଅନୁବାଦ କରିବା ପାଇଁ ଦୁଇଜଣ ସହ ଗାଳ୍ପିକ ମୋ ପାଖରୁ ଅନୁମତି ପତ୍ର ମଧ୍ୟ ନେଇଥିଲେ । ପରବର୍ତ୍ତୀ ସମୟରେ ଅନୁବାଦ କରି ପତ୍ରିକାରେ ପ୍ରକାଶ ମଧ୍ୟ କରାଇଥିଲେ । ସେଇ ଗପଟି ଯେତେବେଳେ କଥାରେ ପ୍ରକାଶ ପାଇଲା, ଓଡ଼ିଶାରେ ବିତର୍କିତ ଗଳ୍ପରେ ପରିଣତ ହେଲା । କିଛି ପାଠକ ଗଳ୍ପ ସପକ୍ଷରେ ଓ ଅନ୍ୟ କିଛି ଗଳ୍ପ ବିପକ୍ଷରେ ବାହାରି ପଡ଼ିଥିଲେ । ଦୀର୍ଘ ମାସ ଧରି ବିତର୍କ ଚାଲି ରହିଥିଲା। ଏମିତିକି ଗଳ୍ପ ଲେଖାର ଷୋହଳ ବର୍ଷ ପରେ ଜଣେ ଲେଖକ (ପାଠକ) ରାତି ଅଧରେ ମୋତେ ଫୋନ୍ କରି ଗାଳି ବି ଦେଇଥିଲେ । ଅଥଚ ସେଇ ଗଳ୍ପଟି ବାଂଲାଦେଶରୁ ବଙ୍ଗଳାରେ, ଫ୍ରେଞ୍ଚ୍, ଫେରୁଭିଆନ୍‌ରେ, ପର୍ତ୍ତୁଗୀଜ୍‌ରେ, ଚାଇନିଜ୍‌ରେ, ଇଂରାଜୀରେ ହାଇପର କଲିନ୍ସ ଦ୍ୱାରା ଓ ଅଧିକାଂଶ ଭାରତୀୟ ଭାଷାରେ ଅନୁଦିତ ହୋଇ ପ୍ରଶଂସା ଭାଜନ ହୋଇଛି । ସେଇଥିପାଇଁ ମୁଁ କହେ, ପାଠକ ମୋତେ ଜୋତାହାର ଓ ଫୁଲହାର ଉଭୟ ଦେଇଛନ୍ତି ।

ମୋର କିଛି ନିୟମିତ ପାଠକ ଅଛନ୍ତି ଯେଉଁମାନେ ମୋ ଗଳ୍ପ ଖୋଜି କି ପଢ଼ନ୍ତି । ସେମାନେ ଚିଠିରେ (ପୂର୍ବରୁ) ଫୋନ୍‌ରେ ସେମାନଙ୍କ ପାଠକୀୟ ମତାମତ ରଖିଥାନ୍ତି। ଯାହା ମରି ଆସୁଥିବା ଉତ୍ସାହକୁ ପୁଣି ଉଦ୍‌ଜୀବିତ କରି ଦେଇଥାଏ । ଏମିତିରେ ମୁଁ ଖୁବ୍ କମ୍ ଲେଖେ । ବର୍ଷକୁ ଚାରୋଟି ବୋଧହୁଏ ଗଳ୍ପ ଲେଖିଥାଏ । ତେଣୁ ମୋର ଗୋଟେ ଧାରଣା ଯେ ମୋର ପାଠକ ସଂଖ୍ୟା ସୀମିତ ।

ମୋ ଜୀବନକାଳ ଭିତରେ ପାଇଥିବା ତିନୋଟି ପାଠକୀୟ ମତାମତକୁ ମୁଁ ଆଦୌ ଭୁଲି ପାରି ନାହିଁ । ୧୯୭୨/୭୩ ଆଡ଼ର କଥା । ଆସନ୍ତାକାଲି ପତ୍ରିକାରେ ମୋର ଗଳ୍ପ 'ଦର୍ପଣରେ ଅଚିହ୍ନା ମୁହଁ' ପ୍ରକାଶ ପାଇଥିଲା । ମୁଁ ସେତେବେଳେ ଆଇ.ଏ ପଢୁଥିଲି । ପାଠକୀୟ ପ୍ରତକ୍ରିୟା ସ୍ୱରୂପ ମୋ ପାଖକୁ ଚିଠିଟିଏ ଆସିଥିଲା। ଗୋଲ ଗୋଲ ହସ୍ତାକ୍ଷରର ପୋଷ୍ଟକାର୍ଡ ଚିଠି । ତଳେ ଲେଖା ଥିଲା ଇତି ଅଖିଳ ମୋହନ ପଟ୍ଟନାୟକ । ପ୍ରଥମେ ତ ବିଶ୍ୱାସ ହେଲା ନାହିଁ । କାରଣ ସେତେବେଳକୁ ମୁଁ ଅଖିଳବାବୁଙ୍କ ଗଳ୍ପ 'ଡିମିରିଫୁଲ'କୁ ପାଠ୍ୟ ଭାବରେ ପଢ଼ିସାରିଥିଲି । ଏତେ ବଡ଼ ଲେଖକ ମୋ ଗପକୁ ପସନ୍ଦ କରିଛନ୍ତି, ଲଟେରୀ ଜିତିଲା ପରି ଲାଗିଥିଲା । ସେ ପୋଷ୍ଟକାର୍ଡରେ ଥିବା ଅକ୍ଷର ଭୁଲିନି । ଆଉଥରେ ମୋ 'ଗ୍ୟାରେଜ୍' ଗପ ପଢ଼ି ଚିଠିଟିଏ ଦେଇଥିଲେ ଚନ୍ଦ୍ରଶେଖର ରଥ । ସେଦିନ ମୋ କଲମ ଉପରେ ମୋର ଭରସା ଆସିଥିଲା । ତୃତୀୟ ଚିଠିଟି ଭଦ୍ରକ ଆଡ଼ର ଜଣେ ୮୯ବର୍ଷ ବୃଦ୍ଧଙ୍କର ଥିଲା, ଯିଏ ମୋର 'ମହାଯାତ୍ରା' ଉପନ୍ୟାସଟି ପଢ଼ି ନିଜର ପାଠକୀୟ ମତାମତ ପ୍ରଦାନ କରିଥିଲେ । ଉପନ୍ୟାସଟି ତାଙ୍କୁ ପ୍ରଭାବିତ କରିଥିଲା ତା ତ ଅଲଗା କଥା, ମୁଁ ଯେତେବେଳେ ଭାବିଲି ଏଇ ବୟସରେ ଏକ ଉପନ୍ୟାସ ପଢ଼ିବା ପାଇଁ ମୋ ଶରୀର ମୋତେ ସଂଗ ଦେଇ ନଥିବ କିଂବା ମୋର ଧୈର୍ଯ୍ୟ ନଥିବ ସେତେବେଳେ ଏ ବରିଷ୍ଠ ପାଠକଙ୍କ ପାଖରେ ମୋର ମଥାନତ ହେଇ ଯାଇଥିଲା ।

**ପାଠକୀୟ ପ୍ରତକ୍ରିୟା ସ୍ୱରୂପ ମୋ ପାଖକୁ ଚିଠିଟିଏ ଆସିଥିଲା। ଗୋଲ ଗୋଲ ହସ୍ତାକ୍ଷରର ପୋଷ୍ଟକାର୍ଡ ଚିଠି । ତଳେ ଲେଖା ଥିଲା ଇତି ଅଖିଳ ମୋହନ ପଟ୍ଟନାୟକ । ପ୍ରଥମେ ତ ବିଶ୍ୱାସ ହେଲା ନାହିଁ । କାରଣ ସେତେବେଳକୁ ମୁଁ ଅଖିଳବାବୁଙ୍କ ଗଳ୍ପ 'ଡିମିରିଫୁଲ'କୁ ପାଠ୍ୟ ଭାବରେ ପଢ଼ିସାରିଥିଲି । ଏତେ ବଡ଼ ଲେଖକ ମୋ ଗପକୁ ପସନ୍ଦ କରିଛନ୍ତି, ଲଟେରୀ ଜିତିଲା ପରି ଲାଗିଥିଲା । ସେ ପୋଷ୍ଟକାର୍ଡରେ ଥିବା ଅକ୍ଷର ଭୁଲିନି । ଆଉଥରେ ମୋ 'ଗ୍ୟାରେଜ୍' ଗପ ପଢ଼ି ଚିଠିଟିଏ ଦେଇଥିଲେ ଚନ୍ଦ୍ରଶେଖର ରଥ ।**



**ପ୍ରିୟ ପାଠକ**

ମୋର ସବୁବେଳେ କାହିଁକି କେଜାଣି ମନେହୁଏ ଏବର ଲେଖକ ଲେଖିକା (ପାଠକ) ମୋତେ ଚିହ୍ନନ୍ତି ନାହିଁ । ଆଉ ନ ଚିହ୍ନିବା ପଛରେ କେବଳ ଗୋଟିଏ କାରଣ ମୁଁ ଭଲ ଲେଖୁନାହିଁ ।

❤ ମୋ-୯୪୩୭୦୮୩୦୬୭

## କଟାକ୍ଷ

# ଆମ୍ଭେମାନେ ଖୁସି ତ ! !



## ଗୋପୀନାଥ ଦାଶ

ନିର୍ବାଚନ ଲଢ଼େଇ ଏବେ ଶେଷ ପର୍ଯ୍ୟାୟମୁହାଁ। ଏହି ଲେଖାଟି ପ୍ରକାଶ ବେଳକୁ ତୃତୀୟ ପର୍ଯ୍ୟାୟ ଶେଷ ହୋଇଯାଇଥିବ। ଆଉ ଶେଷ ପର୍ଯ୍ୟାୟ ନିର୍ଣ୍ଣାୟକ ହେବ ଓଡ଼ିଶା ରାଜନୀତି ପାଇଁ। ପରିବର୍ତ୍ତନର ସୁଅ ଭିତରେ ଭାଜପା ବିକାଶକୁ ନେଇ ଲଢ଼େଇ ଲଢୁଛି। ଆଉ ବିଜଦ ଆପଣମାନେ ଖୁସି ତ ପ୍ରସଙ୍ଗରେ ଲୋକଙ୍କ ଠାରୁ ଭୋଟ ହାତେଇବାର ଯୋଜନାରେ ଅଛି। ଭାଜପା କେନ୍ଦ୍ରୀୟ ନେତୃତ୍ୱ ଓଡ଼ିଶାକୁ ଦେଶର ନମ୍ବର ୱାନ ରାଜ୍ୟର ପ୍ରତିଶ୍ରୁତି ଦେଉଥିବାବେଳେ ବିଜଦ କିନ୍ତୁ ଏହି ପ୍ରସଙ୍ଗରେ ନିରବ। କିଛି ନେତାଙ୍କ ଯୁକ୍ତି ଆମେ ବିକାଶର ଧାରାରେ ଗତି କରୁଛି। ତେବେ ସାଧାରଣ ଲୋକେ କଥାକୁ ବିଶ୍ୱାସ କରିବେ ନା ତଥ୍ୟକୁ। ପରିସଂଖ୍ୟାନ ରିପୋର୍ଟ ଆମକୁ ବାସ୍ତବ ଚିତ୍ର ସହ ଅବଗତ କରାଇଥାଏ। ନୀତି ଆୟୋଗ ବିଭିନ୍ନ କ୍ଷେତ୍ରରେ କେଉଁ ରାଜ୍ୟର ସ୍ଥିତି କ'ଣ ତାକୁ ଦର୍ଶାଇଥାଏ। ଯଦି ଆମେ କଥାକୁ ଛାଡ଼ି ତଥ୍ୟଗତ ଏବଂ ପରିସଂଖ୍ୟାନ ରିପୋର୍ଟକୁ ଉଲ୍ଲେଖ କରିବା ତେବେ ଏହା ସ୍ପଷ୍ଟ ଯେ ୨୫ ବର୍ଷ ଭିତରେ ଓଡ଼ିଶା ୫୦ ବର୍ଷ ତଳକୁ ଖସି ଯାଇଥିବାର ଯେଉଁ କଥା ପ୍ରଧାନମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଭାଜପାର ଅନ୍ୟ କେନ୍ଦ୍ରୀୟ ନେତୃତ୍ୱ କହୁଛନ୍ତି ତାହା ଆଦୌ ଭୁଲ ନୁହେଁ। ଅର୍ଥାତ୍ ଓଡ଼ିଶା ବିକାଶର ସବୁ ମାପଦଣ୍ଡରେ ତଳେ ରହିଛି। ନୀତି ଆୟୋଗ ପକ୍ଷରୁ ପ୍ରକାଶିତ ସଷ୍ଟେନେବୁଲ ଡେଭଲପମେଣ୍ଟ ଗୋଲ ଇଣ୍ଡେକ୍ସରେ ୨୮ଟି ରାଜ୍ୟ ମଧ୍ୟରୁ ଓଡ଼ିଶାର ସ୍ଥାନ ୧୯ରେ ରହିଛି। ଷ୍ଟେଟ ହେଲଥ ଇଣ୍ଡେକ୍ସରେ ଓଡ଼ିଶାର ସ୍ଥାନ ୧୬ଟି ବଡ଼ ରାଜ୍ୟ ମଧ୍ୟରୁ ଅଛି ୧୪ ନମ୍ବର ସ୍ଥାନରେ। ସୋସିଆଲ ପ୍ରୋଗ୍ରେସ ଇଣ୍ଡେକ୍ସରେ ଦେଶର ୩୬ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ମଧ୍ୟରୁ ଓଡ଼ିଶା ଅଛି ୩୨ ତମ ସ୍ଥାନରେ। ଇଜି ଅଫ ଡୁଇଙ୍ଗ ବିଜିନେସରେ ୨୯, ଇଣ୍ଡିଆ ଇନୋଭେସନ ଇଣ୍ଡେକ୍ସରେ ଦେଶର ୧୬ ବଡ଼ ରାଜ୍ୟ ଭିତରୁ ଓଡ଼ିଶା ଅଛି ସବୁଠୁ ତଳେ। ରପ୍ତାନୀ କ୍ଷେତ୍ରରେ ୮ ସମୁଦ୍ର ତଟବର୍ତ୍ତୀ ରାଜ୍ୟ ଭିତରୁ ଓଡ଼ିଶା ଅଛି ଷଷ୍ଠରେ। ନୀତି ଆୟୋଗର ରିପୋର୍ଟରେ ଯଦି ସବୁ ମାପଦଣ୍ଡରେ ଓଡ଼ିଶା ପଛୁଆ ତେବେ ଓଡ଼ିଶାର ବିକାଶ ହେଉଛି ବୋଲି ବିଜଦ କହିବା ଅର୍ଥ ଲୋକଙ୍କୁ ଭୂଆଁ ବୁଲାଇବା। ଓଡ଼ିଶାରେ ସମ୍ଭବତଃ କ୍ଷମତାର ଗନ୍ଧ ଭାରତୀୟ ଜନତା ପାର୍ଟି ବାରିଛି ଆଉ ସମ୍ପୂର୍ଣ୍ଣ ଦିଗହରା ବିଜେଡ଼ି ଉପରେ ନିଜ ରଣନୀତି ନେଇ ତୀବ୍ର ଆକ୍ରମଣ ଆରମ୍ଭ କରିଦେଇଛି। ଏକ ପ୍ରକାର ଧାରଣା ହେଲାଣି ଯେ ନବୀନ ବାବୁଙ୍କ ବିଜେଡ଼ିର ପାଦ ତଳୁ ଏକ ପ୍ରକାର ମାଟି ଖସି ଖସି ଯାଉଛି ତେଣୁ ଶାସନ କଳ ଦ୍ୱାରା ଶେଷ ଅସ୍ତ୍ରଟି ରହିଛି ଭୋଟ କିଣିବା ପାଇଁ ଅର୍ଥବଳ ଓ ଭୋଟରଙ୍କୁ ଭୟଭୀତ କରିବାର ବିଭିନ୍ନ ପଦକ୍ଷେପ। ଯାଜପୁର ଜିଲ୍ଲାର ବଡ଼ଚଣା ନିର୍ବାଚନ ମଣ୍ଡଳୀରେ ଶାସକ ଦଳ ପକ୍ଷରୁ ଯେଉଁପରି ଭାବରେ ଭୋଟ ଯୋଗାଡ଼ ବ୍ୟବସ୍ଥା ହେଉଛି ତାହା ରାଜ୍ୟରେ ବିରଳ ଘଟଣା ଭାବେ ଯିବ। ନିୟମିତ ଟିକେଟ ପାଉଥିବା ବିଜେଡ଼ିର ଅମର ଶତପଥୀଙ୍କୁ ଦଳ ଭରଷା ନକରି ଚର୍ଚ୍ଚିତ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କୁ ଦଳ ଟିକେଟ ଦେଇଛି। ତେବେ ରୋଚକ କଥା ହେଉଛି ବିଜେପିରୁ ଏଠାରୁ ପ୍ରାର୍ଥୀ ହୋଇଛନ୍ତି ଉଦୀୟମାନ ଯୁବ ବ୍ୟକ୍ତିତ୍ୱ ଅମର କୁମାର ନାୟକ। ଏଠାରେ କଡ଼ା ମୁକାବିଲା ତ ନୁହେଁ ସ୍ୱାଭିମାନୀ ବଡ଼ଚଣାବାସୀ ଏଥର ଏକପାଖିଆ ସମର୍ଥନ ଦେବେ ଯାହା ମାଟିର ପୁଅ ଅମର ନାୟକଙ୍କ ପାଖକୁ ହିଁ ଯାଉଛି। ଆସନ୍ତୁ ରାଜନୀତିରେ ଚଳିତଥର ବଡ଼ ଭୂମିକା ନେଇଥିବା ଅସ୍ମିତା ପ୍ରସଙ୍ଗ ଉପରେ ଟିକିଏ ଆଲୋଚନା କରିବା। ଓଡ଼ିଆ ଅସ୍ମିତା ପ୍ରସଙ୍ଗରେ ବିଜେଡ଼ି ଏକ ପ୍ରକାର ବ୍ୟାକଫୁଟରେ ରହିଛି। କାରଣ ବିଜେପି ନେତାଙ୍କୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରସଙ୍ଗରେ ବିତର୍କ ପାଇଁ ଆହ୍ୱାନ କରି ଭି.କାର୍ତ୍ତିକେୟନ ପାଣ୍ଡିଆନ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କୁ ସନ୍ଥ କବି କହି ବାଜି ହାରି ସାରିଛନ୍ତି। ପ୍ରଧାନମନ୍ତ୍ରୀ ରତ୍ନ ଭଣ୍ଡାର କଥା ଉଠାଇବା ପରେ ଅମିତ ଶାହା, ଜେ.ପି.ନୋଡା ଓ ହେମନ୍ତ ବିଶ୍ୱଶର୍ମାଙ୍କ ପରି ନେତା ଲଗାତର ଭାବେ ଏହି ପ୍ରସଙ୍ଗକୁ ଶାଣିତ ଢ଼ଙ୍ଗରେ ଉଠାଇ ଆସୁଛନ୍ତି। ଲୋକଙ୍କ ଭିତରେ ରତ୍ନ ଭଣ୍ଡାର ଲୁଟେରାଙ୍କ ସନ୍ଦେହ ମଧ୍ୟ ପୁରାଇ ଦେଲେଣି ବିଜେପି ନେତାମାନେ। କାହିଁକି ଚାରିଦ୍ୱାର ଖୋଲାଯାଉ ନାହିଁ? ରତ୍ନ ଭଣ୍ଡାର ଚାବି ହଜିଲା କେମିତି? ନକଲି ଚାବି ବନାଇଲା କିଏ? କାହିଁକି ରତ୍ନ ଗଣତି ହେଉନାହିଁ? ଶ୍ରୀକ୍ଷେତ୍ରକୁ ପର୍ଯ୍ୟଟନସ୍ଥଳୀ ବା ଭୋଗସ୍ଥଳରେ ପରିଣତ କରିଦେଇଛନ୍ତି ନବୀନ ସରକାର ଏହି ଅଭିଯୋଗ ପୂର୍ବରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ମଧ୍ୟ ଉଠାଇ ସାରିଛନ୍ତି।

ଆତ୍ମ ଗୌରବ ଏବଂ ରାଜ୍ୟର ଗୌରବ ମଧ୍ୟରେ ରହିଛି ଅନେକ ପାର୍ଥକ୍ୟ। ବିଜଦର ନେତା ଜାତୀୟ ଗଣମାଧ୍ୟମ ଏବଂ ନ୍ୟୁଜ ଏଜେନ୍ସିଙ୍କୁ ସାକ୍ଷାତକାରରେ ବିକାଶରେ ଓଡ଼ିଶା ଶୀର୍ଷରେ ବୋଲି କହି ଆସୁଛନ୍ତି। ହେଲେ ତଥ୍ୟ କେବେ ମିଛ କୁହେନାହିଁ। ତେଣୁ ପ୍ରଶ୍ନ ପ୍ରକୃତରେ ଆମେ ବିକଶିତ କି? ଯଦି ହଁ, ତେବେ ମାଗଣା ବିଜୁଳି କାହିଁକି? ବିକାଶକୁ ନେଇ ବିଜଦ ନିର୍ବାଚନ ଲଢୁନାହିଁ। ଏଏନଆଇର ସାକ୍ଷାତକାରରେ ବିଜଦ ନେତା ଭୈରବ କାର୍ତ୍ତିକେୟନ ପାଣ୍ଡିଆନ କହିଥିଲେ ଯେ ଓଡ଼ିଶା ନମ୍ବର ୱାନ। ଏହାକୁ ବିଶ୍ୱାସ କରାଯିବ ନା ନୀତି ଆୟୋଗର ତଥ୍ୟକୁ ଭରଷା କରାଯିବ? ଯଦି ସତରେ ଆମେ ବିକଶିତ ତେବେ କାହିଁକି ଖଟିଆରେ ବୁହା ହେଉଛନ୍ତ ପ୍ରସୂତୀ? କାହିଁକି ଡେକଚିବାଲଟି ଧରି ରାସ୍ତା ଅବରୋଧ କରୁଛନ୍ତି ମହିଳାମାନେ? କାହିଁକି ବାରମ୍ୱାର ଦାନ ମାଝୀ ଘଟଣାର ପୁନରାବୃତ୍ତି ଘଟୁଛି? ତେଣୁ ଆତ୍ମ ଗୌରବ କିମ୍ୱା ନିଜ ଢ଼ୋଲ ନିଜେ ପିଟିଲେ ଲାଭ ନଥାଏ।

ଓଡ଼ିଶା ବିକାଶରେ ଯଥେଷ୍ଟ ଅଗ୍ରଗତି କରିଛି। ନମ୍ବର ୱାନ ରାଜ୍ୟ ଆଉ ନମ୍ବର ୱାନ ମୁଖ୍ୟମନ୍ତ୍ରୀଙ୍କୁ ଓଡ଼ିଶା ପାଇଥିବାବେଳେ ଜଣେ ଓଡ଼ିଆ ଭାବେ ମୋ ଭିତରେ ଆନ୍ଦୋଳିତ ହେଉଥିବା ପ୍ରଶ୍ନ ଗୁଡ଼ିକ ଉଠିଛି। ସେଗୁଡ଼ିକ ହେଉଛି - ଓଡ଼ିଶାର ଚାଷୀଙ୍କ ଆୟ କାହିଁକି ଦେଶରେ ସବୁଠୁ କମ୍? ଓଡ଼ିଶାରେ ବେରୋଜଗାରୀ କାହିଁକି ଦେଶରେ ସବୁଠୁ ଅଧିକ? ଓଡ଼ିଶାରେ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷପତ୍ରର ଦାମ କାହିଁକି ଦେଶରେ ସର୍ବାଧିକ? ଓଡ଼ିଶାର ୫୦% ପିଲା କାହିଁକି ମ୍ୟାଟ୍ରିକ ପରୀକ୍ଷା ପୂର୍ବରୁ ପାଠ ଛାଡ଼ନ୍ତି? ଓଡ଼ିଶାର ସ୍ୱାସ୍ଥ୍ୟସେବା ଯଦି ବିଶ୍ୱସ୍ତରୀୟ, ତେବେ ଶାସକ ଦଳର ବଡ଼ ନେତାମାନେ ଚିକିତ୍ସା ପାଇଁ କାହିଁକି ଘରୋଇ ଡାକ୍ତରଖାନାକୁ ଯାଆନ୍ତି? ମହିଳାମାନଙ୍କ ପ୍ରତି ହିଂସାରେ ଓଡ଼ିଶା କାହିଁକି ଦେଶର ଅନ୍ୟ ରାଜ୍ୟଙ୍କ ତୁଳନାରେ ଉପରେ? ଓଡ଼ିଶାରେ ହାଜତ ମୃତ୍ୟୁ ମାମଲା କାହିଁକି ଅନ୍ୟ ରାଜ୍ୟ ତୁଳନାରେ ଅଧିକ? ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନରେ ସ୍ୱୟଂ ସମ୍ପୂର୍ଣ୍ଣ ହୋଇଥିବାବେଳେ, ଅନ୍ୟ ରାଜ୍ୟ ତୁଳନାରେ ବିଜୁଳି ବ୍ୟବହାର କରୁଥିବା ଉପଭୋକ୍ତା କାହିଁକି ପ୍ରତିବର୍ଷ ଅଧିକ ମୂଲ୍ୟରେ ବିଜୁଳି ପାଆନ୍ତି? ଓଡ଼ିଶାରେ ମୁଣ୍ଡପିଛା ଆୟ କାହିଁକି ଅନ୍ୟ ରାଜ୍ୟ ତୁଳନାରେ କମ? ମୁଖ୍ୟମନ୍ତ୍ରୀ ଲଗାତାର ୨୫ ବର୍ଷ ଧରି ନିର୍ବାଚିତ ହେଉଥିବା ହିଞ୍ଜିଳିର ମୁଣ୍ଡପିଛା ଆୟ କେତେ ଓ ଏହାର ୫୦% ଲୋକ କାହିଁକି ଦାଦନ ଖଟୁଛନ୍ତି? ଗରିବ ଲୋକଙ୍କୁ ଟଙ୍କିକିଆ ଚାଉଳ ମିଳୁଥିବା ବେଳେ ରାଜ୍ୟ ସରକାର କିଲୋ ପିଛା ଦୁଇ ଟଙ୍କା ଖର୍ଚ୍ଚ ବହନ କରୁଥିଲେ। ଏବେ ଭାରତ ସରକାର ମାଗଣା ଚାଉଳ ଯୋଗାଇ ଦେଉଥିବାବେଳେ ସେହି ଟଙ୍କା ଯାଉଛି କୁଆଡ଼େ? କରୋନା ଟିକା ପାଇଁ ରାଜ୍ୟ ସରକାର ୨ ହଜାର କୋଟି ଟଙ୍କାର ବ୍ୟୟବରାଦ ରଖିଥିଲେ। ଟିକା ତ ଭାରତ ସରକାର ସମସ୍ତଙ୍କୁ ମାଗଣାରେ ଯୋଗାଇ ଦେଲେ। ତେବେ ସେ ବାବଦକୁ ଥିବା ଟଙ୍କା ଗଲା କୁଆଡ଼େ? ଚିଟଫଣ୍ଡ ଜମାକାରୀଙ୍କୁ ଫେରେଇବା ପାଇଁ ରହିଥିବା ଟଙ୍କା କାହାକୁ ଦିଆଯାଇଛି? ଓଡ଼ିଶାର ୧କୋଟି ୭୫ ଲକ୍ଷ ଲୋକ ଶ୍ରମଜୀବୀ କାହିଁକି? ଜଗନ୍ନାଥଙ୍କ ରତ୍ନ ଭଣ୍ଡାର ସୁରକ୍ଷିତ ଅଛି କି? କନ୍ଧମାଳ ଦଙ୍ଗା ଓ ରତ୍ନ ଭଣ୍ଡାର ଚାବି ହଜିବା ଘଟଣାର ନ୍ୟାୟିକ ତଦନ୍ତ ରିପୋର୍ଟ ସାର୍ବଜନୀନ ହୋଇନାହିଁ କାହିଁକି? ବିକାଶର ପରିଭାଷାକୁ ବାସ୍ତବରେ ବୁଝିବାର ସମୟ ପହଞ୍ଚିଛି। ଗତ ପଚିଶ ବର୍ଷ ଧରି ଯେଉଁଭଳି ଭକୁଆ ହୋଇ ରହିଛନ୍ତି ଏବେ ସଚେତନ ନହେଲେ ଆଉ ନିର୍ଣ୍ଣାୟକ ନିଷ୍ପତ୍ତି ନେବାରେ ବିଳମ୍ବ କଲେ ପୁନର୍ବାର ଆଗାମୀ ପାଞ୍ଚବର୍ଷ କାହା ପାଖରେ ନିଜ ହାତପାତି ଚୁପଚାପ ବସିବାକୁ ହିଁ ପଡ଼ିବ। ଏକା ଧାଡ଼ିରେ କହିବାକୁଗଲେ ଆମେ ଆମ ଭବିଷ୍ୟତ ଓ ରାଜ୍ୟର ଭବିଷ୍ୟତକୁ ସଠିକ ଦିଗରେ ନେବା ନାଁ କାଳି ବୋଳିବା ସେ କାମ ତ ସମ୍ପୂର୍ଣ୍ଣ ଆମ ମାନଙ୍କର।

❤ ବରଦା, ବାଲିଚନ୍ଦ୍ରପୁର, ଯାଜପୁର,
ମୋ : ୮୮୯୫୨୯୬୧୬୭

# ‘ମନ’



## ଅନୀତା ପଟ୍ଟନାୟକ

ବିଭିନ୍ନ ମନ୍ଦିର ପରିଦର୍ଶନ କରିବା ପରେ ମୋର ସ୍ୱାମୀ ପରେଶ ଦିନେ ମତେ କହିଲେ ଏହି ସଂସାରରେ ଭଲମନ୍ଦ କହି ପଦାର୍ଥ ଗୁଡ଼ିକୁ ଦୁଇଟି ଶ୍ରେଣୀରେ ବିଭକ୍ତ କରିବାର କିଛି ଅର୍ଥ ନାହିଁ। ମୋର ଝିଅ ଚଞ୍ଚଳା ଏହାଶୁଣି ଭାରି ଖୁସି ହୋଇଗଲା। ସେ କହିଲା ବାପା ମା ସବୁବେଳେ ଏ କାମ ମନ୍ଦ, ସେ କାମ ମନ୍ଦ ବୋଲି ମତେ କହୁଛି। ମୁଁ ପରେଶଙ୍କୁ ପଚାରିଲି ଭଲ ମନ୍ଦ ବିଭକ୍ତ କରିବା କଣ ଏକ ଅପରାଧ ସେ କହିଲେ ହଁ। ଚଞ୍ଚଳା କହିଲା ମତେ ଯାହା ଭଲ, ମୋର ସାଙ୍ଗ ପାଇଁ ତାହା ଖରାପ ହୋଇପାରେ। ଗୋଟିଏ ନିର୍ଦ୍ଧିଷ୍ଟ ସମୟରେ ଯାହା ଭଲ ହୋଇଥାଏ ତାହା ଅନ୍ୟ ସମୟରେ ମନ୍ଦ ହୋଇପାରେ। ଅଳ୍ପ ପରିମାଣରେ ଯେଉଁ ପଦାର୍ଥ ଭଲ ବହୁ ପରିମାଣରେ ତାହା ଖରାପ ହୋଇଥାଏ। ମୋର ପୁଅ ଶୈଳେଶ ଯେ କି ନୂଆ ନୂଆ ଓକିଲାତି କରୁଥାଏ ସେ ବାପାଙ୍କ କଥାରେ ଯୋଗ ଦେଇ କହିଲା ଆଜି ମାନ୍ୟବର ସୁପ୍ରିମକୋର୍ଟକୁ ଯେଉଁ ଆଇନଟି ଠିକ ଲାଗୁଛି ସେମାନେ ପରବର୍ତ୍ତୀ ସମୟରେ ତାହାକୁ ବଦଳାଇ ଦେଉଛନ୍ତି। ଚଞ୍ଚଳା କହିଲା, ଆଜି ଜ୍ୱର ହୋଇଛି। ତେଣୁ ଡାକ୍ତର କୁଇନାଇନ ଟାବଲେଟ ଦେଲେ। ଜ୍ୱର ଭଲ ହେବାପରେ ଏହାକୁ ସେବନ କଲେ ଏହା କ୍ଷତିକାରକ ହୋଇଥାଏ। ଅଳ୍ପ ପରିମାଣର ଖାଦ୍ୟ ଗ୍ରହଣ ଭଲ ହୋଇଥିବାବେଳେ, ବହୁ ପରିମାଣର ଖାଦ୍ୟ ଗ୍ରହଣ କରିବା ଖରାପ। ପରେଶ କହିଲେ ଆମ ମନ ଜିନିଷକୁ ଭଲ ଗ୍ରହଣ କରିବାକୁ ହୋଇପାରେ। ପରେଶ ଯେତେବେଳେ ବେଳେ ବେଳେ ଖରାପ କହି ତାକୁ ବୋଲି କହେ ତାହା ଆମକୁ ଶିଖାଏ। କହେ। ପରେଶ ମନ ଗୋଟିଏ ଜିନିଷକୁ ପରିହାର କରିବାକୁ ବାବୁ କହିଲେ, ସବୁ କିଛି ଭଗବାନଙ୍କର ସଂକଳ୍ପରୁ ଜାତ ହୋଇଥିବାରୁ କୌଣସି ପଦାର୍ଥ ନିନ୍ଦିତ ହେବା ଯୋଗ୍ୟ ନୁହେଁ।

**ଗୋଟିଏ ନିର୍ଦ୍ଧିଷ୍ଟ ସମୟରେ ଯାହା ଭଲ ହୋଇଥାଏ ତାହା ଅନ୍ୟ ସମୟରେ ମନ୍ଦ ହୋଇପାରେ। ଅଳ୍ପ ପରିମାଣରେ ଯେଉଁ ପଦାର୍ଥ ଭଲ ବହୁ ପରିମାଣରେ ତାହା ଖରାପ ହୋଇଥାଏ। ମୋର ପୁଅ ଶୈଳେଶ ଯେ କି ନୂଆ ନୂଆ ଓକିଲାତି କରୁଥାଏ ସେ ବାପାଙ୍କ କଥାରେ ଯୋଗ ଦେଇ କହିଲା ଆଜି ମାନ୍ୟବର ସୁପ୍ରିମକୋର୍ଟକୁ ଯେଉଁ ଆଇନଟି ଠିକ ଲାଗୁଛି ସେମାନେ ପରବର୍ତ୍ତୀ ସମୟରେ ତାହାକୁ ବଦଳାଇ ଦେଉଛନ୍ତି।**

ଚଞ୍ଚଳା କିଛି ଦିନ ହେବ ବିଜ୍ଞାନ ଓ ପଶୁପକ୍ଷୀ ମାନଙ୍କର ଆଚରଣ ସମ୍ବନ୍ଧରେ ଅନୁଧ୍ୟାନ କରୁଥାଏ। ସେ କହିଲା ମା ମୁଁ ନିଜେ ଦେଖୁଛି କୂଆକୁ ପିତା ଲିମ୍ବଫଳ ଭଲ ଲାଗେ। ଆମ ବାରି ପଛପଟେ ଥିବା ଲିମ୍ବଗଛରେ ବସି କୂଆ ଲିମ୍ବଫଳ ଖାଉଥିଲା। ମୁଁ ସତ କହୁଛି ଆମ ଘର ପଛପଟେ ଯେଉଁ ଆମ୍ବଗଛ ଅଛି ମୁଁ ନିଜେ ଦେଖିଛି କୋଇଲି ଆମ୍ବ ଗଛର କଅଁଳପତ୍ର ଖାଉଥିଲା। ପରେଶ କହିଲେ ତୁ ଠିକ୍ କହିଛୁ ଓ ଠିକ ଦେଖିଛୁ। ବେଳେବେଳେ ବିରୋଧାତ୍ମକ ବସ୍ତୁ ଓ ଅନୁଭୂତିରେ ମଣିଷକୁ ଆନନ୍ଦ ଓ ସନ୍ତୋଷ ମିଳିଥାଏ। ମନ, ପଦାର୍ଥ ଓ ଅନୁଭୂତି ଗୁଡ଼ିକର ଭଲ ମନ୍ଦ ଖାଲି ବିଚାର କରେନା। ଏହା ପଦାର୍ଥ ଓ ଅନୁଭୂତି ସର୍ଜନା କରେ। ମୁଁ କହିଲି ହଁ ମୁଁ କିଛି ଦିନ ହେଲା ଭାବୁଛି ମନ ନଥିଲେ ବସ୍ତୁ, ବା ଅନୁଭବ ବା ଭାବ ରହିବ ନାହିଁ। ମନ ନାହିଁ ତ ବସ୍ତୁ ନାହିଁ। ପରେଶ ବାବୁ କହିଲେ ମୁଁ ତୀର୍ଥଯାତ୍ରା କରି ଅନୁଭବ କଲି ମନ, ନାମ ଓ ରୂପରେ ଆନନ୍ଦ ପାଏ। ମନ ବସ୍ତୁ ଓ ଅନୁଭୂତିରେ ନାମ ଓ ରୂପକୁ ଆରୋପଣ କରି ସେଗୁଡ଼ିକ ତିଆରି କରିବାରେ ସହାୟକ ହୋଇଥାଏ। ତୀର୍ଥ ସମୟରେ କେତେକ ଅନୁଷ୍ଠାନରେ ନାମହୀନ ଓ ରୂପହୀନ ଉପରେ ମତେ ଧ୍ୟାନ କରିବାକୁ କୁହାଗଲା। ମତେ ଭାରି ଅସହାୟ ଲାଗିଲା। ମତେ ନାମ ଓ ରୂପ ଭିଡ଼ି ଧରିଥାଏ। ମୋର ମାନସିକ ଚିତ୍ର ହିଁ ବସ୍ତୁ ଓ ଧାରଣା ଭାବରେ ପ୍ରକ୍ଷିପ୍ତ ଓ ରୂପାୟିତ ହେଉଥାଏ। ତେଣୁ ଶ୍ରୁତି କୁହେ 'ଯଦ ଭବମ୍, ତଦ୍ ଭବତି'। ମନ କ୍ରିୟାଗତ ହେଲେ ବସ୍ତୁ ସୃଷ୍ଟି ହୁଏ।

ମୁଁ କହିଲି ଈଶ୍ୱର ନାମ ଓ ରୂପର ଅତୀତ। ସବୁ ନାମ ଓ ସବୁ ରୂପ ସମାହାର ହେଲେ ଏହା ଅବୋଧ ଓ ରହସ୍ୟମୟ ହୋଇଯାଏ। ଶୈଳେଶ କହିଲା ବାପା ଧ୍ୟାନ କରିବା ଭାରି କଷ୍ଟ ତେଣୁ ନାମ ଓ ରୂପ ଉପରେ ଧ୍ୟାନ କଲେ, ଈଶ୍ୱରଲବ୍ଧି, କରିହେବ। ପରେଶ କହିଲେ ପାଣି ମଣିଷକୁ ବୁଡ଼ାଇଦିଏ। ପୁଣି ପାଣି ପହଁରିବାରେ ସାହାଯ୍ୟ କରେ। ଏହା ଭିତରକୁ ଟାଣି ନେଇପାରେ ଉପରକୁ ଭଷାଇ ଦେଇପାରେ। ତେଣୁ ମଣିଷକୁ ଉପରେ ଭାଷିବାର ଶୈଳୀ ଶିକ୍ଷା କରିବାକୁ ହେବ। ଯେଉଁ ନାମ ଓ ରୂପ ଅସୀମ ଓ ବିଘ୍ନ ବୋଲି ମନେ ହୁଅନ୍ତି ସେହି ନାମ ଓ ରୂପକୁ ଅତିକ୍ରମ କରି ଈଶ୍ୱର ଉପଲବ୍ଧି ନିମନ୍ତେ ତାହାକୁ ଆୟୁଧ ଭାବେ ବ୍ୟବହାର କରିହେବ। ପରେଶ କହିଲେ, ଈଶ୍ୱର ଉପଲବ୍ଧିରୁ ଆନନ୍ଦ ଜାତ ହୋଇଥାଏ। ଏହାର ରୂପ ନାହିଁ। ମଣିଷ ତିଆରି ନାମଟିଏ। ଏହା ହୃଦୟ ଭିତରର ଏକ ଝରଣା। ସାରା ଶରୀର ଭିତରେ ବ୍ୟାପିଯାଇ ମୁହଁରେ ପ୍ରକଟିତ ହୁଏ। ଦୁଃଖ, ଦୁଃଶ୍ଚିନ୍ତା, ଭୟ, ଆଶା, ନିରାଶା ସଂଶୟ ସବୁ କିଛି ମୁହଁରେ ଫୁଟି ଉଠେ। ମୁହଁରେ ଅନ୍ତରର ଭାବଧାରା ଫୁଟି ଉଠିଥାଏ। ମନକୁ ବୁଦ୍ଧିର ଜୁଆଳିରେ ବାନ୍ଧିବାକୁ ହୁଏ। ତେବେ ସେ ଭାବ, ବିକାର, ଜଞ୍ଜାଳ ଦ୍ୱାରା ପ୍ରଭାବିତ ନହୋଇ ସ୍ଥିର ହୋଇ ରହେ। ମନ ଗୋଟିଏ ସୁଗନ୍ଧିତ ଫୁଲ। ସେ ଧରିଥିବା ଉଭୟ ହସ୍ତକୁ ସୁଗନ୍ଧି ପ୍ରଦାନ କରେ। ମନ ଅନ୍ଧ ଭାବରେ ଚାଲେ। ତେଣୁ ଅନ୍ଧକୁ ଯେପରି ପଥଦ୍ରଷ୍ଟାର ଆବଶ୍ୟକ ହୁଏ, ସେପରି ମନକୁ ମଧ୍ୟ ପଥଦ୍ରଷ୍ଟାର ଆବଶ୍ୟକ ହୋଇଥାଏ। ମନ ବିଷୟରେ ସଚେତନ ରୁହ, ତାକୁ ସବୁବେଳେ ପଚାର ତାକୁ ନିର୍ଦ୍ଦେଶ ଦେବାକୁ କହୁଛି କିଏ? ଏହାକୁ ଠିକ ଭାବରେ ବୁଝିପାରିଲେ ତୁମେ ଆତ୍ମଜ୍ଞାନ ପାଇପାରିବ। ଆମେ ଘରେ ଏକଥାକୁ ବଢ଼ାଇ ଆସର ଭାଙ୍ଗିଲୁ ଓ ଯେ ଯାହା କାମରେ ବ୍ୟସ୍ତ ରହିଲୁ।

❤ ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ, ସେକ୍ଟର-୧୦, କଟକ,
(ମୋ) ୯୬୯୨୯୮୦୦୨୬

## ବିଶ୍ୱବିଜୟୀ ଦାଶ

# ବିପ୍ଳବୀ ଜନନେତା ପର୍ଶୁରାମ ହରିଚ଼ନ୍ଦନ

ପୂର୍ଣ୍ୟତୋୟା ଭାରତରେ ଓଡ଼ିଶା, କଳା, ସାହିତ୍ୟ ଓ ସଂସ୍କୃତିର ମହାନ ମିଳନ ସ୍ଥଳ। ନିଜସ୍ୱ ପ୍ରତିଭା ବଳରେ ଅନେକ ପ୍ରଥିତଯଶା ଓ ସିଦ୍ଧପୁରୁଷ ମାନେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଜନ୍ମନେଇ ଏ ମାଟିକୁ ମହିମା ମଣ୍ଡିତ କରିଛନ୍ତି। ସେହିଭଳି ଜଣେ ତେଜସ୍ୱୀ ପୁରୁଷ ପର୍ଶୁରାମ ହରିଚ଼ନ୍ଦନ ଗମ୍ଭାରିମୁଣ୍ଡା ଅଞ୍ଚଳରେ ଜନ୍ମ ନେଇଥିଲେ। ତାଙ୍କ ସାହିତ୍ୟ ସାଧନା, ସମାଜସେବା, ରାଜନୈତିକ ମୂଲ୍ୟବୋଧ ଓ ସ୍ୱାଧିନତା ଆନ୍ଦୋଳନର ବାର୍ତ୍ତା ଅବିଭକ୍ତ ପୁରୀ ଜିଲ୍ଲାକୁ ଉଦଭାଷିତ କରିବା ସହିତ ସମଗ୍ର ଉତ୍କଳକୁ ଉଦଭାଷିତ କରିଥିଲା। ବଣ ଜଙ୍ଗଲ ପରିବେଷ୍ଟିତ, ଅନ୍ଧାରି ମୂଳକ ଗମ୍ଭାରିମୁଣ୍ଡା ପାଇଁ ସେ ଥିଲେ ଆଲୋକବର୍ତ୍ତିକା। ବ୍ୟକ୍ତିଗତ ଜୀବନର ସୁଖ, ସ୍ୱାଛନ୍ଦ୍ୟ, ସାହିତ୍ୟ ସାଧନା ଓ ରାଜନୀତିକୁ ପଛରେ ପକାଇ ସେ ଏ ଅଞ୍ଚଳ ନିର୍ମାଣରେ ହେଲେ ବ୍ରତୀ। ଗମ୍ଭାରୀମୁଣ୍ଡା ପ୍ରାଥମିକ ସ୍କୁଲ, ମାଇନର ସ୍କୁଲ, ହାଇସ୍କୁଲ, ପୋଷ୍ଟ ଅଫିସ୍, କୋପରିଟିଭ ସୋସାଇଟି, ଡ଼ାକ୍ତରଖାନା, ପଶୁ ଡ଼ାକ୍ତରଖାନ, ସୁନାଖଳା ଛକଠାରୁ ଆୟତପୁର ଛକ ପର୍ଯ୍ୟନ୍ତ ରାସ୍ତା ସବୁ ତାଙ୍କର ଅବଦାନ।

ଗମ୍ଭାରିମୁଣ୍ଡା ଅଞ୍ଚଳର ସାମୂହିକ ବିକାଶ ପାଇଁ ଅଞ୍ଚଳର ଯୁବଗୋଷ୍ଠୀଙ୍କୁ ନେଇ ପର୍ଶୁରାମ ହରିଚ଼ନ୍ଦନ ଖଜୁରିଆ ଗ୍ରାମରେ ଏକ କ୍ଲବ ପ୍ରତିଷ୍ଠା କରିଥିଲେ, ଯାହାର ନାମ ରଖାଯାଇଥିଲା **'Nonsense Paradise'**। ଏହି କ୍ଲବ ମୁଖ୍ୟ ଉଦ୍ଦେଶ୍ୟ ଥିଲା ସମାଜସେବା ସହ ଅଞ୍ଚଳର ସାମଗ୍ରିକ ବିକାଶ।ପରବର୍ତ୍ତୀ ସମୟରେ ଗମ୍ଭାରିମୁଣ୍ଡାଠାରେ ତାଙ୍କ ନେତୃତ୍ୱରେ 'ଗାନ୍ଧୀ କୁଟୀର' ସ୍ଥାପନ ହୋଇଥିଲା। ସେହି ସମୟରେ ପର୍ଶୁରାମ ହରିଚ଼ନ୍ଦନଙ୍କ ନେତୃତ୍ୱରେ ଯୁବ ଅନୁଷ୍ଠାନ 'ପଲ୍ଲୀ ସଂସ୍କୃତି କଳା ପରିଷଦ' ଗଢ଼ି ଉଠିଥିଲା। ଏହି କଳା ପରିଷଦ କେବଳ ଯେ କଳା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ଥିଲା ତାହା ନୁହେଁ, ବରଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ମାଧ୍ୟମରେ ଗୋଟିଏ ସାମାଜିକ ଆନ୍ଦୋଳନ ସୃଷ୍ଟି କରି ଅନେକ ଯୁବ କଳାକାର, ସମାଜସେବୀ ଓ ଯୁବ କର୍ମଯୋଗୀ ସେ ଗଢ଼ିପାରିଥିଲେ। ଗମ୍ଭାରିମୁଣ୍ଡା ଅଞ୍ଚଳରେ ଶିକ୍ଷାର, ସ୍ୱାସ୍ଥ୍ୟର, ରାସ୍ତାଘାଟର ଏବଂ ସର୍ବୋପରି ସଂସ୍କୃତିର ବିକାଶ ପାଇଁ ଅହରହ ଚେଷ୍ଟା ଚଳାଇଥିଲେ। ପର୍ଶୁରାମ ହରିଚନ୍ଦନ ସର୍ବପ୍ରଥମେ ଗମ୍ଭାରୀମୁଣ୍ଡା ଗ୍ରାମ ପଞ୍ଚାୟତର ସରପଞ୍ଚ ଓ ପରବର୍ତ୍ତୀ ସମୟରେ ବାଣପୁର ବ୍ଲକର ଅଧକ୍ଷ ହେଲେ, ତା'ପରେ ପୁରୀ ଜିଲ୍ଲା ପରିଷଦର ଉପସଭାପତି ହେଲେ। ବାଣପୁର ବ୍ଲକର ଅଧକ୍ଷ ଥିବାବେଳେ ବାଣପୁର ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନର ବିକାଶ ଓ ଉନ୍ନତି କରିଥିଲେ। ସେ ଜନସାଧାରଣଙ୍କ ସମସ୍ୟାର ସମାଧାନ କରୁଥିଲେ। ଶିକ୍ଷାର ଉନ୍ନତି କଳ୍ପେ ପର୍ଶୁରାମ ହରିଚ଼ନ୍ଦନ ପ୍ରାଣାନ୍ତକ ଉଦ୍ୟମ କରି ସ୍ୱର୍ଗତ ଭାଗିରଥି ମାଲୁଙ୍କ ଅର୍ଥ ଓ ଅନ୍ୟ ସମାଜସେବୀ ବନ୍ଧୁମାନଙ୍କ ସହଯୋଗରେ ଗମ୍ଭାରିମୁଣ୍ଡାଠାରେ ପତିତପାବନ ବାଣୀ ମନ୍ଦିର ନାମକ ହାଇସ୍କୁଲ ପ୍ରତିଷ୍ଠା କରିଥିଲେ। ସେ ବି ଜଣେ ଜାତୀୟତାବାଦୀ ନାଟ୍ୟକାର। ସେ ଅନେକ ନାଟକ ରଚ଼ନା କରିଥିଲେ। ସେହି ନାଟକ ମଧ୍ୟରେ 'ବିପ୍ଳବୀ କୃତ୍ତିବାସ', 'ଛିନାଙ୍ଗୀ','ଅଭିଶପ୍ତ ଦୁର୍ଗ', 'ଦିଗବିଜୟୀ କପିଳେନ୍ଦ୍ର'। ତାଙ୍କରି ନାଟକ ଓଡ଼ିଆ ପ୍ରାଣରେ ପ୍ରବଳ ଦେଶାତ୍ମବୋଧ ଓ ରୋମାଞ୍ଚ ସୃଷ୍ଟି କରେ। ବିପ୍ଳବୀ ବୀର କୃତ୍ତିବାସଙ୍କୁ ବିସ୍ମୃତ ଗର୍ଭରୁ ଆଲୋକକୁ ଆଣିବା, ଓଡ଼ିଆଜାତି ପାଇଁ ପର୍ଶୁରାମ ହରିଚ଼ନ୍ଦନଙ୍କର ସର୍ବଶ୍ରେଷ୍ଠ ଅବଦାନ। ଯଦି ପର୍ଶୁରାମ ହରିଚ଼ନ୍ଦନଙ୍କ ବଳିଷ୍ଠ ଲେଖନୀରୁ ନିସୃତ ଐତିହାସିକ ଗବେଷଣା ସମ୍ବଳିତ କୃତ୍ତିବାସଙ୍କ ଜୀବନୀ ସମ୍ପର୍କୀତ ନିବନ୍ଧ ୧୯୫୦ ମସିହା ଡ଼ିସେମ୍ବର ମାସର ଝଙ୍କାର ପତିକ୍ରାରେ ପ୍ରକାଶ ପାଇନଥାନ୍ତା, ହୁଏତ ଇତିହାସର ଅତଳ ଗର୍ଭରେ ଓଡ଼ିଆ ଜାତିର ଏହି ଅନନ୍ୟ ବୀରଙ୍କ ରକ୍ତରଞ୍ଜିତ ଇତିହାସ ଚ଼ିର ଦିନ ପାଇଁ ସମାଧି ଲଭିଥାନ୍ତା। 'ଜାତସ୍ୟ ହିଁ ଧ୍ରୁବ ମୃତ୍ୟୁ'। ମୃତ୍ୟୁଟା ଅତ୍ୟନ୍ତ ବାସ୍ତବ ଏବଂ ଧ୍ରୁବ ସତ୍ୟ। ଜନ୍ମ ଏବଂ ମୃତ୍ୟୁ ବିଧି ଅଭିପ୍ରେତ। କାଳଜୟୀ ପୁରୁଷ ମୃତ୍ୟୁର କଠୋରତା ମଧ୍ୟରେ ଅବଲୀନ ହେଲେ ମଧ୍ୟ ତାର ସାଧନା, ସିଦ୍ଧି ଏବଂ ସୁକୃତ ପାଇଁ ସେ ଯେପରି ଅମର ରହେ, ପର୍ଶୁରାମ ହରିଚ଼ନ୍ଦନ ସେହିପରି ତାଙ୍କର ସାଂସ୍କୃତିକ ପ୍ରତିଷ୍ଠା, ସାମାଜିକ ପରିଚ଼ିତ, ରାଜନୈତିକ ପାରଦର୍ଶିତା ଏବଂ ସମାଜସେବାର ପରାକାଷ୍ଠା ନିମନ୍ତେ ଯେଉଁ ଅଙ୍ଗୀକାରବଦ୍ଧତା ଆମ ଅଞ୍ଚଳର ପ୍ରତ୍ୟେକ ମଣିଷ ନିକଟରେ ଛାଡ଼ି ଚ଼ାଲି ଯାଇଛନ୍ତି ସେଥିପାଇଁ ଆମ ଅଞ୍ଚଳର ପ୍ରତିଟି ମଣିଷ ନିକଟରେ ଯୁଗେ ଯୁଗେ ଅମର ହୋଇରହିଥିବେ - ଏଥିରେ ଦ୍ୱିମତ ନାହିଁ।

ଦିନ ଯାଏ, ଚ଼ିହ୍ନ ରହେ। ସ୍ମୃତିର ପାଉଁଶ ତଳୁ ମିଳିବ ଅସତ୍ୟ ସହରର ଅନେକ କାହାଣୀ- କିମ୍ବଦନ୍ତୀ, ମିଳିବ ଅନେକ କାଳ୍ପନିକ ଚ଼ିତ୍ରପଟ, କିନ୍ତୁ ମିଳିବନି ବାସ୍ତବ ମଣିଷର ଅଭୂଲା-ଅପାଶୋରା ମୁହଁଟିଏ।

ସେହି ଯୁଗପୁରୁଷ ୧୯୭୭ ମସିହା ମଇ ୨୬ ତାରିଖରେ ଏ ଦୁନିଆ ଛାଡ଼ି ଚ଼ାଲିଗଲେ। ସେ ଏକାଧାରାରେ ଜଣେ ସୁସଂଗଠକ, ଯୋଗଜନ୍ମା ନାଟ୍ୟକାର, ବିଶିଷ୍ଟ ରାଜନୀତିଜ୍ଞ, ନିସ୍ୱାର୍ଥପର ଜନସେବକ, ସୁପରାମର୍ଶଦାତା, ସ୍ୱାଧିନତା ସଂଗ୍ରାମୀ ଓ ଓଡ଼ିଆ ସାମରିକ ଇତିହାସ ଓ ପରମ୍ପରା ର ତେଜୋଦୀପ୍ତ ନକ୍ଷତ୍ର ପର୍ଶୁରାମ ହରିଚ଼ନ୍ଦନ ଙ୍କ ଶ୍ରାଦ୍ଧବାର୍ଷିକ ଅବସରରେ ମୋର ବିନମ୍ର ଶ୍ରଦ୍ଧାଞ୍ଜଳୀ।

❤ ସମ୍ପାଦକ ବ୍ରଜବିଳାସ ସାହିତ୍ୟ ପତ୍ରିକା, ଗମ୍ଭାରିମୁଣ୍ଡା, ବାଣପୁର, ଖୋର୍ଦ୍ଧା
ପିନ୍- ୭୫୨୦୩୫
(ମୋ) ୬୩୭୦୨୦୮୪୨୮

ଚେତନାର ଦର୍ପଣ - ୩୧

# ବ୍ରହ୍ମଦର୍ଶନ



♥ ଲଳିତ ମୋହନ ମିଶ୍ର

ଥରେ କିଛି ସାଧକ ପ୍ରଶ୍ନ କଲେ... ମନୁଷ୍ୟ କେବେ ସୁଖ ପାଏ ଏବଂ କେବେ ଦୁଃଖ ପାଏ ? ସୁଖ ପାଇବାର ଉପାୟ କ'ଣ ? ଯେତେବେଳେ ମନୁଷ୍ୟ ସଙ୍କୁଚିତ ବିଚାର ଧାରାରେ ପ୍ରେରିତ ହୋଇ କାମ କରେ, ସେହି କାର୍ଯ୍ୟ ସେତେ ଉନ୍ନତ ହୁଏ ନାହିଁ । ବରଂ ସେଥିରେ ସେ ଦୁଃଖ ପାଏ । କିନ୍ତୁ ଯେତେବେଳେ ସେ କୌଣସି ବଡ଼ ଉଦ୍ଦେଶ୍ୟ ନେଇ କାର୍ଯ୍ୟ କରେ, ତାହା ତାକୁ ସନ୍ତୋଷ ଓ ଆନନ୍ଦ ଦେଇଥାଏ । ଏବଂ ଜୀବନରେ ପ୍ରଶାନ୍ତି ଆଣିଦିଏ । ଯଦି କୌଣସି କାର୍ଯ୍ୟ ସଂକୀର୍ଣ୍ଣ ମାନସିକତାରେ କରାଯାଏ, ତେବେ ତାହା କ୍ଷୁଦ୍ର ବୁଦ୍ଧିର କାର୍ଯ୍ୟ । ଯଦି ସେହି କାର୍ଯ୍ୟଟି ଉଚ୍ଚ ଚିନ୍ତାଧାରା ଏବଂ ମହତ୍ ଉଦ୍ଦେଶ୍ୟ ନେଇ କରାଯାଏ, ତେବେ ତାହା ବ୍ରହ୍ମଭବନରୁ ପ୍ରେରିତ ହୋଇଛି ବୋଲି କୁହାଯାଏ । ବ୍ରହ୍ମଙ୍କ ଭବନରୁ ଯେଉଁ କାର୍ଯ୍ୟ କରାଯାଏ, ସେଥିରେ ସମସ୍ତେ ମିଶିଯାଆନ୍ତି । ତାହାର ଉଦ୍ଦେଶ୍ୟ ସମସ୍ତଙ୍କୁ ଏକତ୍ର କରି ଏକ ହେବାର ଉଦ୍ଦେଶ୍ୟ । ଯେତେବେଳେ ମନୁଷ୍ୟ ନିଜକୁ ଛୋଟ କରିଦିଏ, ତା'ର ଚିନ୍ତାଧାରା ଚାରିଆଡ଼େ ବୁଲୁଥାଏ। ସେ ଦେଖେ ବାପା ମା' ମୋର ନୁହଁନ୍ତି, ଭାଇଭଉଣୀ ସଖା ସହୋଦରମାନେ ମୋର ନିଜର ନୁହଁନ୍ତି । ଶେଷରେ ସେ ଅନୁଭବ କରେ ଏହି ସଂସାରରେ ତାର କେହି ନୁହଁନ୍ତି । ଭିତରେ ଏକ ଉତ୍ତେଜନା ନିରାଶ ଭାବନା ରହେ । ତେଣୁ ସେ ଶାନ୍ତି ପାଇ ପାରେ ନାହିଁ। ମରିବା ପୂର୍ବରୁ ସେ ମରିଯିବ। ସାଧନାରେ 'ମୁଁ'କୁ ଛୋଟ କରିବା ନୁହେଁ, 'ମୁଁ'କୁ ବିସ୍ତାର କରି ଅସୀମ କରିଦିଏ । ଆଧ୍ୟାତ୍ମିକ ଅଭ୍ୟାସକାରୀ ଯେଉଁଠି ଦେଖିବେ, ସେଠାରେ ସେ ପ୍ରଥମେ 'ମୁଁ' ଦେଖିବେ। ସମସ୍ତଙ୍କ ଭିତରେ ଆତ୍ମଦର୍ଶନ । କୌଣସି ଏକ କାର୍ଯ୍ୟାଳୟରେ କାମ କରୁଥିବା ପିଅନଟି ତାର ଅଫିସରଙ୍କ ପାଖକୁ ଯାଇଥିଲା । ଅଫିସର ତାଙ୍କ ଆଡ଼କୁ ଚାହିଁ ନଥିଲେ। ପିଅନଟି ପ୍ରାୟ ଅଧ ଘଣ୍ଟା ପର୍ଯ୍ୟନ୍ତ ସେଠାରେ ଠିଆ ହୋଇ ରହିଲେ। ତା'ପରେ ସେ ଧୀର ନମ୍ର ସ୍ୱରରେ କହିଲେ, ବାବୁ ! ଏହି ଚିଠି ଆପଣଙ୍କର । ଅଫିସର ବଡ ପାଟିରେ ବିରକ୍ତ ହୋଇ କହିଲେ - ଯାଅ.... ଚାଲି ଯାଅ... । ମୋତେ ଅନ୍ୟମନସ୍କ କରାଅ ନାହିଁ। ପିଅନଟି କିଛି କହିଲା ନାହିଁ । କିଛି ଦିନ ପରେ ଅଫିସରଙ୍କ ପାଖକୁ ଉପରୁ ଚାପ ପଡିଲା ସେହି ଚିଠିର ଉତ୍ତର ଦେବାକୁ । ଅଫିସ୍‌ରେ ଅଫିସର ଜଣକ ସେହି ଚିଠିଟି ବିଷୟରେ ସମସ୍ତଙ୍କୁ ପଚାରିଲେ । ପିଅନ ଜଣକ ସେହି ଅଫିସରେ ଥିଲେ। ତାଙ୍କୁ ଦେଖି କହିଲେ, ବାବୁ ! ତୁମେ ଏକ ଚିଠି ବିଷୟରେ ଜାଣିଛ କି... । ସେ କହିଲା - ସାର୍ ! ଆପଣଙ୍କୁ ସେଦିନ ସେହି ଚିଠିଟି ଦେବାକୁ ଯାଇଥିଲି । ଆପଣ ମୋତେ ବିରକ୍ତ ହୋଇ ମନଇଚ୍ଛା କହିଲେ। ଅଫିସର ବାବୁ ନିଜ ଆଚରଣକୁ ମନେ ପକାଇଲେ । ଏବଂ ଲଜ୍ଜିତ ଦୁଃଖିତ ହେଲେ । ତେଣୁ ଅନ୍ୟ ସହିତ କଥାବାର୍ତ୍ତା ହେବା ସମୟରେ ନିଜ ମନର ଭାବନା ଏବଂ ତାର କଥାକୁ ବୁଝିବା ଉଚିତ୍ । ତାର ମନ କ'ଣ ଚାହୁଁଛି ? ତାହାକୁ ବୁଝନ୍ତୁ ଏବଂ ସେହି ଅନୁଯାୟୀ କାର୍ଯ୍ୟ କରନ୍ତୁ । ଏହାଦ୍ୱାରା ଆପଣ ଦେଖିବେ ଆପଣଙ୍କ ଆଚରଣ ବ୍ୟବହାର ଚାଲି ଚଳଣ ବହୁତ ସୁନ୍ଦର ହେବ । ମନୁଷ୍ୟ ଯେତେବେଳେ ଛୋଟ ଶିଶୁ ଅବସ୍ଥାରେ ସଂସାରକୁ ଆସିଥାଏ, ସେତେବେଳେ ସେ କାନ୍ଦିଥାଏ। କିନ୍ତୁ ତାର ଉଚ୍ଚ ଚିନ୍ତାଧାରା ଏବଂ ଲୋକମାନଙ୍କ ଭଲପାଇବାରେ ସେ ହସି ହସି ସଂସାରରୁ ବିଦାୟ ନିଏ । ଜଣେ ମଣିଷ ଏପରି କାର୍ଯ୍ୟ କରିବା ଉଚିତ୍, ଯିବା ସମୟରେ ସେ ହସୁଥିବ, ସଂସାର ତାର ପାଇଁ କାନ୍ଦୁଥିବ । ଏହା ସେତେବେଳେ ସମ୍ଭବ, ଯେତେବେଳେ ତୁମ ଚିନ୍ତାଧାରାରେ ବ୍ରହ୍ମଦର୍ଶନ ଆସିଯିବ...

♥ କୁରାଳ, ନୟାଗଡ
(ମୋ) ୯୪୩୭୯୮୫୮୬୬

॥ ଆତ୍ମଜୀବନୀ ॥

# ମୋ ମାଆ ସୁବର୍ଣ୍ଣରେଖା

ଡ. ଶ୍ରୀକାନ୍ତ ଚରଣ ପାତ୍ର



'ଜାତି'କଥା ଲେଖିବାର ମୁଖ୍ୟ କାରଣ ହେଲା ମୋ ପିଲାଦିନେ ସେ ଗାଆଁରେ ଜାତିଭେଦ ପ୍ରଥା ଅତି ଉତ୍କଟ ଥିଲା । ସବର୍ଣ୍ଣ ଲୋକମାନେ କେହି ଲୁଙ୍ଗି ପିନ୍ଧୁ ନଥିଲେ କି କୁକୁଡା ଓ ହଂସ ଆଦି ପକ୍ଷୀର ମାଂସ ଖାଇବାତ ଦୂରର କଥା, ନିଜନିଜର ଘରେ ସେମାନଙ୍କୁ ପାଳନବି କରୁ ନଥିଲେ। ଧରାପଡିଲେ ଅର୍ଥ ଦଣ୍ଡ ସହ ସାମାଜିକ ବାସନ୍ଦର ଶୀକାର ହେଉଥିଲେ। କିନ୍ତୁ ଶିକ୍ଷାର ପ୍ରସାର ହେବା ଫଳରେ ଏବେ ଆଉ ସବର୍ଣ୍ଣ- ଅସବର୍ଣ୍ଣ ଭେଦଭାବ ବା ଜାତିଭେଦ ପ୍ରଥା ନାହିଁ କି ସାମାଜିକ କଟକଣା ବି ଲାଗୁ ହେଉନି ।

ଆମର ନଈକୂଳିଆ ଗାଆଁ
(ପୂର୍ବ ପ୍ରକାଶିତ ଉତ୍ତାରୁ)

(୨୮)

## ମୋ ମାମୁଁ ଘର

ବାଲ୍ୟ କୈଶୋରର ଅଭୁଲା ସ୍ମୃତି ଗାଥା...

'ଚକାଚକା ଭଉଁରୀ
ମାମୁଁ ଘର ଚଉଁରୀ......'

ମୁଁ ମୋ ମାମୁଁଘର ପ୍ରଶଂସାରେ ଯେମିତି ମୁଖର, ମୋ ବାପା ଓ ଗୋସବାପା ସେମାନଙ୍କ ମାମୁଁ ଘର ପ୍ରଶଂସାରେ ସେମିତି ଅତିଭାଷୀ ଥିବାର ମୁଁ ଜାଣିଛି। ମୋ ପିଲାମାନେବି ଏ କ୍ଷେତ୍ରରେ ପଛେଇ ନ ଯାଇ ଆମ ପଦାଙ୍କ ଅନୁସରଣ କରୁଛନ୍ତି।

ଆମ ଗାଆଁର ପଶ୍ଚିମକୁ ପ୍ରାୟ ୦୫କି.ମି. ଦୂରରେ ଅବସ୍ଥିତ 'ଖୁଣ୍ଟା' ନାମକ ଏକ ଜନପଦରେ ମୋ ମାମୁଁ ଘର। ସେହି ଗାଆଁରେ 'ରାଜୁ' ଜାତିର ଲୋକମାନେ ଅଧିକ ସଂଖ୍ୟାରେ ବାସ କରୁଥିଲାବେଳେ 'ବାରିକ', 'କାମିଲା' ଓ 'ବୈଷ୍ଣବ' ଜାତିର ଲୋକମାନଙ୍କର ଗୋଟିଏ କରି ପରିବାର ଏବଂ 'ମାଝି' ଜାତିର ଲୋକମାନଙ୍କର ଆଠ/ଦଶ ପରିବାର ବାସ କରୁଥିଲେ ।

'ଜାତି'କଥା ଲେଖିବାର ମୁଖ୍ୟ କାରଣ ହେଲା ମୋ ପିଲାଦିନେ ସେ ଗାଆଁରେ ଜାତିଭେଦ ପ୍ରଥା ଅତି ଉତ୍କଟ ଥିଲା । ସବର୍ଣ୍ଣ ଲୋକମାନେ କେହି ଲୁଙ୍ଗି ପିନ୍ଧୁ ନଥିଲେ କି କୁକୁଡା ଓ ହଂସ ଆଦି ପକ୍ଷୀର ମାଂସ ଖାଇବାତ ଦୂରର କଥା, ନିଜନିଜର ଘରେ ସେମାନଙ୍କୁ ପାଳନବି କରୁ ନଥିଲେ। ଧରାପଡିଲେ ଅର୍ଥ ଦଣ୍ଡ ସହ ସାମାଜିକ ବାସନ୍ଦର ଶୀକାର ହେଉଥିଲେ।

କିନ୍ତୁ, ଶିକ୍ଷାର ପ୍ରସାର ହେବା ଫଳରେ ଏବେ ଆଉ ସବର୍ଣ୍ଣ- ଅସବର୍ଣ୍ଣ ଭେଦଭାବ ବା ଜାତିଭେଦ ପ୍ରଥା ନାହିଁ କି ସାମାଜିକ କଟକଣା ବି ଲାଗୁ ହେଉନି । ଖାଦ୍ୟ ପେୟ, ପରିଧାନ ଏବଂ ବିବାହ ଆଦି ଜଣକର ରୁଚି ଓ ସାମାଜିକ ଚଳଣି ଉପରେ ନିର୍ଭରଶୀଳ ହୋଇଛି ।

ସେହି ଗାଆଁରେ 'ବେହେରା' ପଦବୀ ଧାରୀ ରାଜୁ ଜାତିର ଲୋକମାନେ ବହୁ ସଂଖ୍ୟାରେ ବାସ କରୁଥିଲେ। ମୋ ଅଜା ଭୋଳାନାଥ ବେହେରାଙ୍କୁ ମୁଁ ସ୍ୱଚକ୍ଷୁରେ ଦେଖିନାହିଁ । ମୋର ଜନ୍ମ ସମୟକୁ ତାଙ୍କର ପରଲୋକ ହୋଇସାରିଥିଲା। କିନ୍ତୁ, ଆଈଙ୍କ ଚେହେରା ଝାପ୍ସା ଝାପ୍ସା ମନେଅଛି। କର୍ମଠ ମଣିଷ, ନାମ.. ଖୀର। ମୋର ଚାରିଜଣ ମାମୁଁ ଥିଲେ.. ବାସୁଦେବ, ଉମାକାନ୍ତ, ବନମାଳୀ ଏବଂ କାହ୍ନୁ । କାହ୍ନୁ ମାମୁଙ୍କର ବାଲ୍ୟକାଳରେ ଓ ବନମାଳୀ ମାମୁଙ୍କର ଯୌବନାବସ୍ଥାରେ ପରଲୋକ ହୋଇଥିଲା। ବନ ମାମୁଁଙ୍କର ପରଲୋକ ଆମରି ଘରେ ହୋଇଥିବାରୁ ଓ ସେ ଅବିବାହିତ ଥିବାରୁ ତାଙ୍କର ଶୁଦ୍ଧକ୍ରିୟା ମୁଁ କରିଥିଲି ।

ବଡମାମୁଁ ବାସୁଦେବ କମର୍ଦ୍ଧାପାଖ ଏକ ଗାଆଁରେ ବିବାହ କରିଥିଲେ। ମାଇଁଙ୍କର ନାମ ଥିଲା ଲକ୍ଷ୍ମୀ। ଏକ ପୁତ୍ର ସନ୍ତାନକୁ ଜନ୍ମଦେବାପରେରେ ମାଇଁଙ୍କର ପରଲୋକ ହୋଇଗଲା ଓ ଦୁଇଦିନପରେ ନବଜାତକର ବି ମୃତ୍ୟୁ ହେଲା । ତାପରେ ବଡମାମୁଁ ଆଉ ବିବାହ କରିନଥିଲେ ।

ମଝିଆଁ ମାମୁଁ ଉମାକାନ୍ତଙ୍କୁ ତାଙ୍କର ଜଣେ ମାମୁଁ, ମଙ୍ଗଳପୁର ଗ୍ରାମର ପହଲି କୁଣ୍ଡ ନିଃପୁତ୍ରିକ ଥିବାରୁ ନେଇ ନିଜ ପାଖରେ ରଖିଥିଲେ ଓ ନିଜର ସମ୍ପତ୍ତିସବୁ ତାଙ୍କୁ ଦାନ କରିଦେଇଥିଲେ। ତାଙ୍କ ଝିଅମାନେ ସେଥିପାଇଁ କେବେବି ଆପତ୍ତି କରିନଥିଲେ। ମଝିଆଁ ମାଇଁଙ୍କର ନାମବି ଥିଲା ଲକ୍ଷ୍ମୀ। ମୋ ବୟସ କମ୍ ଥିଲାବେଳେ ମୋ ମାଆଙ୍କ ସାଥିରେ ଖୁଣ୍ଟା ଓ ମଙ୍ଗଳପୁର ମାମୁଁ ଘରକୁ ଅନେକ ଥର ଯାଇଛି। ଦୁଇ ମାଇଁଙ୍କର ସ୍ନେହ, ଶ୍ରଦ୍ଧା ଓ ଆଦର ଯତ୍ନ ମୁଁ ପାଇଛି । ସେସବୁ ମୁଁ ଭୁଲି ପାରିବିନି ।

ମାଆ ଓ ବଡ ମାଇଁଙ୍କ ସାଥିରେ 'ଡାକଶିରୀ' ପୋଖରୀକୁ ଅନେକଥର ଗାଧୋଇବାପାଇଁ ଓ ଛୋଟ ଠେକି ବା ଲୋଟାଟାଏ ଧରି 'ଝର' ବା ଝରଣାକୁ ପିଇବାପାଣି ଆଣିବାପାଇଁ ଯାଇଛି। ଝରପାଣିରେ ଖାଦ୍ୟ ହଜମ କରିବାର ଶକ୍ତି ଅଧିକ।

ସେ ଗାଆଁରେ ଉଗ୍ରେଶ୍ୱର ମହାଦେବଙ୍କ ଘଟ ଉଠା ଓ ପାଟଯାତ୍ରାକୁ ଓ ବଡାମ, ମଙ୍ଗଳା, ଜଞ୍ଜାଳି ବୁଢୀ ଏବଂ ଡାକଶିରୀ ବୁଢୀଙ୍କ ବାର୍ଷିକ ଓ ମାନସିକ ପୂଜାକୁ ଅନେକ ଥର ଯାଇଛି। ସାଙ୍ଗମେଳରେ ସୀତାଚୋରୀ, ଲୁଣହାଣ୍ଡି ବି ଖେଳିଛି। ଜହ୍ନରାତିରେ ଗାଆଁ ଦାଣ୍ଡରେ ଅନେକ ରାତିଯାଏ ବୁଲିବା ଯୋଗୁଁ ମାଆ ଓ ମାମୁଙ୍କଠୁ ଗାଳିବି ଖାଇଛି। ଆମର ଖେଳ ମୁଖ୍ୟତଃ ମହାଦେବଙ୍କ ମନ୍ଦିର ପାଖରେ ଓ ଗାଆଁ ଦକ୍ଷିଣ ଦିଗରେ ଗାଆଁକୁ ଲାଗିକି ରହିଥିବା ମୟୁରଭଞ୍ଜ ଜିଲ୍ଲାର ଏକ ବିରାଟପଦା (ତରାପୁର ପଦା)ରେ ଜମୁଥାଏ ।

ଖୁଣ୍ଟାରେମୋର ସମ ବୟସ୍କ ଅନେକ ବଂଧୁ ଥିଲେ ... ରତିକାନ୍ତ ବେହେରା, ଶ୍ରୀକାନ୍ତ ଦାସ ଓ ହରେକୃଷ୍ଣ ରଣା ପ୍ରଭୃତି। ବୃତ୍ତିଗତ ଜୀବନରୁ ଅବସର ନେଇ ପ୍ରଥମ ଦୁଇଜଣ ଯିଏ ଯାହାର ଗୃହରେ ବାସ କରୁଥିଲେ, ହରେକୃଷ୍ଣ ରହୁଥିଲେ ବାରିପଦାରେ। କାର୍ଯ୍ୟବ୍ୟସ୍ତତା ଯୋଗୁଁ ସେମାନଙ୍କର ଏବକାର ଖବର ମୁଁ ରଖିପାରିନି । ସେମିତି ହୁଏତ ମୁଁ ବି ସେମାନଙ୍କ ସ୍ମୃତିରୁ ହଜି ଯିବିଣି।

କୁଆଡେ ଗଲା ସେ ଦିନସବୁ ?

ଆଜି ବାଲ୍ୟ- କୈଶୋରର ଘଟଣାବଳୀକୁ ଲେଖିଲା ବେଳକୁ ସେବେଳର ଅନେକ ସଜଳସ୍ମୃତି ମନରେ ଉଙ୍କି ମାରୁଛି ।

(କ୍ରମଶଃ)

♥ ଅବସରପ୍ରାପ୍ତ ଅଧ୍ୟକ୍ଷ
ଚମାରଗାଁ, ଲକ୍ଷ୍ମଣନାଥ,
ବାଲେଶ୍ୱର-୭୫୬୦୮୭
ମୋ: ୭୮୯୪୬୭୯୪୪୧

କବିତାର କଥା...

# ସମୟ ଓ ପରିବେଶରୁ ହିଁ ଗଳ୍ପ ସୃଷ୍ଟି ହୁଏ



ପତିତପାବନ ଗିରି

ଶିଳ୍ପୀଟିଏ ବା ସାଧାରଣ ମଣିଷଟିଏ ଯେଉଁଠି ଯେଉଁଠି ନିଜକୁ ଖୁଣ୍ଟେ, ସେଇଠୁ ପୁଣି ନୂଆ ନୂଆ ଗଳ୍ପ କାହାଣୀ ସୃଷ୍ଟିହୁଏ । ସମୟ ପରିବେଶରୁ ହିଁ ଗଳ୍ପ ସୃଷ୍ଟିହୁଏ । ଉଦାହରଣ ସ୍ୱରୂପ-

୧. ଦୁନିଆଁରେ ଏତେ ବୈଷମ୍ୟ, ଏତେ ଶ୍ରେଣୀ ସଂଘର୍ଷ, ଜୀବନରେ ଏତେ ବିଷର୍ଣ୍ଣତା, ମୁଁ ବାରମ୍ବାର ଅସ୍ଥିର ହୋଇ ପଡୁଛି । (ଦର୍ପଣ, ଦେବଦାସ ଛୋଟରାୟ)

୨- କାହା ସହିତ କାହାର ରକ୍ତ ସମ୍ପର୍କ ନାହିଁ। ଅଥଚ ଗଭୀର ଆତ୍ମୀୟତାରେ ସେମାନେ ପରସ୍ପର ସହିତ ବାନ୍ଧି ହୋଇ ରହିଛନ୍ତି । (ଘନ କୁହୁଡ଼ିର ଖେଳ, ବୀଣାପାଣି ମହାନ୍ତି)

୩- ତୁ ନିଜେ ମେଘ, ନିଜେ ବରଷା, ଦେ ମୋତେ ଭରିଦେ.... ଭରିଦେ...। (ପ୍ରଣୟିନୀ, ଦେବବ୍ରତ ମଦନରାୟ)

୪- ମଣିଷ କେତେ ଅସହାୟ ଓ ଭୀରୁ ତାହା ଅନ୍ଧକାର ହିଁ ପ୍ରମାଣିତ କରିଦିଏ । (ତ୍ରିଶଙ୍କୁ, ରାମଚନ୍ଦ୍ର ବେହେରା)

୫- ଇଏତ ସେଇ ଆକାଶ, ଅପରାହ୍ନର ଆକାଶ । ଏଇତ ସେଇ ପବନ, କେତେ ସୁଲୁ ସୁଲୁ ଦକ୍ଷିଣା ପବନ । ଇଏତ ସେଇ ନଦୀ, ପରିଚିତ ନଦୀ । ଅଥଚ ସେ ରହୁଥିବା ସହରଟା ଚାହୁଁ ଚାହୁଁ କେତେ ବିସ୍ତାରିତ ହୋଇ ଗଲାଣି । ନିଜେ ଜଣେ ପୁରୁଣା ଅଧିବାସୀ ହୋଇ ମଧ କିଛି ଜାଣି ପାରୁ ନାହିଁ। (କ୍ଲେଦିତ ଅନୁରକ୍ତି, ନାରୁ ମହାନ୍ତି)

୬- ଅପେକ୍ଷା ହିଁ ତ ଜୀବନ । (ପରାଙ୍ଗ ପୁଷ୍ଟ, ପଦ୍ମଜ ପାଲ)

୭- କେତେ ନାଟ ଲଗଉଚ, ଲଗାମ! (ମାୟାବୀ ମାଧବ, ଜୟନ୍ତୀ ରଥ)

୮- ଜାଣ ମଉସା! ମୋ ବାପା ନା ଆଉ ଗୋଟିଏ ମାଆ ଆଣି ରଖିଛନ୍ତି। (ଝିଅ, ନିବାରଣ ଜେନା)

୯-ଅଭାବୀ ସଂସାରକୁ କାହ୍ନୁର ଅନନ୍ତ କ୍ଷୁଧା, ସବୁବେଳେ ଖାଇବି ଖାଇବି ହୁଏ । (କାହ୍ନୁର ଘର, ଗୌରହରି ଦାସ)

୧୦- ଏ ଶଳା ମଣିଷଗୁଡ଼ା ରାତ୍ରି ହେବା ମାତ୍ରେ ଏମିତି ଶୋଇ ପଡ଼ନ୍ତି କାହିଁକି ? (ବାଘ, ଅଜୟ ସ୍ୱାଇଁ)

୧୧- ପ୍ଲିଜ୍ ଭୃଗୁ, ଡୋଣ୍ଟ ବିହେବ ଲାଇକ୍ ଦ୍ୟାଟ୍ । (ରେବତୀ, ରବି ପଣ୍ଡା)

୧୨- ପରିବର୍ତ୍ତିତ ସମୟର ପଦଧ୍ୱନିକୁ ସ୍ୱୀକାର କରିନେବା ହିଁ ବିଜ୍ଞତା । (ପ୍ରତିଧ୍ୱନି, ମନ ମିଶ୍ର)

ଅତିବାସ୍ତବ- ଜୀବନର ପ୍ରତୀକାତ୍ମକ ଅଭିବ୍ୟଞ୍ଜନା ହିଁ ଆଜି ସବୁଠୁ ଅଧିକ ସ୍ୱାଦ୍ୟ ମନେହୁଏ । ସାମ୍ପ୍ରତିକ ଜୀବନ- ଜିଜ୍ଞାସା, ଯୁଗଯନ୍ତ୍ରଣା ତଥା ମାନବୀୟ ଆତ୍ମ ଦହନରୁ କାରୁଣ୍ୟକୁ ଚମତ୍କାର ଗଦ୍ୟରୂପ ଦେବାରେ ଆଜିର ଶିଳ୍ପୀ ମାନସର ବ୍ୟଞ୍ଜନାମୟ ଜୀବନର ଅଭିବ୍ୟକ୍ତି ଖୁବ୍ ଚମତ୍କାର । ଆଲବର୍ଟ କାମ୍ୟୁ କହନ୍ତି- '**Story contains only the solitary men.**' ଏ ପୃଥିବୀରେ ମଣିଷର ସ୍ଥିତି ହିଁ ଏକ ନିଃସଙ୍ଗ ସ୍ଥିତି । କୁହାଯାଏ **The state of existence is the state of estrangement.** ନିଜ ଜୀବନର ଚରମ ଲାଞ୍ଛନା ଉତ୍କଟ ଦାରିଦ୍ୟ, ଅବଚେତନ ଜନିତ ବିଳାପ, ବିଫଳତା, ଅବହେଳାକୁ ଯିଏ ଅବିକଳ ଲେଖିକାରେ, ତା' ଭିତରୁ ହିଁ ଜଣେ ପାଠକ ସତ୍ୟର ଜ୍ୟୋତିର୍ମୟ ରୂପ ଦେଖିପାରେ। କ୍ଷୁଦ୍ରଗଳ୍ପରେ ମିଥ୍ ଚେତନାର ରୂପରୂପାନ୍ତର ହେତୁ ମଣିଷର ଗଭୀର ପ୍ରାଣପିପସା ଓ ପ୍ରାଣ ପ୍ରାଚୁର୍ଯ୍ୟ ଫୁଟିଉଠେ । ଗ୍ରାହମ ହୃଗ୍ କହନ୍ତି- **Myth implies a story.** ମିଥ୍ ଅନନ୍ତ ସମୟର ସ୍ୱାଗତ ବାଣୀ । ଉଇଲିୟମ୍ ପଂକ୍ ନର କହନ୍ତି - ଗଳ୍ପ ଲେଖାର ଆଧାର ତ୍ରିବିଧ; ଅଙ୍ଗେ ନିଭେଇବା, ଆଖି ବୁଲେଇ ଦେଖିବା ଓ କଳ୍ପନା କରିବା । ତାଙ୍କ ଭାଷାରେ - **The Story is begining with a single idea or memory or mental picture.**' ଆମ ଯୁବ ଗାଳ୍ପିକ ମାନଙ୍କର ସୃଷ୍ଟି ସମ୍ପଦରେ ଓଡ଼ିଆ ଜାତିର ସ୍ୱପ୍ନ, ଆଶା ଓ ବିଶ୍ୱାସ ବିକଶିତ ଭାରତବର୍ଷର ଭୂ-ଚିତ୍ର ଉପରେ ଖୁବ୍ ଗୌରବମୟ ଠାଣିରେ ଠିଆ ହୋଇଛି । ଗୋଟେ ସମ୍ଭାବନାମୟ ନୂଆ ସକାଳର ବର୍ଣ୍ଣିଳ ଦ୍ୟୁତିରେ ପୂର୍ବାସାର ବିଦଗ୍ଧ ଭାବନା ଫିଟି ପଡୁଛି ଯେମିତି । ନେପଥ୍ୟରୁ କେହିଜଣେ କହୁଛି: 'ଜୀବେମଃ ଶରଦଃ ଶତମ, ପଶ୍ୟେମ ଶରଦଃ ଶତମ୍।'

♥ କରଞ୍ଜିଆ, ମୟୂରଭଞ୍ଜ
ମୋ: ୭୬୦୬୯୯୫୬୯୯

# ମାଆ ପାଇଁ ଶ୍ରେଷ୍ଠ ଉପହାର



ବିକାଶ କୁମାର ଶତପଥୀ

(ପାଠାଗାର ପାଠକଙ୍କ ପାଇଁ ସମର୍ପିତ)

'ମାଆ ତମେ ଘରେ ରହି ସବୁ ସମୟରେ କାମ କରୁଛ ।ଆଜି ଚାଲ ଗୋଟିଏ ନୂଆ ଜାଗା ବୁଲି ଆସିବା।' ମାଆ ହଠାତ୍ ପୁଅର କଥା ବୁଝି ନପାରି ଖୁସିରେ ହଁ ମାରିଲେ ।ସଞ୍ଜ ନଇଁ ଆସୁଛି ।ପୁଅ ସାଇକୃଷ୍ଣ ଘରୁ ସାଇକେଲ ବାହାର କଲା ।ମାଆକୁ ପଛରେ ବସାଇବା ପାଇଁ ମାଆର ମୋଟା ପୁରୁଣା ଶାଢ଼ୀ ଖଣ୍ଡିଏ ସିଟ୍ ରେ ପକାଇଲା ଯେମିତି ମାଆର ବସିବାରେ କିଛି ଅସୁବିଧା ନ ହେବ ।ପୁଣିଥରେ ମାଆକୁ ଡାକ ଛାଡ଼ିଲା, 'ମାଆ ଆସ ।ଅନ୍ଧାର ପଡ଼ିଯିବ ।ଶୀଘ୍ର ଯାଇ ଆମେ ଫେରିବା।' ମାଆ ସୁନୀତା ଦେବୀ ସ୍ୱାମୀଙ୍କୁ ହରାଇବା ପରେ ଏଇ ପୁତ୍ର ହିଁ ତାଙ୍କର ଏକୋଇରବଳା ବିଶିକେଶନ ।ମୁଣ୍ଡର ଝାଳ ତୁଣ୍ଡରେ ମାରି ପୁଅକୁ ଇଞ୍ଜିନିୟରିଂ ପାଠ ପଢ଼ାଇଛନ୍ତି ।ହେଲେ ଆଜିର ଚାକିରି ମହରଗ ଦୁନିଆରେ ଚାକିରି ହେଉଛି ବା କେଉଁଠି ? ସାଇକୃଷ୍ଣ ଅନ୍ଧାର ପଡ଼ିଯିବା ଭୟରେ ସାଇକେଲ ର ପେଡାଲ ଟିକେ ଜୋର୍ ମାରିଲା ।ମାଆ ପଛପଟୁ କଣ ସବୁ ଗୁଣୁଗୁଣୁ ହେଉହେଉ କହିଲେ ,'ମୋ ଧନରେ ଆମର କଣ ଗୋଟିଏ ମଟର ସାଇକେଲ କରିପାରିବାନି ? ଏ ବୁଢ଼ୀ ମାଆଟାକୁ କେତେଦିନ ଆଉ ସାଇକେଲ ରେ ବସାଇ ବଜାର ବୁଲାଇନେବୁ।'

ପୁଅ ଗୋଟିଏ ଖୋଲା ହସ ହସି କହିଲା,'ମାଆ ଏ ସାଇକେଲ ବାପା ମୋ ପାଇଁ ରଖିଦେଇ ଯାଇଛନ୍ତି। ଏ ମଟରସାଇକେଲଠୁ କିଛି କମ୍ ନୁହେଁ।' ଏହି ସମୟରେ ବଜାରର ଜନଗହଳି କମି ଆସିଲା ।ମାଆ ପଚାରିଲେ,'ଆରେ ବଜାର ତ ସରିଗଲା ତୁ ଯାଉଛୁ କୁଆଡେ ?'

ହଠାତ୍ ସାଇକୃଷ୍ଣ ବ୍ରେକ୍ ମାରି ସାଇକେଲ ରୁ ତା ପାଦକୁ ମାଟିରେ ଛୁଇଁଲା ଓ କହିଲା,'ମାଆ ଓଲ୍ହାଇ ପଡ ।ଠିକଣା ଜାଗା ପହଁଚିଗଲେ।' ମାଆ ଆଶ୍ଚର୍ଯ୍ୟ କିନ୍ତୁ କିଛି ବୁଝି ପାରିଲେ ନାହିଁ ।ସାଇକୃଷ୍ଣ ମାଆର ହାତ ଧରି ଗୋଟିଏ ଘର ଭିତରକୁ ନେଇ ଗଲା ଯେଉଁଠି ଖାଲି ବହି.....ବହି........ ଆଉ ବହି ।ସାଇ କୃଷ୍ଣ କହିଲା,'ମାଆ ଆମ ଦୁଃଖର ସାଥୀ ହେଉଛି ଏହି ବହି। ଏ ହିଁ ଆମର ପ୍ରକୃତ ବନ୍ଧୁ। ଏଥିରେ ଜ୍ଞାନ ଅଛି,ଏଥିରେ ଆନନ୍ଦ ବି ଅଛି ।ଆଜିଠାରୁ ତୁମ ହାତରେ ଏହି ନିଃଶୁଳ୍କ ପାଠାଗାରରୁ ସବୁବେଳେ ଖଣ୍ଡିଏ ବହି ଧରାଇବାର ଚିନ୍ତା କରି ଏହି ନିଃଶୁଳ୍କ ପାଠାଗାରକୁ ନେଇ ଆସିଛି। ଏଠାରେ କେବଳ ବହି ନାହିଁ ବହୁ ଦୁଷ୍ପ୍ରାପ୍ୟ ଜିନିଷମାନ ଅଛି ଯାହାକୁ ଦେଖିବା ପାଇଁ ରାଜ୍ୟ ସଂଗ୍ରହାଳୟକୁ ଯାଇ ପଇସା ଦେଇ ଦେଖିବାକୁ ପଡ଼ିଥାଏ ।ସାରା ସଂସାରରେ ଅର୍ଥର ଆବଶ୍ୟକତା ପଡୁଥିବା ବେଳେ ଏଠାରେ କିନ୍ତୁ ଟଙ୍କାଟିଏ ଦେବାକୁ ପଡେନାହିଁ ।ଏହା ଏକ ବ୍ୟକ୍ତିଗତ ପ୍ରଚେଷ୍ଟାର ଅନୁଷ୍ଠାନ ।ଏହାର ମୁଖ୍ୟ ପୃଷ୍ଠପୋଷକଙ୍କର ଲକ୍ଷ୍ୟ ସମସ୍ତଙ୍କ ହାତରେ ଖଣ୍ଡିଏ ବହି ଧରାଇବା।' ମାଆ ସୁନୀତା ଦେବୀଙ୍କ ମୁହଁରେ ଚେନାଏ ହସ ଖେଳିଗଲା ।ସେ ଖୁବ୍ ଉତ୍କଣ୍ଠାର ସହ ପୁଅକୁ କହିଲେ,'ସେ ବାବୁ ଜଣକ କାହାନ୍ତି ?ଡାକ ତାଙ୍କୁ ଦର୍ଶନ କରି ଏ ଦୁର୍ଲ୍ଲଭ ଜନ୍ମକୁ ସାର୍ଥକ କରିବି।' ସେପଟରୁ ସାଧା ଖୁରୁଦା ନାଲି ଗାମୁଛା ଖଣ୍ଡିଏ ପିନ୍ଧି ସାଧା ସିଧା ବେଶରେ ବାହାରି ଆସିଲେ ସଂଗ୍ରାହକ ମହାଶୟ ।ମାଆ ପୁଅଙ୍କୁ ଏକାଠି ଦେଖି ସେ ଖୁବ୍ ଖୁସି ହୋଇଗଲେ ଆଉ କହିଲେ,'ମୋର ୩୪ବର୍ଷ ପାଠକୀୟ ଅଭିଯାନ ଭିତରେ ମୁଁ କେବେ ଦେଖିନାହିଁ ପୁଅଟିଏ ମାଆକୁ ସୁଖ ବାଣ୍ଟିବା ପାଇଁ ପାଠାଗାର କୁ ଆଣି ତା ହାତରେ ବହି ଧରାଇବା ।ଏହା ନିଶ୍ଚୟ ମାଆ ପାଇଁ ପୁଅର ଶ୍ରେଷ୍ଠ ଉପହାର ।ଆଧୁନିକ ସମାଜର ସବୁ ପୁଅମାନେ ମାଆଙ୍କ ହାତରେ ଏହିଭଳି ବୟସର ଅପରାହ୍ନରେ ବହି ଖଣ୍ଡିଏ ଧରାଇଲେ ତାହା ହିଁ ମାଆ ପାଇଁ ଶ୍ରେଷ୍ଠ ଉପହାର ହେବ ନିଶ୍ଚୟ।'

♥ ସମ୍ପାଦକ - ଲୋକନାଥ ପାଠାଗାର
ବାସୁଦେବପୁର, ଭଦ୍ରକ
ମୋ - ୯୪୩୭୧୦୨୧୧୯

# ଆମ ସାହିତ୍ୟ

ସିଦ୍ଧେଶ୍ୱର ତ୍ରିପାଠୀ

ସାହିତ୍ୟ ସମାଜର ଦର୍ପଣ । ସାହିତ୍ୟ ଦ୍ୱାରା ସମାଜରେ ଶିକ୍ଷା ସଂସ୍କାର ମଣିଷ ପାଣିଆର ପ୍ରଚାର ପ୍ରସାର ହୁଏ ।

ଏବେ ସାହିତ୍ୟିକଟିଏ କହୁଛି ପାରିତୋଷିକ ତ ଦୂରେ ଥାଉ ପଇସା ଦେଲେ ବି ସମ୍ପାଦକ ଠିକ୍ ସମୟରେ ବହି ପଠାଉନାହିଁ। ପଇସା ଦେଇ କେତେ ବହି ଛାପିବା ।

ପ୍ରକାଶକର ମତ ଆଉ ଆଗ ଭଳି ଓଡ଼ିଆ ବହି ପତ୍ର ପତ୍ରିକା ବିକ୍ରି ହେଉନି । ଲାଭ କଥା ଛାଡ ମୂଳ ବି ଉଠୁନି ।

ପାଠକ କହୁଛି ଆଉ ସାହିତ୍ୟରେ ସେ ରସ ନାହିଁ । ସବୁ ଅନ୍ୟ ଭାଷାରୁ କପି(ନକଲ) ହେଉଛି । ଫେସବୁକ ହ୍ୱାଟ୍ସଆପ ଆସିଲା ପରେ ସମସ୍ତେ କବି ସମସ୍ତେ ସାହିତ୍ୟିକ । ଗୁଡାଏ ବହି ଇଣ୍ଟର ନେଟରେ ମିଳୁଛି ଏଗୁଡା କିଆଁ କିଣିବା।

ସମାଲୋଚକଙ୍କ ମତ ସାହିତ୍ୟରେ ପ୍ରିୟାପ୍ରୀତି ତୋଷଣ ଚାଲିଛି । ପୁରସ୍କାର ବିକ୍ରି ହେଉଛି । ସାହିତ୍ୟିକ ଆଜି ମାନପତ୍ର ପ୍ରେମରେ ପଡି ଯାଇଛି। ପ୍ରକାଶକ ସାହିତ୍ୟ ଛାପୁନି ଛାପୁଛି ନିଜ ବ୍ୟବସାୟର ଲାଭ ମିଳୁଥିବା ଧନୀକ ଶ୍ରେଣୀର ବ୍ୟକ୍ତିର ଲେଖାକୁ । ଟିକି ମିକି ଦେହ ବାଣ୍ଟି ପାରିଲେ ଲେଖା ବି ଟିକିମିକି ବୋଲି ପରିଗଣିତ ହେଉଛି । ଆଖି ବୁଲେଇଲେ ପୁଳା ପୁଳା କବି ଆଉ ମେଞ୍ଚା ମେଞ୍ଚା ସାହିତ୍ୟ ଅନୁଷ୍ଠାନ ଆଉ ରାତି ପାହିଲେ ସମସ୍ତଙ୍କ ପାଖରେ ଡାଉନ୍ ଲୋର୍ଡ ପ୍ରିଣ୍ଟ ଆଉଟ (ସମସ୍ତେ ବୁଝିବା ଭଳି ଶବ୍ଦ) ହୋଇ ଟଙ୍ଗା ହୋଇଥିବା ମାନପତ୍ର ।

ପୁରାତନ ଛାନ୍ଦକୁ ଖେଚେଡ଼ି କରି କଦର୍ଯ୍ୟ ଭାବରେ ମନ ମନେକା କବିତାର ନୂଆ ଧାରା ବି ସୃଷ୍ଟି ହେଲାଣି ।

ଏଠି ବୟୋଜ୍ୟେଷ୍ଠ ଆର୍ଥିକ ସ୍ୱଚ୍ଛଳ ସାହିତ୍ୟିକ ଆଉ ଫେସବୁକ ହ୍ୱାଟ୍ସଆପ ସଂଘର ସୃଷ୍ଟିକର୍ତ୍ତାଙ୍କ ପିଲାଳିଆମୀ ଆଉ ମନମାନି ବି ବେଳେ ବେଳେ ହାଶ୍ୟାସ୍ପଦ ଲାଗେ ।

କବି ଗାଳ୍ପିକ ପ୍ରାବନ୍ଧିକ ନାଟ୍ୟକାର ଔପନ୍ୟାସିକ ସମସ୍ତେ ହାମବଡା ନୀତିରେ ମାହିର୍।

ଏଠି ବ୍ୟକ୍ତିର ନାଁ କୁ କୁଆଡେ ମାନପତ୍ର ଦିଆଯାଏ ଲେଖାକୁ ନୁହେଁ । ଲବି କଲେ ଗାଳ୍ପିକ ବି କବି ହୋଇପାରେ ।

(ଆଜିକାଲିକା କବିତା ଲେଖି)।

ସେଥିରେ ପୁଣି ବ୍ୟଙ୍ଗକବି ଗୀତିକବି ଗୀତିକାର ଆଉ ଏବେକାର କଲିମୀ ଅତ୍ୟାଧୁନିକ କବି । ସମସ୍ତଙ୍କ ମୁହଁ ଭିନ୍ନ ଭିନ୍ନ ଦିଗକୁ ।

ଏଠି ପଇସା ପାଇଁ ବ୍ୟଙ୍ଗକବି ମାନେ ହାସ୍ୟ ଅଭିନେତା ହେଇଗଲେଣି । ଆଉ ମୋଟା ଅଙ୍କର ଦରମା ପାଉଥିବା ବ୍ୟକ୍ତି ମାନେ ପଇସା ଫୋପାଡ଼ି ରାତାରାତି ବଡ଼ ଗୀତିକାର ହୋଇଗଲେଣି । ସେ ଗୀତ ବୁଝି ହେଉକି ନହେଉ କିନ୍ତୁ ଆଗ ଧାଡ଼ିର କଣ୍ଠଶିଳ୍ପୀ ଗାଇଛନ୍ତି ଆଉ ନାଁ ପୂର୍ବରୁ ଡଃ କି ପ୍ରଫେସର ଲାଗିଥିବା ଲୋକ ଯେହେତୁ ଲେଖିଛନ୍ତି ଲାଇକ କମେଣ୍ଟ ଦି ଚାରିଟା ଅଧିକ ମିଳିବ ନିଶ୍ଚୟ ।

ଅନେକ ପାଠକ ଆଉ ବହି ପଢୁ ନାହାନ୍ତି ମୋବାଇଲ ରେ ଘଣ୍ଟା ଘଣ୍ଟା ଧରି ଖେଳ ଖେଳିବାକୁ ପସନ୍ଦ କରୁଛି ।

ତଥାପି ଲଙ୍କାରେ ବିଭିଷଣ ଥିବା ଭଳି ଆଜିବି ଆମ ସମାଜରେ କିଛି ଭଲ କବି ପ୍ରକାଶକ ପାଠକ ଅଛନ୍ତି ଏଥିରେ ସନ୍ଦେହ ନାହିଁ ଦେଖାଯାଉ ପରିବର୍ତ୍ତନର ସମୟ ଆସିଛି ।

+କବିର ଘର
କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା
ମୋ: ୭୦୦୮୩୧୫୦୪୦

# ଚଳିତ ବର୍ଷ ବଲାଙ୍ଗିର ଜିଲ୍ଲାରେ ୭୭୯୮ ହେକ୍ଟର ଜମିରେ ରବି ଧାନଚାଷ : ଧାନକିଣା ଟାର୍ଗେଟ ମାତ୍ର ୨.୫ ଲକ୍ଷ କ୍ୱିଂଟାଲ

ବଲାଙ୍ଗୀର, ୨୫/୫ (ନି.ପ୍ର): ବଲାଙ୍ଗୀର ଜିଲ୍ଲାରେ ଜଳସେଚନ ହାର ବଢୁନଥିବାରୁ ରବି ଧାନଚାଷ ପରିମାଣ ମଧ ବଢିପାରୁନାହିଁ । ଚଳିତ ବର୍ଷ ବଲାଙ୍ଗୀର ଜିଲ୍ଲାରେ ମାତ୍ର ୭୭୯୮ ହେକ୍ଟର ଜମିରେ ରବି ଧାନଚାଷ ହୋଇଥିବା କୃଷିବିଭାଗ ସୂତ୍ରରୁ ଜଣାଯାଇଛି । ସେଥିମଧରେ ବଲାଙ୍ଗୀର ଉପଖଣ୍ଡର ଆଗଲପୁର ବ୍ଲକରେ ୧୧୨୦ ହେକ୍ଟର, ଦେଓଗାଁ ବ୍ଲକରେ ୧୦୩୩ ହେକ୍ଟର, ଗୁଡଭେଲା ବ୍ଲକରେ ୧୧୮୦ ହେକ୍ଟର, ବଲାଙ୍ଗୀର ବ୍ଲକରେ ୩୯୫ହେକ୍ଟର, ପୁଇଁତଳା ବ୍ଲକରେ ୩୫୦ ହେକ୍ଟର, ଲୋଇସିଂହା ବ୍ଲକରେ ୪୩୫ ହେକ୍ଟର ଏପରି ମୋଟ-୪୫୧୩ ହେକ୍ଟର ଜମିରେ ରବିଧାନଚାଷ ହୋଇଛି । ସେହିପରି ଟିଟିଲାଗଡ ଉପଖଣ୍ଡର ଟିଟିଲାଗଡ ବ୍ଲକରେ ୭୦୦ ହେକ୍ଟର, ସଇଁତଳା ବ୍ଲକରେ ୩୩୦ ହେକ୍ଟର, ମୁରିବାହାଲ ବ୍ଲକରେ ୧୮୦ହେକ୍ଟର, ବଙ୍ଗୋମୁଣ୍ଡା ବ୍ଲକରେ ୩୫୦ହେକ୍ଟର, ତୁରେକେଲା ବ୍ଲକରେ ୨୮୦ହେକ୍ଟର ଏପରି ମୋଟ ୧୭୪୦ ହେକ୍ଟର ଓ ପାଟଣାଗଡ ଉପଖଣ୍ଡର ପାଟଣାଗଡ ବ୍ଲକରେ ୬୮୫ ହେକ୍ଟର , ବେଲପଡା ବ୍ଲକରେ ୩୨୦ ହେକ୍ଟର ଓ ଖପ୍ରାଖୋଲ ବ୍ଲକରେ ୫୪୦ ହେକ୍ଟର ଜମି ଏପରି ମୋଟ ୧୫୪୫ ହେକ୍ଟର ଜମିରେ ରବିଧାନ ଚାଷ ହୋଇଛି । ତିନିଟି ଯାକ ଉପଖଣ୍ଡକୁ ମିଶାଇ ଜିଲ୍ଲାରେ ମୋଟ ୭୭୯୮ ହେକ୍ଟର ଜମିରେ ରବିଧାନ ଚାଷ ହୋଇଛି । ବିଗତ କିଛିବର୍ଷ ହେଲା ଜିଲ୍ଲାର ଦେଓଗାଁ ବ୍ଲକ ଅଂଚଳରେ ଆଖୁଚାଷ ପରିମାଣ କମିଯାଇ ଥିବାରୁ ସେହି ଜମି ମାନଙ୍କରେ ଉଠା ଜଳସେଚନ ଜରିଆରେ ଧାନଚାଷ ପରିମାଣ ବଢିଛି । ଦେଓଗାଁର କିଛି ଅଂଶ ଓ ଗୁଡଭେଲା ବ୍ଲକର କିଛି ଅଂଶରେ ତେଲନଦୀର ମେଗାଲିଫ୍ଟ ପଏଂଟ ଜରିଆରେ ଜଳସେଚିତ କରାଯାଇଛି । ସେଥିପାଇଁ ଏହି ଦୁଇ ବ୍ଲକରେ କିଛି ମାତ୍ରାରେ ଅଧିକ ରବିଧାନ ଚାଷ ହୋଇଛି । ତେବେ ରାଜ୍ୟ ସରକାର ଏତେ ପରିମାଣର ଯୋଜନା କରୁଥିଲେ ହେଁ ଜିଲ୍ଲାରେ ନିଶ୍ଚିତ ଜଳସେଚନ ହାର ବଢିପାରୁନାହିଁ । ଆଗଲପୁର ବ୍ଲକ ଅଂଚଳ କିଛି ଅଂଶରେ ମଧ ହିରାକୁଦ କେନାଲର ପାଣି ମାଡୁଛି । ସେହି କାରଣରୁ ଆଗଲପୁର ବ୍ଲକ ଅଂଚଳରେ ମଧ୍ୟ ସାମାନ୍ୟ ଅଧିକ ରବିଧାନ ଚାଷ ହୋଇଛି । ରବିଧାନ ବିକ୍ରୀ ପାଇଁ ମୋଟ ୭୭୬୯ ଜଣ ଚାଷ ପଞ୍ଜିକୃତ ହୋଇଛନ୍ତି । ସେମାନଙ୍କର ଧାନ କିଣିବାକୁ ଯୋଗାଣ ନିଗମକୁ ମାତ୍ର ୨.୫ ଲକ୍ଷ କ୍ୱିଣ୍ଟାଲର ଟାର୍ଗେଟ ଆସିଛି ବୋଲି ଜିଲ୍ଲା ଯୋଗାଣ ବିଭାଗ ସୂତ୍ରରୁ ଜଣାଯାଇଛି । ଧାନ କିଣାରେ ଜିଲ୍ଲାର ମୋଟ ୧୦୩ଟି ପେକ୍ସ ଓ ୧୦ ସ୍ୱୟଂସହାୟିକା ଗୋଷ୍ଠୀ ଭାଗନେବେ । ଏହି ଧାନକୁ ୫୦ଟି ମିଲ କୁ ଦିଆଯିବ । ମଣ୍ଡି ଗୁଡିକରେ ଆବଶ୍ୟକ ବ୍ୟବସ୍ଥା କରିବାକୁ ବଲାଙ୍ଗୀର, କଂଟାବାଞ୍ଜି ଓ ପାଟଣାଗଡ ଆରଏମସିକୁ ନିର୍ଦ୍ଦେଶ କରାଯାଇଥିଲା । ଆସନ୍ତା ୨୭ ତାରିଖରୁ ଧାନକିଣା ବିକା ଆରମ୍ଭ ହେବାକୁ ଯାଉଛି । ପ୍ରକାଶ ଯେ, ଚଳିତ ବର୍ଷ ଖରିଫରେ ବଲାଙ୍ଗୀର ଜିଲ୍ଲାରେ ମୋଟ ୮୯,୪୨୩ଜଣ ଚାଷି ପଞ୍ଜିକୃତ ହୋଇଥିଲେ । ସେମାନଙ୍କ ମଧ୍ୟରୁ ୭୫,୦୪୪ ଜଣ ଚାଷି ସେମାନଙ୍କର ୩୪,୩୪,୩୭୩ କ୍ୱିଂଟାଲ ଧାନ ବିକ୍ରୀ କରିଥିବା ଜଣାପଡିଛି । ଠିକ ସେହିପରି ଗତବର୍ଷ (୨୦୨୨-୨୩) ରବିରେ ମୋଟ ୭,୮୨୧ ଜଣଚାଷି ପଞ୍ଜିକୃତ ହୋଇ ୨,୭୦,୮୦୩ କ୍ୱିଂଟାଲ ଧାନ ବିକ୍ରୀ କରି ଥିଲେ । ତେବେ ଜିଲ୍ଲାର ଯେତେ ପରିମାଣ ଜମିରେ ରବିଧାନ ଚାଷ ହୋଇଛି ସେହି ସବୁ ଜମି ଧାନବିକ୍ରୀ ପାଇଁ ପଞ୍ଜିକୃତ ହୋଇପାରି ନାହିଁ । କେତେକ ଜମିରେ ଝଲଶେଚିତ ବ୍ୟବସ୍ଥା କରି ରବୁଧାନ ଚାଷ କରୁଥିଲେ ହେଁ ସେହି ଜମିର କିସମ ପରିବର୍ତନ ହୋଇପାରୁନଥିବାରୁ ସେହି ଜମିର ଧାନ ପଞ୍ଜିକରଣ କରିବାକୁ ଚାଷି ସକ୍ଷମ ହେଉନାହିଁ । ଜିଲ୍ଲାରେ ମୋଟ ୭୭୯୮ ହେକ୍ଟର ଜମିରେ ରବିଧାନ ଚାଷ ହୋଇଥିବା ବେଳେ ଏକର ପିଛା ୨୨ କ୍ୱିଂଟାଲ ଧାନ ଅମଳ ହେଲେ ସେଥିରୁ ପ୍ରାୟ ୩ ଲକ୍ଷ ୮୦ ହଜାର କ୍ୱିଂଟାଲ ଧାନ କିଣାଯାଇ ପାରନ୍ତା । କିନ୍ତୁ, ତାହା କରାଯାଇ ପାରୁନାହିଁ । ଫଳରେ ଚାଷିମାନେ ଅଭାବୀ ବିକ୍ରୀର ସମ୍ମୁଖିନ ହୋଇ ମଧ୍ୟସ୍ଥି ହାତରେ କମ ଦରରେ ଧାନ ବିକ୍ରୀ କରିବାକୁ ବାଧ ହେଉଛନ୍ତି । ଏନେଇ ବଲାଙ୍ଗୀର ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ବି.ପ୍ରଭାକର ପାତ୍ରଙ୍କୁ ପଚାରିବାରୁ ଆମ ପାଖରେ ଯେତେ ଚାଷି ପଞ୍ଜିକୃତ ହୋଇଛନ୍ତି ସେହି ଆଧାରରେ ଟାର୍ଗେଟ ମଗାଯାଇଛି ବୋଲି କହିଛନ୍ତି ।

## ପାନୀୟଜଳ ପ୍ରକଳ୍ପ ଅଚଳ: ଗ୍ରାମବାସୀ ଭୋଗୁଛନ୍ତି ଜଳକଷ୍ଟ

ମାଲକାନଗିରି, ୨୫/୫ (ନି.ପ୍ର): ପାନୀୟଜଳ ପ୍ରକଳ୍ପ ଅଚଳ ଯୋଗୁଁ ଗ୍ରାମବାସୀ ଭୋଗୁଛନ୍ତି ଜଳକଷ୍ଟ । ବାରମ୍ବାର ଅଭିଯୋଗ ପରେ ବି ପ୍ରଶାସନ ପକ୍ଷରୁ ନିଆଯାଉ ନାହିଁ କୌଣସି ପଦକ୍ଷେପ । ଆଗାମୀ ଦିନରେ ବ୍ଲକ ଘେରାଉ କରିବେ ବୋଲି ଗ୍ରାମ ମୁଖିଆ ସମେତ ଗ୍ରାମବାସୀ କହିଛନ୍ତି । ଏହିପରି ଦୃଶ୍ୟ ଦେଖିବାକୁ ମିଳିଛି କାଲି ମେଲା ବ୍ଲକ ଚିତ୍ରାଙ୍ଗପାଲ୍ଲୀ ପଞ୍ଚାୟତ ପେରୁବାଇ ଗ୍ରାମରେ । ଏଠାରେ ୫୫ରୁ୬୦ ପରିବାର ବସ ବାସ କରୁଥିଲା ବେଳେ ଗ୍ରାମରେ ଥିବା ନଳକୂପରୁ ଭଲ ପାଣି ବାହାରୁ ନାହିଁ । ଦୀର୍ଘ ବର୍ଷ ତଳେ ସରକାରଙ୍କ ପକ୍ଷରୁ ଏମାନଙ୍କ ପାନୀୟଜଳର ସୁବିଧା ପାଇଁ ଏକ ସୋଲାର ପ୍ରକଳ୍ପର ବ୍ୟବସ୍ଥା କରା ଯାଇଥିଲା । ଫଳରେ ଗ୍ରାମବାସୀ ସୁରୁଖୁରୁରେ ପାନୀୟ ଜଳ ପାଇ ପାରୁଥିଲେ । ଦୀର୍ଘ ମାସ ଧରି ଏହି ପ୍ରକଳ୍ପ ଖରାପ ହୋଇଯିବା ପରେ ପ୍ରଶାସନ ନିକଟରେ ଗ୍ରାମବାସୀଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ କାରା ଯାଉଥିଲେ ସୁଦ୍ଧା କୌଣସି ପ୍ରତିକାର କରାଯାଉ ନାହିଁ । କିଛି ଦିନ ମଧ୍ୟରେ ଯଦି ମରାମତି କରା ନ ଯାଏ ତେବେ ବ୍ଲକ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।

## ବୁଥରେ ପଶି ଇଭିଏମ୍ ଭଙ୍ଗାରୁଜା ଘଟଣା : ଖୋର୍ଦ୍ଧା ବିଜେପି ବିଧାୟକ ପ୍ରାର୍ଥି ପ୍ରଶାନ୍ତ ଜଗଦ୍ଦେବ ଥାନାରେ ଅଟକ

ଖୋର୍ଦ୍ଧା, ୨୫/୫ (ନି.ପ୍ର): ମତଦାନ ବେଳେ ଅଘଟଣ । ଏଭଳି ଘଟଣା ଘଟିଛି ବେଗୁନିଆ ବୋଲଗଡ଼ ନିର୍ବାଚନ ମଣ୍ଡଳୀରେ । ଖୋର୍ଦ୍ଧା ଭାଜପା ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ଜଗଦ୍ଦେବଙ୍କ ପୁଣି ଦାଦାଗିରି ଦେଖିବାକୁ ମିଳିଛି । ବୋଲଗଡ଼ ବ୍ଲକର ଏକ ବୁଥ୍ ରେ ପଶି ଇଭିଏମ୍ ଭଙ୍ଗାରୁଜା କରିଛନ୍ତି ପ୍ରଶାନ୍ତ । ଏମପି ପ୍ରାର୍ଥୀ ଅପରାଜିତାଙ୍କ ଗାଡ଼ିରେ ଫେରାର୍ ହୋଇ ଯାଉଥିବା ବେଳେ ସଦର ଏସଡିପିଓ ଦିଲ୍ଲୀପ ଦାସ ପହଂଚି ତାଙ୍କୁ ଧରି ବୋଲଗଡ ଥାନାରେ ଅଟକ ରଖିଛନ୍ତି । ବୋଲଗଡ଼-ବେଗୁନିଆ ନିର୍ବାଚନ ମଣ୍ଡଳିର ରାଜସୁନାଖଳା ନିକଟ କାଉଁରିଆ ପାଟଣାର ୧୧୪ ନମ୍ବର ବୁଥରେ ପଶି ଭଙ୍ଗାରୁଜା କରିଛନ୍ତି ପ୍ରଶାନ୍ତ । ଭୋଟିଂ ସମୟରେ ଇଭିଏମ୍ ଭାଙ୍ଗିଛନ୍ତି । ପ୍ରିଜାଇଡିଂ ଓ ପୋଲିଂ ଅଫିସରଙ୍କୁ ମଧ ଆକ୍ରମଣ କରିଛନ୍ତି । ହିଂସାକାଣ୍ଡ ପରେ ଅପରାଜିତାଙ୍କ ଗାଡ଼ିରେ ବସି ଫେରାର ହୋଇଯାଇଥିଲେ, ଅଧା ବାଟରେ ପୋଲିସ ମାଡ଼ି ବସିଥିଲା । ଏପରିକି ଦୁଇ ଦିନ ତଳେ ପ୍ରଶାନ୍ତ ଧମକ ଦେଇଥିଲେ । ବେଗୁନିଆ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଦୀପ ସାହୁ ଏହାକୁ ଦୃଢ଼ ନିନ୍ଦା କରିଛନ୍ତି । କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ମତଦାନ ଚାଲିଥିବା ବେଳେ ବୁଥ୍ ଭିତରକୁ ପଶି ପୋଲିଂ ଅଧିକାରୀ ଓ ପ୍ରିଜାଇଡିଂ ଅଫିସରଙ୍କୁ ଗାଳିଗୁଲଜ, ଆକ୍ରମଣ କରିବା ଘଟଣାକୁ ନେଇ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି ।

## ପାଣିକୋଇଲି ଥାନା ଅଂଚଳରୁ ସିରିଜ ବାଇକ ଚୋରି

କୋରେଇ, ୨୫/୫ (ନି.ପ୍ର): ପାଣିକୋଇଲି ଥାନା ଅଂଚଳରୁ ଦୁଇ ଦିନ ମଧ୍ୟରେ ଦୁଇଟି ବାଇକ ଚୋରୀ ହେବା ନେଇ ଥାନାରେ ଅଭିଯୋଗ ଦାଖଲ ହୋଇଅଛି । ଗତ ୨୩ ତାରିଖ ରାତିରେ ପାଣିକୋଇଲି -ଆଙ୍ଗୁଲା ରୋଡ଼ର ଶନିମନ୍ଦିର ନିକଟରେ ରହୁଥିବା ମନୋଜ ମହାପାତ୍ର ସବୁଦିନ ଭଳି ନିଜ ହୋଣ୍ଡା ସାଇନ ବାଇକ (ଓଆର ବିଭି ୪୦୪୬)କୁ ଘର ଆଗରେ ରଖି ଶୋଇବାକୁ ଯାଇଥିଲେ । ମାତ୍ର ସକାଳୁ ଉଠି ନିଜ ବାଇକଟିକୁ ଉକ୍ତ ସ୍ଥାନରେ ପାଇ ନଥିଲେ । ବହୁତ ଖୋଜାଖୋଜି ପରେ ନପାଇବାରୁ ସେ ଥାନାରେ ଅଭିଯୋଗ ଦାଖଲ କରିଛନ୍ତି । ସେହିପରି ଥାନାର ଅନତୀଦୂର ରାଜ ବୁକ ଷ୍ଟୋରର ଉପର ତାଲାରେ ଭଡ଼ାରେ ରହୁଥିବା କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରା ଅଂଚଳର ସୌରଭ ଦାସ ନିଜ ପଲସର ବାଇକ (ଓଡ଼ି ୦୫ଏଏସ୭୯୪୮)କୁ ସବୁଦିନ ପରି ୨୪ ତାରିଖ ଦିନ ତଳେ ରଖି ଶୋଇଥିଲେ । ତେବେ ସକାଳୁ ଉଠି ଦେଖିବା ବେଳକୁ ବାଇକଟି ନଥିବା ଦେଖି ବହୁତ ଖୋଜାଖୋଜି କରିବା ପରେ ଥାନାରେ ଅଭିଯୋଗ କରିଛନ୍ତି । ପୁଲିସ ଦୁଇଟି ଅଭିଯୋଗଟିକୁ ଗ୍ରହଣ କରି ତଦନ୍ତ ଚାଲୁ ରଖିଥିବା ବେଳେ ଦୁଇ ଦିନ ମଧ୍ୟରେ ଦୁଇଟି ବାଇକ ଚୋରୀ ହେବା ପୁଲିସର ମୁଣ୍ଡବ୍ୟଥା ବଢାଇ ଦେଇଛି ।

## ସାଧାରଣ ନିର୍ବାଚନ ନିମନ୍ତେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ମାରାଥନ ପ୍ରଚାର

ଧର୍ମଶାଳା, ୨୫/୫ (ନି.ପ୍ର): କିଛି ଦିନ ପରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ । ନିର୍ବାଚନ ସମୟ ପାଖେଇ ଆସୁଥିବା ବେଳେ ଯାଜପୁର ଜିଲାରେ ଜୁନ୍ ୧ ତାରିଖରେ ସାଧରଣ ନିର୍ବାଚଜନ ଅନୁଷ୍ଠିତ ହେବ । ଶୁକ୍ରବାର ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗ୍ରସ୍ତ କରି ଫେରିବା ପରେ ଆଜି ଯାଜପୁର ଜିଲାରେ ୫ଟି ଅଧ୍ୟକ୍ଷ କାର୍ତିକ ପାଣ୍ଡିଆନ ମାରାଥନ ପ୍ରଚାର କରିଛନ୍ତି । ଆଜି ପ୍ରଥମେ ସେ ଯାଜପୁର ଜିଲା ସୁକିନ୍ଦା ନିର୍ବାଚନ ମଣ୍ଡୀରେ ଏକ ସାଧାରଣ ସଭାରେ ଯୋଗ ଦେଇ ନିର୍ବାଚନ ସମୟରେ ସୁକିନ୍ଦା ବିଧାୟକ ପ୍ରାର୍ଥୀ ପ୍ରିତିରଞ୍ଜନ ଘଡାଇ,ଯାଜପୁର ନିର୍ବାଚନ ମଣ୍ଡଳୀ କୁସୁମା ପଡିଆରେ ବିଧାୟିକା ପ୍ରାର୍ଥୀନୀ ସୁଜାତା ସାହୁ,ବିଂଝାରପୁର ଠାରେ ବିଧାୟିକା ପ୍ରାର୍ଥୀନୀ ପ୍ରମିଳା ମଲ୍ଲିକ,ବରୀ ନିର୍ବାଚନ ମଣ୍ଡଳୀ ସନ୍ଥନ ମଠଠାରେ ବିଧାୟକ ପ୍ରାର୍ଥୀ ବିଶ୍ୱ ରଞ୍ଜନ ମଲ୍ଲିକ,ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଜାରକା ମହୋତ୍ସବ ପଡିଆରେ ବିଧାୟକ ପ୍ରାର୍ଥୀ ପ୍ରଣବ କୁମାର ବଳବନ୍ତରାୟ ଓ ଶେଷରେ ବଡଚଣା ନିର୍ବାଚନ ମଣ୍ଡଳୀରେ ବିଧାୟିକା ପ୍ରାର୍ଥୀନୀ ବର୍ଷା ପ୍ରୀୟଦର୍ଶିନୀ ଓ ଯାଜପୁର ଲୋକସଭା ପ୍ରାର୍ଥୀନୀ ଶର୍ମିଷ୍ଠା ସେଠୀଙ୍କୁ ବିପୁଳ ପରିମାଣରେ ଭୋଟ ବ୍ୟଧାନରେ ବିଜୟୀ କରିବାକୁ ନିବେଦନ କରିଥିଲେ । ନିର୍ବାଚନ ସମୟରେ ବିଜେପିର କେନ୍ଦ୍ରୀୟ ନେତା ଆସି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନାଁରେ ଅପପ୍ରଚାର କରୁଛନ୍ତି । କେନ୍ଦ୍ରାପଡାରେ ଆଜି କେନ୍ଦ୍ର ମହିଳା ଶିଶୁ ବିକାଶ ଯୋଗ ଦେଇ ଏଥର ନବୀନ ବାବୁଙ୍କୁ ଆର୍ଶୀବାଦ କରିବେ ନାହିଁ ବୋଲି କହିଛନ୍ତି । ଏହାର ଜବାବ ରଖିଛନ୍ତି କାର୍ତିକ ପାଣ୍ଡିଆନ । ମନ୍ତ୍ରୀ ମହୋଦୟା ଗତ ନିର୍ବାଚନ ଓ ଉପନିର୍ବାଚନରେ ଓଡିଶାକୁ ପ୍ରଚାର କରିବାକୁ ଆସିଥିଲେ । ସେ ସମୟରେ ଓଡିଶାବାସୀ ଜବାବ ଦେଇଥିଲେ । ଏବେ ପୁଣି ଆସି ମିଛ ପ୍ରଚାର ଚଳାଇଛନ୍ତି । ଏଥର ନିର୍ବାଚନରେ ଦଳ ଭଲ ପ୍ରଦର୍ଶନ କରିବା । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁଣି ଶପଥ ନେବେ । ଗତ ନିର୍ବାଚନରେ ଯେତିକି ଭୋଟ ବ୍ୟବଧାନରେ ସମସ୍ତ ପ୍ରାର୍ଥୀ ବିଜୟୀ ହୋଇଥିଲେ । ଏହି ନିର୍ବାଚନରେ ପ୍ରାର୍ଥୀମାନଙ୍କୁ ବିପୁଳ ଭୋଟ ବ୍ୟବଧାନରେ ବିଜୟୀ କରିବାକୁ ଗୁରୁ ମନ୍ତ୍ର ଦେଇଥିଲେ ପାଣ୍ଡିଆନ । ଏହି ସମସ୍ତ ନିର୍ବାଚନୀ ସଭାରେ ହଜାରହଜାର କର୍ମୀ ସାମିଲ ହୋଇଥିଲେ । ପାଣ୍ଡିଆନଙ୍କ ଏହି ଗସ୍ତ କର୍ମୀ ମହଲରେ ଉତ୍ସାହ ଦେଖିବାକୁ ମିଳିଥିଲା ।

## ଅପହୃତ ନାବାଳିକା ଉଦ୍ଧାର

ଜୟପୁର, ୨୫/୫ (ନି.ପ୍ର): ଅପହୃତ ନାବାଳିକା କୁ ଜୟପୁର ଟାଉନ ପୋଲିସ ଉଦ୍ଧାର କରିଛି । ପୋଲିସ ସୂଚନା ଅନୁଯାଇ ନାବାଳିକାକୁ ଅପହରଣ ହୋଇଥିବା ନେଇ ଜୟପୁର ଟାଉନ ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରରେ ପୋଲିସ ଅପହରଣ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରେ ଜାଣି ପୋଲିସ ରାୟଗଡା ରେଳ ଷ୍ଟେସନ ନିକଟରୁ ନାବାଳିକାକୁ ଉଦ୍ଧାର କରି ଅପହରଣ କରିଥିବା ନାବାଳକକୁ କାବୁ କରିଥିଲା । ଏନେଇ ଆଜି ନାବାଳିକାକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ବେଳେ ଅଭିଯୁକ୍ତ ନାବାଳକକୁ ନୋଟିସରେ ଛଡାଯାଇଥିବା ବିଷୟ ଟାଉନ ଥାନା ଅଧିକାରି ରମଣି ରଞ୍ଜନ ଦଳେଇ ସୂଚନା ଦେଇଛନ୍ତି ।

## ଜୁନ୍ ୧ରେ ମତଦାନ ପାଇଁ ଇଭିଏମ୍ ପ୍ରସ୍ତୁତ

କେନ୍ଦ୍ରାପଡ଼ା, ୨୫/୫ (ନି.ପ୍ର): ଜିଲ୍ଲାରେ ଜୁନ୍ ୧ ତାରିଖରେ ଭୋଟ୍‌ଗ୍ରହଣ ପାଇଁ ଇଭିଏମ୍ ମେସିନ୍‌ର କମିସନିଂ କାର୍ଯ୍ୟ ଶେଷ ହୋଇଛି । ଭାରତର ନିର୍ବାଚନ ଆୟୋଗଙ୍କ ନିୟମାନୁସାରେ ସାଧାରଣ ପର୍ଯ୍ୟବେକ୍ଷକ ଭରତ କୁମାର ଭାସବା ଓ ସାକେତ ମାଲବିୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ, ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ପ୍ରତିନିଧିମାନଙ୍କ ଉପସ୍ଥିତିରେ ଏବଂ ରିଟର୍ଣ୍ଣିଂ ଅଫିସରମାନଙ୍କ ପରିଚାଳନାରେ ଚୂଡ଼ାନ୍ତ ଇଭିଏମ୍ କମିସନିଂ କାର୍ଯ୍ୟ ସମ୍ପାଦିତ ହୋଇଛି । କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ କେନ୍ଦ୍ରାପଡ଼ା ଲୋକସଭା ଆସନର ରିଟର୍ଣ୍ଣିଂ ଅଫିସର ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ, ପାଟକୁରା ଓ କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ଶ୍ରୀ ରବିନ୍ଦ୍ର କୁମାର ପ୍ରଧାନ, ଆଳି ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ଶ୍ରୀ ପୀତାମ୍ବର ସାମଲ, ରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ଶ୍ରୀ ନୀଲୁ ମହାପାତ୍ର, ମହାକାଳପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ଶ୍ରୀ ଅଶୋକ କୁମାର ଦାଶଙ୍କ ପରିଚାଳନାରେ ଗତ ବୁଧବାରଠାରୁ ଆରମ୍ଭ ହୋଇଥିବା କମିସନିଂ କାର୍ଯ୍ୟ ଆଜି ଶେଷ ହୋଇଛି । ପ୍ରାର୍ଥୀଙ୍କ ପ୍ରତିନିଧି, ରିଟର୍ଣ୍ଣିଂ ଅଫିସର, ସଶସ୍ତ୍ର ପୋଲିସର ଉପସ୍ଥିତିରେ ଭିଡିଓଗ୍ରାଫି କରାଯାଇ ଷ୍ଟ୍ରଙ୍ଗ୍‌ରୁମ୍ ଖୋଲାଯାଇଥିଲା । ଇଭିଏମ୍ ଗୁଡ଼ିକର ବାଲାଟ୍ ୟୁନିଟ୍, କଂଟ୍ରୋଲ୍ ୟୁନିଟ୍ ଓ ଭିଭିପାଟ ଆଣିବା ପରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନଙ୍କ ବାଲାଟ୍ ପେପର୍ ସେଟିଂ କରିବା, ରିଟର୍ଣ୍ଣିଂ ଅଫିସରଙ୍କ ଦସ୍ତଖତରେ ଆଡ୍ରେସ୍ ଟ୍ୟାଗ୍ କରିବା, ଯେତିକି ଜଣ ପ୍ରାର୍ଥୀ ଓ ଗୋଟିଏ ନୋଟାକୁ ମିଶାଇ ସେତିକି ପ୍ରାର୍ଥୀଙ୍କ ବାଲାଟ୍ ବଟନ୍ ବ୍ୟବହାର କରିବା ନିମନ୍ତେ ରଖି ଅନ୍ୟ ବଟନ୍‌କୁ ବ୍ୟବହାର ଅଯୋଗ୍ୟ କରିବା, ବାଲାଟ୍ ୟୁନିଟ୍‌ର ଉପର ଓ ତଳମୁଣ୍ଡ ବଟନ୍‌କୁ ନଛୁଇଁ ପେପର ସିଲ୍ କରିବା ଓ ଆଡ୍ରେସ୍ ଟ୍ୟାଗ୍ ଲଗାଇବା, କଂଟ୍ରୋଲ୍ ୟୁନିଟ୍‌ରେ ବ୍ୟାଟେରୀ ସେଟ୍ କରିବା ଓ ପ୍ରତ୍ୟେକ ଆଡ୍ରେସ୍ ଟ୍ୟାଗ୍‌ରେ ଜଉମୁଦ ସିଲ୍ କରିବା ଓ ଭିଭିପାଟ୍ ଉପରେ ସମସ୍ତ ବିଧି ଅନୁଯାୟୀ କମିସନିଂ କରାଯାଇଥିଲା । ଶେଷରେ ରିଟର୍ଣ୍ଣିଂ ଅଫିସରଙ୍କ ପରିଚାଳନାରେ ପ୍ରାର୍ଥୀଙ୍କ ପ୍ରତିନିଧିମାନଙ୍କ ଉପସ୍ଥିତିରେ ଏକ ହଜାର ଲେଖାଏଁ ମକ୍ ପୋଲ୍ କରାଯାଇଥିଲା । ଏହି କାର୍ଯ୍ୟରେ ସମସ୍ତ ପ୍ରାର୍ଥୀଙ୍କ ପ୍ରତିନିଧିମାନେ ସନ୍ତୋଷ ପ୍ରକାଶ କରିବା ସହ ଜିଲ୍ଲା ପ୍ରଶାସନର ସମସ୍ତ ପଦକ୍ଷେପକୁ ଭୂୟସୀ ପ୍ରଂଶସା କରିଛନ୍ତି । ସୂଚନାଯୋଗ୍ୟ, ପାଟକୁରା, କେନ୍ଦ୍ରାପଡ଼ା, ଆଳି, ରାଜନଗର ଓ ମହାକାଳପଡ଼ା ପାଇଁ ଯଥାକ୍ରମେ ୩୦୯, ୨୪୬, ୩୧୯, ୨୮୭ ଓ ୨୮୪ ଟି ମତଦାନ କେନ୍ଦ୍ର ରହିଛି । ପାଟକୁରା ପାଇଁ ୩୭୩ଟି ବାଲାଟ୍ ୟୁନିଟ୍, ୩୭୩ଟି କଂଟ୍ରୋଲ୍ ୟୁନିଟ୍ ଓ ୪୧୪ଟି ଭିଭିପାଟ୍; କେନ୍ଦ୍ରାପଡ଼ା ପାଇଁ ୨୯୭ଟି ବାଲାଟ୍ ୟୁନିଟ୍, ୨୯୭ଟି କଂଟ୍ରୋଲ୍ ୟୁନିଟ୍ ଓ ୩୨୯ଟି ଭିଭିପାଟ୍; ଆଳି ପାଇଁ ୩୮୫ଟି ବାଲାଟ୍ ୟୁନିଟ୍, ୩୮୫ଟି କଂଟ୍ରୋଲ୍ ୟୁନିଟ୍ ଓ ୪୨୭ଟି ଭିଭିପାଟ୍; ରାଜନଗର ପାଇଁ ୩୪୭ଟି ବାଲାଟ୍ ୟୁନିଟ୍, ୩୪୭ଟି କଂଟ୍ରୋଲ୍ ୟୁନିଟ୍ ଓ ୩୮୪ଟି ଭିଭିପାଟ୍; ମହାକାଳପଡ଼ା ପାଇଁ ୩୪୩ଟି ବାଲାଟ୍ ୟୁନିଟ୍, ୩୪୩ଟି କଂଟ୍ରୋଲ୍ ୟୁନିଟ୍ ଓ ୩୭୨ଟି ଭିଭିପାଟ୍ କମିସନିଂ ହୋଇ ରହିଛି । ଭୋଟ୍‌ଗ୍ରହଣ ସମୟରେ ଯାନ୍ତ୍ରିକ ତ୍ରୁଟିକୁ ଦୃଷ୍ଟିରେ ରଖି ଭାରତର ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାନୁସାରେ ଅଧିକ ପରିମାଣର ବାଲାଟ୍ ୟୁନିଟ୍, କଂଟ୍ରୋଲ୍ ୟୁନିଟ୍ ଓ ଭିଭିପାଟ୍ କମିସନିଂ କରାଯାଇଛି । ଜୁନ୍ ୧ ତାରିଖରେ ଗଣତନ୍ତ୍ରର ଏହି ମହାପର୍ବରେ ସାମିଲ ହୋଇ ଶତପ୍ରତିଶତ ମତଦାନ କରିବାକୁ ଜିଲ୍ଲା ନିର୍ବାଚନ ଅଧିକାରୀ ନିବେଦନ କରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ସରିଲା ୨୪ ମହାସଂଗ୍ରାମ...

ସକାଳ ପ୍ରାୟ ୧୦ଟା ବେଳେ ନିଜ ମତାଧିକାର ସାବ୍ୟସ୍ତ କରିବାକୁ ଭୁବନେଶ୍ୱର ଏରୋଡ୍ରୋମ୍ ପ୍ରାଇମେରୀ ସ୍କୁଲର ୧୧୪ ନମ୍ବର ବୁଥରେ ପହଁଚିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ନିଜେ ଭୋଟ୍ ଦେବା ସହ ସମସ୍ତଙ୍କୁ ଭୋଟ୍ ଦେବାକୁ ଅପିଲ୍ କରିଥିଲେ ମୁଖ୍ୟମନ୍ତ୍ରୀ । ପରିବାର ସହ ଭୁବନେଶ୍ୱର ରାଜଭବନ ୟୁପି ସ୍କୁଲରେ ମତଦାନ କରିଛନ୍ତି ବିଜେପି ରାଷ୍ଟ୍ରୀୟ ଉପାଧକ୍ଷ ବୈଜୟନ୍ତ ପଣ୍ଡା । ଲାଇନରେ ଠିଆ ହୋଇ ଭୋଟ୍ ଦେବା ସହ ଗଣତନ୍ତ୍ରର ଏହି ମହାପର୍ବରେ ସାମିଲ ହେବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ ବୈଜୟନ୍ତ । ସେହିପରି ଅପରାହ୍ଣରେ ବିଜେପିର ସମ୍ବଲପୁର ସାଂସଦ ପ୍ରାର୍ଥୀ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଜଧାନୀର ଏକ ମତଦାନ କେନ୍ଦ୍ରରେ ଭୋଟ୍ ଦେଇଥିବା ବେଳେ ସକାଳୁ ନୟାପଲ୍ଲୀ ୧୨୮ ନମ୍ବର ବୁଥରେ ମତଦାନ କରିଥିଲେ ଭୁବନେଶ୍ୱର ବିଜେପି ସାଂସଦ ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ । ସେହିପରି ଭୋଟ୍ ଦେବାକୁ ଅଟୋରେ ପହଁଚିଥିଲେ ବିଜେଡି ନେତା ଭିକେ ପାଣ୍ଡିଆନ୍ । ମତଦାନ କରିବା ପରେ କ୍ୟାମେରା ଆଗରେ କାଳି ଲଗା ଆଙ୍ଗୁଠି ଦେଖାଇ ଫଟୋ ପୋଜ ବି ଦେଇଥିଲେ । ସେହିପରି କଟକରେ ନିଜ ନିଜ ବୁଥରେ ଭୋଟ ଦେଇଛନ୍ତି ଦୁଇ ସାଂସଦ ପ୍ରାର୍ଥୀ ବିଜେପିର ଭର୍ତ୍ତୃହରି ମହତାବ ଏବଂ ବିଜେଡିର ସନ୍ତୃପ୍ତ ମିଶ୍ର । ପୁରୀରେ ଭୋଟରଙ୍କ ଭିଡ ଭିତରେ ଲମ୍ବା ଧାଡିରେ ଠିଆ ହୋଇ ମତାଧିକାର ସାବ୍ୟସ୍ତ କରିଛନ୍ତି ବିଜେପିର ସାଂସଦ ପ୍ରାର୍ଥୀ ସମ୍ବିତ ପାତ୍ର । କଂଗ୍ରେସ ଭେଟେରାନ୍ ଜୟଦେବ ଜେନା, ସୁର ରାଉତରାୟ, ଭୁବନେଶ୍ୱରର ୩ ଆସନରୁ ବିଜେପିର ୩ ବିଧାୟକ ପ୍ରାର୍ଥୀ ବାବୁ ସିଂ, ଜଗନ୍ନାଥ ପ୍ରଧାନ ଓ ପ୍ରିୟଦର୍ଶୀ ମିଶ୍ର ବି ନିଜ ନିଜ ବୁଥ୍ ରେ ଦେଇଛନ୍ତି ଭୋଟ୍ । ତୃତୀୟ ପର୍ଯ୍ୟାୟରେ ଭୋଟ୍ ଦେଇଛି ଟ୍ୱିନ ସିଟି । ଭୁବନେଶ୍ୱର ଆଇଗିଣିଆ ସ୍ଥିତ ବୁଥରେ ମତଦାନ କରିବା ସହ ନିଜ ନେତାଙ୍କୁ ବାଛିଛନ୍ତି ଅଭିନେତା ସବ୍ୟସାଚୀ ମିଶ୍ର । ସେହିପରି କଟକରେ ଭୋଟ୍ ଦେଇଛନ୍ତି ଅଭିନେତା ତଥା ସାଲେପୁରରୁ ବିଜେପି ପ୍ରାର୍ଥୀ ଅରିନ୍ଦମ ରାୟ । ବ୍ରହ୍ମଗିରିରୁ ବିଜେପି ବିଧାୟକ ପ୍ରାର୍ଥୀ ଉପାସନା ମହାପାତ୍ର ନିଜ ଗାଁ ଗଡ଼ରୋଡ଼ଙ୍ଗ ବୁଥକୁ ଯାଇ ମତଦାନ କରିଥିବା ବେଳେ କଟକ ବାରବାଟୀରୁ କଂଗ୍ରେସ ପ୍ରାର୍ଥୀ ସୋଫିଆ ଫିରଦୋସ୍ ପୁରା ପରିବାର ସହ ଯାଇ ଦେଇଥିଲେ ଭୋଟ୍ । ନେତା, ଅଭିନେତା ଓ ପ୍ରାର୍ଥୀଙ୍କ ସହ ନିର୍ବାଚନ ପର୍ବରେ ସାମିଲ ହୋଇଛନ୍ତି ରାଜ୍ୟର ବରିଷ୍ଠ ଓ ଉଚ୍ଚପଦସ୍ଥ ସରକାରୀ ଅଧିକାରୀ । ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା, ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ, ପୋଲିସ୍ ଡିଜି ଅରୁଣ ଷଡ଼ଙ୍ଗୀ, ପୋଲିସ୍ କମିଶନର ସଞ୍ଜୀବ ପଣ୍ଡା, ଆଇଏଏସ୍ ଦଂପତି ଅରବିନ୍ଦ ପାଢ଼ୀ ଓ ଉଷା ପାଢ଼ୀ ପ୍ରମୁଖ ଭୋଟ୍ ଦେଇଛନ୍ତି । ସେପଟେ ଶ୍ରୀକ୍ଷେତ୍ର ପୁରୀରେ ପତ୍ନୀ ମହାରାଣୀ ଲୀଳାବତି ପାଟମହାଦେଈଙ୍କ ସହ ଦୋଳମଣ୍ଡପସାହି ବୁଥରେ ଭୋଟ୍ ଦେଇଛନ୍ତି ଗଜପତି ମହାରାଜା । ସରିଛି ନିର୍ବାଚନର ତୃତୀୟ ପର୍ଯ୍ୟାୟ । ଆସନ୍ତା ଜୁନ୍ ୧ ତାରିଖରେ ରାଜ୍ୟରେ ଚତୁର୍ଥ ତଥା ଅନ୍ତିମ ପର୍ଯ୍ୟାୟ ମତଦାନ । ଏଥିରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା ଓ ଜଗତସିଂହପୁର ଲୋକସଭା ଓ ତା ଅନ୍ତର୍ଗତ ବିଧାନସଭା ନିର୍ବାଚନ ମଣ୍ଡଳୀରେ ପଡିବ ଭୋଟ୍ । ୬ ସଂସଦୀୟ କ୍ଷେତ୍ରରେ ମୋଟ ୯୪ ଲକ୍ଷ ୪୮ ହଜାର ୫୫୩ ଭୋଟର ମତାଧିକାର ସାବ୍ୟସ୍ତ କରିବେ । ଏମାନଙ୍କ ମଧ୍ୟରେ ୪୮ ଲକ୍ଷ ୨୯ ହଜାର ୬୬୦ ପୁରୁଷ, ୪୬ ଲକ୍ଷ ୧୭ ହଜାର ୬୦୨ ମହିଳା ଏବଂ ୧ ହଜାର ୨୯୧ ତୃତୀୟ ଲିଙ୍ଗୀ ଭୋଟର ଅଛନ୍ତି । ଭାଟ୍ ଦେଉଛି ଓଡ଼ିଶା, ଭୋଟ୍ ଦେଉଛି ଭାରତ । ଓଡ଼ିଶାର ୬ ଲୋକସଭା କ୍ଷେତ୍ର ଓ ଏହା ଅର୍ନ୍ତଗତ ୪୨ ବିଧାନସଭା ଆସନ ପାଇଁ ଭୋଟ ଗ୍ରହଣ ହେଉଛି । କଟକ, ଭୁବନେଶ୍ୱର, ପୁରୀ, ଢେଙ୍କାନାଳ, କେନ୍ଦୁଝର ଏବଂ ସମ୍ବଲପୁର ସଂସଦୀୟ କ୍ଷେତ୍ରରେ ଭୋଟିଂ ହେଉଛି । ସନ୍ଧ୍ୟା ୫ଟା ସୁଦ୍ଧା ୫୯.୬୦ ପ୍ରତିଶତ ଭୋଟ୍ ପଡିଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି । ୬ ସଂସଦୀୟ କ୍ଷେତ୍ର ପାଇଁ ରଣାଙ୍ଗନରେ ଅଛନ୍ତି ୬୪ ପ୍ରାର୍ଥୀ । ଏମାନଙ୍କ ମଧ୍ୟରୁ ୫୫ ଜଣ ପୁରୁଷ ଓ ୯ ଜଣ ମହିଳା ପ୍ରାର୍ଥୀ ଅଛନ୍ତି । ସେହିପରି ୪୨ ବିଧାନସଭା ଆସନରେ ଭାଗ୍ୟ ପରୀକ୍ଷା କରୁଛନ୍ତି ୩୮୩ ପ୍ରାର୍ଥୀ । ଏମାନଙ୍କ ମଧ୍ୟରୁ ୩୩୯ ଜଣ ପୁରୁଷ ଏବଂ ୪୪ ଜଣ ମହିଳା ପ୍ରାର୍ଥୀ ଅଛନ୍ତି । ୬ ସଂସଦୀୟ କ୍ଷେତ୍ରରେ ମୋଟ ୯୪ ଲକ୍ଷ ୪୮ ହଜାର ୫୫୩ ଭୋଟର ମତାଧିକାର ସାବ୍ୟସ୍ତ କରିବେ । ଏମାନଙ୍କ ମଧ୍ୟରେ ୪୮ ଲକ୍ଷ ୨୯ ହଜାର ୬୬୦ ପୁରୁଷ, ୪୬ ଲକ୍ଷ ୧୭ ହଜାର ୬୦୨ ମହିଳା ଏବଂ ୧ ହଜାର ୨୯୧ ତୃତୀୟ ଲିଙ୍ଗୀ ଭୋଟର ଅଛନ୍ତି । ଏହି ପର୍ଯ୍ୟାୟରେ ୨ ଲକ୍ଷ ୩୭ ହଜାର ୧୩୧ ଜଣ ପ୍ରଥମ ଭୋଟର ଥିବା ବେଳେ ୧୮ ଲକ୍ଷ ୪୫ ହଜାର ୫୦୩ ଜଣ ଯୁବ ମତଦାତା ଅଛନ୍ତି । ଏହି ପର୍ଯ୍ୟାୟରେ ମୋଟ ୧୦ ହଜାର ୫୫୧ ବୁଥ୍ କରାଯାଇଛି । ଏଥିରୁ ୨୦ ପ୍ରତିଶତ ବୁଥ୍ ସମ୍ବେଦନଶୀଳ ରହିଛି । ୧୫ ଶହ ବୁଥ୍ ସଂପୂର୍ଣ୍ଣ ଭାବେ ମହିଳା କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହେଉଥିବା ବେଳେ ୩୦ଟି ବୁଥ୍ ସଂପୂର୍ଣ୍ଣ ଭାବେ ଦିବ୍ୟାଙ୍ଗ କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହେଉଛି । ଏହି ପର୍ଯ୍ୟାୟରେ ୨ ହଜାର ମଡେଲ୍ ବୁଥ୍ କରାଯାଇଛି । ନିର୍ବାଚନ ପରିଚାଳନା ଲାଗି ୭୦ ହଜାର ପୋଲିଂ କର୍ମଚାରୀ ନିୟୋଜିତ ହୋଇଛନ୍ତି ।

### ମତଦାନ ବେଳେ ଅଘଟଣ...

ଆଜି ତୃତୀୟ ପର୍ଯ୍ୟାୟ ମତଦାନ ଥିବା ବେଳେ ଅସହ୍ୟ ଖରା ହେତୁ ଘଟିଛି ଅଘଟଣ । ଆଜି ରାଜ୍ୟର ବିଭିନ୍ନ ସ୍ଥାନରେ ମତଦାନ ଚାଲିଥିବା ବେଳେ ଢେଙ୍କାନାଳ ଓ ନୟାଗଡ଼ ଜିଲ୍ଲାରେ ଘଟିଛି ଅଘଟଣ । ଏହି ଦୁଇ ଜିଲ୍ଲାରେ ଜଣେ ପୁଲିଂ ଏଜେଣ୍ଟ ଓ ଜଣେ ବୃଦ୍ଧା ମତଦାନ କେନ୍ଦ୍ରରେ ଟଳି ପଡ଼ିଛନ୍ତି । ଅତ୍ୟଧିକ ଖରା ହେତୁ ଏପରି ଅଘଟଣ ଘଟିଥିବା ଆଲୋଚନା ହେଉଛି । ଢେଙ୍କାନାଳ ହିନ୍ଦୋଳ ବାହାଲୁଣ୍ଡା ବୁଥ୍ ନମ୍ବର ୧୩୬ରେ ପୋଲିଂ ଏଜେଣ୍ଟଙ୍କ ମୃତ୍ୟୁ ହୋଇଛି । ମୃତକ ହେଉଛନ୍ତି ବାହାଲୁଣ୍ଡା ଗାଁର ଶୁକଦେବ ପଟ୍ଟନାୟକ । ସେ ଢେଙ୍କାନାଳ ହିନ୍ଦୋଳ ବିଧାନସଭା କ୍ଷେତ୍ର ନୁଆବଗ ପଞ୍ଚାୟତ ବାହାଲୁଣ୍ଡା ଗାଁ ୧୩୬ ନମ୍ବର ବୁଥରେ ବିଜେପି ଏଜେଣ୍ଟ ଭାବରେ କାର୍ଯ୍ୟରତ ଥିଲେ । ଆଜି ସକାଳ ପ୍ରାୟ ସାଢେ ୯ଟାରେ ଭୋଟ କେନ୍ଦ୍ରରେ ସେ ଅଚେତ ହୋଇ ପଡ଼ିଥିଲେ । ଗୁରୁତର ଅବସ୍ଥାରେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ତୁରନ୍ତ ହିନ୍ଦୋଳ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସେହିପରି ନୟାଗଡ ଭାପୁର ବ୍ଲକ ବାଘୁଆପଲ୍ଲୀ ପଞ୍ଚାୟତ ବଳଦିଆନୁଆ ଗାଁରେ ଭୋଟ ଦେବାକୁ ଯାଇ ଜଣେ ବୃଦ୍ଧା ଆଖି ବୁଜିଛନ୍ତି । ଭୋଟ ଦେବାକୁ ଧାଡ଼ିରେ ଛିଡା ହୋଇଥିବା ବେଳେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି । ମୃତା ବୃଦ୍ଧା ହେଉଛନ୍ତି ୬୫ ବର୍ଷୀୟ କୁମୁଦିନୀ ଦଳାଇ । କୁମୁଦିନୀଙ୍କ ଘର ପଥରପୁଞ୍ଜି ଗାଁରେ । ମତଦାନ କେନ୍ଦ୍ରରେ ଠିଆ ହୋଇଥିବା ବେଳେ ହଠାତ୍ ତାଙ୍କ ମୁଣ୍ଡ ବୁଲାଇଥିଲା । ତୁରନ୍ତ ତାଙ୍କୁ ଖଣ୍ଡପଡ଼ା ମେଡିକାଲକୁ ନିଆଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

### କୁଜଙ୍ଗ, ଆଳି, ରେମୁଣାରେ ...

ବିଭିନ୍ନ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିବା ସହ ବିଜେପିକୁ ଭୋଟ୍ ଦେଇ ବିଜେଡିକୁ ହଟାଇବାକୁ ଆହ୍ୱାନ ଦେଇଛନ୍ତି । ସ୍ମୃତି ଇରାନୀ କହିଛନ୍ତି ଓଡ଼ିଶାରେ ଚାଲିଛି ରିମୋଟ କଣ୍ଟ୍ରୋଲ ସରକାର, ମୁଖ୍ୟମନ୍ତ୍ରୀଙ୍କୁ କହିବା, ବୁଲିବା ପାଇଁ ବି ସ୍ୱାଧୀନତା ନାହିଁ, ରିମୋଟ୍ କଣ୍ଟ୍ରୋଲରେ ଶାସନ ଚଳାଉଥିବା ତାମିଲ ବାବୁ ଓଡ଼ିଶାକୁ ଲୁଟୁଛନ୍ତି, ଓଡ଼ିଶାକୁ ଜମି, କୋଇଲା, ବାଲି ଓ ଖଣି ମାଫିଆଙ୍କ ଭଳି ମାଫିଆ ଦେଇଛି ବିଜେଡି, ମୋଦୀ ଦେଉଥିବା ଚାଷୀ ଟଙ୍କାକୁ ଖାଇଗଲେ ତାମିଲ ଠିକାଦାର । ସେହିପରି ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗ ଉଠାଇ ରାଜ୍ୟ ସରକାରଙ୍କ ଉପରେ ଖୁବ୍ ବର୍ଷିଛନ୍ତି ସ୍ମୃତି ଇରାନୀ । ରତ୍ନଭଣ୍ଡାର ଚାବି କାହିଁକି ହଜିଲା ବୋଲି ପ୍ରଶ୍ନ କରିବା ସହ ବିଜେପି ସରକାରକୁ ଆସିଲେ ତଦନ୍ତ ରିପୋର୍ଟ ସାର୍ବଜନୀନ ହେବ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ । କହିଛନ୍ତି, ଓଡ଼ିଶାରେ ଆମ ସରକାର ଆସିଲେ, ଚାବି ହଜିବା ରିପୋର୍ଟର ହେବ ଯାଞ୍ଚ । ଆଉ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ସ୍ମୃତି ଇରାନୀ । ଦିନିକିଆ ଓଡ଼ିଶା ଗସ୍ତରେ ସ୍ମୃତି ଇରାନୀ ପ୍ରଥମେ କୁଜଙ୍ଗ, ପରେ କେନ୍ଦ୍ରାପଡ଼ା ଆଳି ଓ ବାଲେଶ୍ୱର ଗସ୍ତ କରିଥିଲେ । ଆଗକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ବିଜେପିର ଆଉ କିଛି କେନ୍ଦ୍ରୀୟ ନେତାଙ୍କର ଓଡ଼ିଶା ଗସ୍ତର କାର୍ଯ୍ୟକ୍ରମ ରହିଛି ।

### ଆଜି ପଶ୍ଚିମବଙ୍ଗ ...

ପର୍ଯ୍ୟନ୍ତ ସାମୁଦ୍ରିକ ଜୁଆର ସହ ଝଡ଼ ତୋଫାନ ସଂପୃକ୍ତ ଅଞ୍ଚଳକୁ ଜଳମଗ୍ନ କରିବାର ସମ୍ଭାବନା ରହିଛି । ଆସନ୍ତା ୨୭ ତାରିଖ ସକାଳ ପର୍ଯ୍ୟନ୍ତ ଉତ୍ତର ବଙ୍ଗୋପସାଗରରେ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ନଯିବାକୁ ପାଣିପାଗ ବିଭାଗ ସତର୍କ କରାଇଦେଇଛି । ପାଣିପାଗ ବିଭାଗ ପଶ୍ଚିମବଙ୍ଗର ଉପକୂଳବର୍ତ୍ତୀ ଜିଲ୍ଲା ଦକ୍ଷିଣ ଓ ଉତ୍ତର ୨୪ ପ୍ରଗଣା ପାଇଁ ମେ ୨୬ ଓ ୨୭ରେ ରେଡ୍ ଆଲର୍ଟ ଜାରି କରିଛି, ଯେଉଁଠାରେ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ପାଣିପାଗ ବିଭାଗ ପକ୍ଷରୁ ଜାରି ବୁଲେଟିନ୍ ?ରେ କୁହାଯାଇଛି ଯେ ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲାର ସାଗର ଦ୍ୱୀପଠାରୁ ପ୍ରାୟ ୩୮୦ କିଲୋମିଟର ଦକ୍ଷିଣରେ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଲଘୁଚାପ ଶନିବାର ସନ୍ଧ୍ୟା ସୁଦ୍ଧା ସାମୁଦ୍ରିକ ଝଡ଼ରେ ପରିଣତ ହୋଇ ଉତ୍ତର ଦିଗକୁ ଗତି କରିବ । ରବିବାର ସକାଳ ସୁଦ୍ଧା ଏହା ଆହୁରି ଘନୀଭୂତ ହୋଇ ସାଗର ଦ୍ୱୀପ ଓ ଖେପୁପଡ଼ା ମଧ୍ୟରେ ପଶ୍ଚିମବଙ୍ଗ ଓ ସଂଲଗ୍ନ ବାଂଲାଦେଶ ଉପକୂଳ ଅତିକ୍ରମ କରିବ । ରବିବାର ମଧ୍ୟରାତ୍ରିରେ ଘଣ୍ଟା ପ୍ରତି ୧୧୦ରୁ ୧୨୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି । ଉତ୍ତର ଭାରତ ମହାସାଗର ଅଞ୍ଚଳରେ ବାତ୍ୟାର ନାମକରଣ ବ୍ୟବସ୍ଥା ଅନୁଯାୟୀ ଚଳିତ ପ୍ରାକ୍ ମୌସୁମୀ ଋତୁରେ ବଙ୍ଗୋପସାଗରରେ ଏହା ହେଉଛି ପ୍ରଥମ ବାତ୍ୟା ଏବଂ ଓମାନ ଦ୍ୱାରା ଦିଆଯାଇଥିବା ରେମାଲ ନାମରେ ନାମିତ ହେବ । ପାଣିପାଗ ବିଭାଗ ପକ୍ଷରୁ କୋଲକାତା, ହାଓଡ଼ା, ନଦିଆ ଓ ପୂର୍ବ ମେଦିନୀପୁର ଜିଲ୍ଲା ପାଇଁ ଅରେଞ୍ଜ ଆଲର୍ଟ ଜାରି କରାଯାଇଥିବା ବେଳେ ୨୬-୨୭ ତାରିଖରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ସତର୍କ ସୂଚନା ଜାରି କରାଯାଇଛି । ପ୍ରବଳ ବର୍ଷା ସହ ହୁଗଲି, ପୂର୍ବ ବର୍ଦ୍ଧମାନ ଓ ପଶ୍ଚିମ ମେଦିନୀପୁର ଜିଲ୍ଲାରେ ପବନର ବେଗ ଘଣ୍ଟା ପ୍ରତି ୬୦ରୁ ୭୦ କିଲୋମିଟର ରହିବ । ଦକ୍ଷିଣ ପଶ୍ଚିମବଙ୍ଗର ଅନ୍ୟ ଜିଲ୍ଲାଗୁଡ଼ିକରେ ଘଣ୍ଟା ପ୍ରତି ୪୦ରୁ ୫୦ କିଲୋମିଟର ବେଗରେ ପବନ ବହିବ । ସେହିପରି ଉତ୍ତର ଓଡ଼ିଶାର ଉପକୂଳବର୍ତ୍ତୀ ଜିଲ୍ଲା ବାଲେଶ୍ୱର, ଭଦ୍ରକ ଓ କେନ୍ଦ୍ରାପଡ଼ାରେ ୨୬ରୁ ୨୭ ତାରିଖ ମଧ୍ୟରେ ପ୍ରବଳ ବର୍ଷା ହେବ ଏବଂ ୨୭ ତାରିଖରେ ମୟୂରଭଞ୍ଜରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।

### ପଶ୍ଚିମବଙ୍ଗରେ ମତଦାନ ସମୟରେ...

ଏହି ଯୁବକଙ୍କୁ ଉତ୍କଳ ମହୋତ ବୋଲି ଚିହ୍ନଟ କରାଯାଇଛି । ତେବେ ରାଜନୀତି କିମ୍ବା ନିର୍ବାଚନ ହିଂସା ସହିତ ଏହି ଘଟଣାର କୌଣସି ସମ୍ପର୍କ ନାହିଁ ବୋଲି ସ୍ଥାନୀୟ ପୋଲିସ ଦାବି କରିଛି । ଶନିବାର ସକାଳ ପରଠାରୁ ଏହା ହେଉଛି ଦ୍ୱିତୀୟ ମୃତ୍ୟୁ । ଏହାପୂର୍ବରୁ ତମଲୁକ ଲୋକସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମହିଷାଦଲରେ ତୃଣମୁଳ କଂଗ୍ରେସ ଏବଂ ବିଜେପି କର୍ମୀଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା । ଏଥିରେ ସ୍ଥାନୀୟ ସ୍ତରର ତୃଣମୁଳ କଂଗ୍ରେସ ନେତା ଶେଖ ମାଇବୁଲଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି ।

ରବିବାର, ମଇ ୨୬, ୨୦୨୪

ଧ୍ୱନି ପ୍ରତିଧ୍ୱନି

# ତୃତୀୟ ପର୍ଯ୍ୟାୟ ନିର୍ବାଚନ ଫଳାଫଳ ବିଜେପି ସପକ୍ଷରେ ଯିବ: ସମୀର ମହାନ୍ତି

ଭୁବନେଶ୍ୱର, ୨୫/୫ (ନି.ପ୍ର): ରାଜ୍ୟରେ ବର୍ତ୍ତମାନ ତୃତୀୟ ପର୍ଯ୍ୟାୟ ନିର୍ବାଚନ ଶେଷ ହୋଇଛି। ଓଡ଼ିଶାର ସାଧାରଣ ନାଗରିକ ସରକାର ପରିବର୍ତ୍ତନ କରିବା ପାଇଁ ନିଷ୍ପତି ନେଇଥିବା ଜନମତରୁ ସ୍ପଷ୍ଟ ଜଣାପଡୁଛି। ଜୁନ୍ ୧୦ରେ ବିଜେପି ସରକାର ହେଲେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓଡ଼ିଆ ପୁଅ କିମ୍ବା ଝିଅ ହେବ, ଏଥିରେ କୌଣସି ଦ୍ୱିମତ ନାହିଁ। ନୂତନ ଭୋଟର, ଯୁବପିଢ଼ି ତଥା ମାତୃଶକ୍ତି ଉତ୍ସାହର ସହ ମତଦାନ ସାବ୍ୟସ୍ତ କରିଛନ୍ତି। ଏହା ସ୍ପଷ୍ଟ ହେଉଛି ତୃତୀୟ ପର୍ଯ୍ୟାୟ ୬ଟି ଲୋକସଭା ସମ୍ପୂର୍ଣ୍ଣ ରୂପେ ବିଜେପି ଜିତୁଛି। ଲୋକଙ୍କ ଉତ୍ସାହରୁ ସ୍ପଷ୍ଟ ହେଉଛି ବିଜେପି ସରକାର ସୁନିଶ୍ଚିତ। ଏଥିଲାଗି ସାରା ଓଡ଼ିଶାବାସୀଙ୍କୁ ବିଶେଷ କରି ୬ଟି ଲୋକସଭା ଏବଂ ବିଧାନସଭାର ଭୋଟର ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଆଗାମୀ ଜୁନ୍ ୧ତାରିଖରେ ହେବାକୁ ଥିବା ଚତୁର୍ଥ ପର୍ଯ୍ୟାୟ ନିର୍ବାଚନରେ ବିଜେପି ସର୍ବାଧିକ ଆସନ ଲାଭ କରିବ ବୋଲି ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାନ୍ତି କହିଛନ୍ତି ଯେ, ଗତ ୨ଦିନ ତଳେ ଡିଜି ପୋଲିସ ଓ ଶାସନ ସଚିବଙ୍କୁ ମୁଁ ଏକ ଚିଠି ଲେଖିଥିଲି କିନ୍ତୁ ଏଯାଏଁ କୌଣସି ଉତର ଆସିନାହିଁ। ବିଜେଡିର ମୁଖିଆ ତଥା ମୁଖ୍ୟମନ୍ତ୍ରୀ "ଫିଟ୍ ଆଣ୍ଡ୍ ଫାଇନ" ଅଛନ୍ତି ବୋଲି ଗଣମାଧ୍ୟମରେ ପ୍ରକାଶ କରିଛନ୍ତି। ମୁଁ କୌଣସି ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ପ୍ରଶ୍ନ କରିନଥିଲି। ମୁଁ କହିଥିଲି ରାଜ୍ୟର ମୁଖ୍ୟମନ୍ତ୍ରୀ ଜଣେ ଅଣଓଡ଼ିଆ ଗୁମାସ୍ତାଙ୍କ କବଳରେ ବନ୍ଧକ ଅଛନ୍ତି। ତାଙ୍କୁ ପୋଲିସ ଓ ମୁଖ୍ୟ ଶାସନ ସଚିବ ମୁକ୍ତ କରନ୍ତୁ। ସେହିପରି ଗଣମାଧ୍ୟମ ପ୍ରତିନିଧି ଏବଂ ଅବସରପ୍ରାପ୍ତ ବିଚାରପତିଙ୍କ ସହ ପୋଲିସ ଡିଜି ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଯାଆନ୍ତୁ, ବାର୍ତ୍ତାଳାପ କରି ରାଜ୍ୟବାସୀଙ୍କୁ ଆଶ୍ୱସ୍ତ କରନ୍ତୁ। ମୁଖ୍ୟମନ୍ତ୍ରୀ କହୁଛନ୍ତି ସେ କୁଆଡେ ନିର୍ବାଚନ ପଚାର କରୁଛନ୍ତି, ତାହାଲେ ତାଙ୍କ ପଛ ପାଖରେ କିଏ ଅଛନ୍ତି? ପାଣ୍ଡିଆନ ଯାହା କହୁଛନ୍ତି ତାହା ମୁଖ୍ୟମନ୍ତ୍ରୀ କହୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସମ୍ପର୍କରେ ଆମେ କିଛି ମତ ଦେଉନାହୁଁ ବରଂ ବିଜେଡି ସୋସିଆଲ ମିଡିଆର ଭିଡିଓରୁ ଆମେ ସ୍ପଷ୍ଟ ଦେଖୁଛୁ ଯାହା ତାହା ପ୍ରକାଶ କରୁଛୁ।

# ମହୁରୀ ପଡ଼ିଆରେ କଂଗ୍ରେସର ସଭା



ବେତନଟୀ , ୨୫/୫ (ନି.ପ୍ର): ବୈଶିଙ୍ଗା ଉପକଣ୍ଠ ମହୁରୀ ଉଡା ପଡ଼ିଆରେ ଆଜି ସନ୍ଧ୍ୟାରେ ଏକ ବ୍ଲକ ସ୍ତରୀୟ ନିର୍ବାଚନ ପ୍ରଚାର ସଭା ଆୟୋଜିତ ହୋଇଯାଇଛି। ଉପସ୍ଥିତ ଥିଲେ ବାଲେଶ୍ୱର ଲୋକସଭା ସାଂସଦ ପ୍ରାର୍ଥୀ ଶ୍ରୀକାନ୍ତ ଜେନା , ବଡ଼ସାହି ବିଧାନସଭା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ କ୍ଷୀରୋଦ ଚନ୍ଦ୍ର ପାତ୍ର , ଲୋକସଭା ଆସନ ପାଇଁ ଦଳର କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଆଇନଜୀବୀ ଅଭୟ ଛାଝେଡ। ମଞ୍ଚ ପରିଚାଳନା କରିଥିଲେ ବେତନଟୀ ବ୍ଲକ କଂଗ୍ରେସ ସଭାପତି କୁଶଧର ବେହେରା। ଲୋକସଭା ସାଂସଦ ପ୍ରାର୍ଥୀ ଶ୍ରୀକାନ୍ତ ଜେନା ସେ ୨୦୦୫ ରୁ ୨୦୦୯ ପର୍ଯ୍ୟନ୍ତ ଏହି ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇଥିବା ବେଳେ ବହୁ ଉନ୍ନୟନମୂଳକ ପ୍ରକଳ୍ପ କାର୍ଯ୍ୟକାରୀ କରିଥିବା ପ୍ରକାଶ କରିଥିଲେ। ସେଥିମଧ୍ୟରୁ ବେତନଟୀ କଲେଜରେ ଏକ ଅଡିଟୋରିୟମ , ବଡ଼ସାହି ଓ ବେତନଟୀ ମଧ୍ୟରେ ଯୋଗାଯୋଗ ଦୂରତାକୁ ହ୍ରାସ କରିବା ଲକ୍ଷ୍ୟରେ ବୁଢ଼ାବଳଙ୍ଗ ନଦୀର ରଙ୍ଗପାଣି ଠାରେ ଏକ ସେତୁ ସ୍ଥାପନ, ପ୍ରଧାନମନ୍ତ୍ରୀ ସ୍ୱରୋଜଗାର ଯୋଜନାରେ ଅନେକ ଗ୍ରାମକୁ କଂକ୍ରିଟ ରାସ୍ତା ନିର୍ମାଣ, ବାଲେଶ୍ୱର ଓ ବାରିପଦା ଠାରେ ମେଡିକାଲ କଲେଜ ସ୍ଥାପନ ଆଦି ଅନେକ କାର୍ଯ୍ୟ କରିଥିବା ଦାବି କରିଥିଲେ। ସେହିପରି ବିଧାୟକ ପ୍ରାର୍ଥୀ କ୍ଷୀରୋଦ ଚନ୍ଦ୍ର ପାତ୍ର ଲୋକଙ୍କ ସମସ୍ୟା ଅଣଦେଖା କରିଆସିଥିବା ଉଭୟ ବିଜେଡ଼ି ଓ ଭାଜପା ଦଳଙ୍କୁ ପ୍ରତ୍ୟାଖ୍ୟାନ କରି କଂଗ୍ରେସ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି ଆସନ୍ତା ୧ ଜୁନ୍ ରେ ଭୋଟ ଦେଇ ଜୟଯୁକ୍ତ କରିବାକୁ ନିବେଦନ କରିଥିଲେ।

# ବିପୁଳ ପରିମାଣର ଦେଶୀ ବିଦେଶୀ ମଦ ଜବତ: ୫ଗିରଫ



ନୀଳଗିରି , ୨୫/୫ (ନି.ପ୍ର): ନିର୍ବାଚନ ଯେତେ ପାଖେଇ ଆସୁଛି ଗ୍ରାମାଞ୍ଚଳ ଠାରୁ ସହରାଞ୍ଚଳ ପର୍ଯ୍ୟନ୍ତ ମଦ ର ଆବଶ୍ୟକତା ସେତିକି ବଢ଼ିଯାଇଛି। କର୍ମୀମାନେ ନିଜ ନେତାଙ୍କ ସପକ୍ଷରେ ଭୋଟ ହାତେଇବା ପାଇଁ ମଦ ମାଂସର ପସରା ମେଲାଇ ଦେଇଛନ୍ତି। ମଦୁଆ ମାନଙ୍କର ଆବଶ୍ୟକତା ପୂରଣ କରିବା ପାଇଁ ଚୋରା ବେପାରୀ ମାନେ ଅଧିକ ପରିମାଣର ଦେଶୀ ସହିତ ବିଦେଶୀ ମଦ ମହଜୁଦ କରିବା ପାଇଁ ଲାଗି ପଡ଼ିଥିବା ବେଳେ ଆଜି ନୀଳଗିରି ଅବକାରୀ ବିଭାଗ ଏବଂ ଜଳେଶ୍ୱର ସେଟେଲାଇଟ ୟୁନିଟ ନୀଳଗିରି ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢାଉ କରି ବିପୁଳ ପରିମାଣର ମଦ ଜବତ କରି ପାଞ୍ଚ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜଳେଶ୍ୱର ସେଟେଲାଇଟ ୟୁନିଟର ଇନ୍ସପେକ୍ଟର ଲକ୍ଷ୍ୟସାଧବ ପ୍ରଧାନଙ୍କ ନେତୃତ୍ୱରେ ତାଙ୍କ ଟିମ୍ ନୀଳଗିରି ଘାଟଘରସାହି, ସାନଅତା, ଏବଂ ଗୁଡ଼ିଖାଣିଆ ଅଞ୍ଚଳରୁ ୯୮ଲିଟର ଦେଶୀ ମଦ ଜବତ କରିବା ସହ ଭବାନୀଶଙ୍କର ବେହେରା, ନରେନ୍ଦ୍ର ଧାମୁଡିଆ , ବାଞ୍ଛା ମାଝୀ ନାମକ ତିନିଜଣଙ୍କୁ ଗିରଫ କରିଥିବା ବେଳେ ନୀଳଗିରି ଅବକାରୀ ଥାନା ଓଆଇସି ଜଗନ୍ନାଥ ବେହେରା ଏବଂ ଷ୍ଟାଫ୍ ୧୪ଲିଟର ୪୦୦ମି.ଲି ବିଦେଶୀ ମଦ ୦୮୦ଲିଟର ୬୦୦ମି.ଲି ବିଅର ଜବତ କରିବା ସହ ୩୦୦ଲିଟର ଦେଶୀ ମଦ ଜବତ କରି ଅନନ୍ତ ନାୟକ ଓ ପ୍ରଣବ ପୃଷ୍ଟି ନାମକ ଦୁଇ ଜଣ ଚୋରା ମଦ ବେପାରୀକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି।

## ଚାରଧାମ ଯାତ୍ରା : ଦୁଇ ଅଧିକାରୀଙ୍କୁ କରାଗଲା ଯାତ୍ରା ମାଜିଷ୍ଟ୍ରେଟ୍

ଡେରାଡୁନ, ୨୫/୫ (ନି.ପ୍ର): ଚାରିଧାମ ଯାତ୍ରାରେ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଦୁଇ ଅନ୍ୟ ଅଧିକାରୀଙ୍କ ଛାଉଣୀ ବଦ୍ରିଧାମ, କେଦାରଧାମରେ କରାଯାଇଛି। କାର୍ମିକ ଏବଂ ସତର୍କତା ବିଭାଗ ଚାରିଧାମ ଯାତ୍ରାରେ ଶ୍ରଦ୍ଧାଳୁଙ୍କ ଭିଡ଼କୁ ରଖି ବ୍ୟବସ୍ଥା କରିବା ଏବଂ ସୂଚାରୁ ସଂଚାଳନ ପାଇଁ ଅଶୋକ କୁମାର ପାଣ୍ଡେ ମୁଖ୍ୟ ବିକାଶ ଅଧିକାରୀ, ନୈନିତାଲୀଙ୍କୁ ବଦ୍ରିନାଥ ଧାମରେ ମୁତୟନ କରାଯାଇଥିବାବେଳେ ଉଧମସିଂହ ନଗରର ଅପର ଜିଲ୍ଲାଧିକାରୀ ପ୍ରଶାସନ ପଙ୍କଜ କୁମାର ଉପାଧାୟଙ୍କୁ କେଦାରନାଥରେ ମୁତୟନ କରା ଯାଇଛି। ଏହି ଦୁଇ ଅଧିକାରୀ ୨୬ ମଇରୁ ୬ ଜୁନ୍ ପର୍ଯ୍ୟନ୍ତ ଯାତ୍ରା ମାଜିଷ୍ଟ୍ରେଟ୍ ରୂପେ ମୁତୟନ କରାଯାଇଛି।

# ଲୋକଙ୍କ ଦାବିକୁ ସମର୍ଥନ ଜଣାଇଲେ ସାମାଜିକ କର୍ମୀ ପଦ୍ମଚରଣ ଓ ହରେନ



ଉଦଳା , ୨୫/୫ (ନି.ପ୍ର): ଅଙ୍ଗଦାନ ପାଇଁ ଲୋକଙ୍କ ମଧ୍ୟରେ ଦିନକୁ ଦିନ ଆଗ୍ରହ ପ୍ରକାଶ ପାଉଥିବା ବେଳେ, ପ୍ରତ୍ୟାରୋପଣ କ୍ଷେତ୍ରରେ ମେଡ଼ିକାଲ କଲେଜ ଗୁଡ଼ିକର ଭିତିଭୂମି ସେହିଭଳି ଭାବରେ ସଜଡ଼ା ଯାଇପାରି ନାହିଁ। ଲୋକଙ୍କର ଏହିଭଳି ଏକ ଦାବିକୁ ସ୍ୱେଚ୍ଛାସେବି ସଂଗଠନ 'ଷ୍ଟାର'ର ନିର୍ଦ୍ଦେଶକ ପଦ୍ମଚରଣ ଦାଶ ଓ ଉଦଳା ରୋଟାରି କ୍ଲବର ପୂର୍ବତନ ସଭାପତି ହରେନ ପଟ୍ଟନାୟକ ସମର୍ଥନ ଜଣାଇଛନ୍ତି । ଆଗାମି ଦିନରେ ଲୋକଙ୍କର ଏହି ଦାବିକୁ ପୂରଣ କରିବା କ୍ଷେତ୍ରରେ ସରକାରଙ୍କ ଉପରେ ଚାପ ପକାଇବା ସକାଶେ ଉଦ୍ୟମ କରାଯିବ ବୋଲି ଉଭୟ ସାମାଜିକ କର୍ମି ପଦ୍ମଚରଣ ଓ ହରେନ ଗଣମାଧ୍ୟମକୁ ଜଣାଇଛନ୍ତି ।

# ଅଂଶୁଘାତରେ ରଘୁନାଥ ଦଳେଇଙ୍କ ମୃତ୍ୟୁ

ଲଙ୍ଗଳେଶ୍ୱର , ୨୫/୫ (ନି.ପ୍ର): ବାଲିଆପାଳ ଥାନା ଘଣ୍ଟିଆଡି ଗ୍ରାମର ରଘୁନାଥ ଦଳେଇ (୫୬ ) ଙ୍କ ଶନିବାର ଅଂଶୁଘାତରେ ମୃତ୍ୟୁ ହୋଇ ଯାଇଛି। ରଘୁନାଥ ସ୍ଥାନୀୟ ସିମୁଳିଆ ମାର୍କେଟରୁ କିଛି ଜିନିଷ ପତ୍ର କିଣିବା ପାଇଁ ଯାଇଥିଲେ। ମାର୍କେଟରୁ ଘରକୁ ଫେରୁଥିବା ବେଳେ ଘଣ୍ଟିଆଡି ଗାଁ ଛକ ରେ ରାସ୍ତାରେ ପଡ଼ି ଯାଇଥିଲେ। ସ୍ଥାନୀୟ ଲୋକ ସଙ୍ଗେ ସଙ୍ଗେ ରଘୁନାଥଙ୍କୁ ଇଡକୋ ଛକ ସ୍ଥିତ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଯାଇଥିଲେ। ସେଠାରେ ଡାକ୍ତର ରଘୁନାଥଙ୍କୁ ମୃତ ଘୋଷଣା କରିଥିଲେ। ଅଂଶୁଘାତରୁ ତାଙ୍କର ମୃତ୍ୟୁ ହୋଇ ଥାଇ ପାରେ ବୋଲି ସ୍ୱାସ୍ଥ୍ୟ କେନ୍ଦ୍ର ସୂତ୍ରରୁ ପ୍ରକାଶ। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସମସ୍ତ ଜଣାଯିବ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ରଘୁନାଥର ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

# ବେତନଟୀ ବ୍ଲକ ଓଷ୍ଟା ସମ୍ପାଦକଙ୍କ ପିତୃ ବିୟୋଗ



ବେତନଟୀ , ୨୫/୫ (ନି.ପ୍ର): ବେତନଟୀ ବ୍ଲକ ଓଷ୍ଟା ସଂପାଦକ ତଥା ବେତନଟୀର ସାମାଜିକ ସଂଗଠନ ଆମ୍ଭେ -୮୩ର ଉପସଭାପତି ସୂର୍ଯ୍ୟାନନ୍ଦ ନାୟକଙ୍କ ପିତା ବାହାନଡା ଗ୍ରାମ ର ପଦ୍ମଲୋଚନ ନାୟକଙ୍କର ଆଜି ସକାଳେ ୮୭ ବର୍ଷ ବୟସରେ ପରଲୋକ ହୋଇଯାଇଅଛି । ଶରୀର ଅସୁସ୍ଥ ହେବାରୁ ଗତ ଆଠଦିନ ତଳେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତି କରାଯାଇଥିଲା। ଶୁକ୍ରବାର ଦିନ ବେତନଟୀ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା ଓ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଯାଇଥିଲା। ସ୍ୱର୍ଗତଃ ନାୟକ ଜଣେ ରେଳବାଇ ବିଭାଗର କର୍ମଚାରୀଭାବେ ନିଜର ବୃତି ଆରମ୍ଭ କରି ଅବସର ଗ୍ରହଣ କରିଥିଲେ । ଜଣେ ମେଳାପୀ ଓ ସତ୍ୟନିଷ୍ଠ ବ୍ୟକ୍ତିଭାବେ ଏ ଅଞ୍ଚଳର ଜଣାଶୁଣା ଥିଲେ । ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ବଡପୁଅ ଆଡଭୋକେଟ୍ ବିନୋଦ ବିହାରୀ ନାୟକ, ମଝିଆଁ ପୁଅ ବିପିନ ବିହାରୀ ଓ ସାନପୁଅ ସୂର୍ଯ୍ୟାନନ୍ଦ ତଥା ପୁତ୍ରବଧୂ କବିତା, ନିରୁପମା, ବୀଣାପାଣି, ନାତି ବିଶ୍ୱଜିତ୍, ସୁଦୀପ, ନାତୁଣୀ ହିତାକାଙ୍କ୍ଷୀ ,ସିଗ୍‌ମା ଉପସ୍ଥିତ ଥିଲେ । ପରଲୋକ ଖବର ପାଇ ତାଙ୍କ ବାହାନଡା ବାସଭବନରେ ଅନେକ ଗଣ୍ୟମାନ୍ୟ ବ୍ୟକ୍ତି ଶେଷଦର୍ଶନ କରିଥିଲେ । ଓଷ୍ଟା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କିଶୋର କୁମାର ଆଚାର୍ଯ୍ୟ, ଶିକ୍ଷକ ବିଜୟ ପଣ୍ଡିତ, ଟିକାୟତ ମହାନ୍ତ, ହରିହର ପ୍ରଧାନ, ହରେକୃଷ୍ଣ ପଣ୍ଡା, ଅରୁଣ କୁମାରୁ ସାହୁ, କାର୍ତ୍ତିକ ଧଳ, ଜଗନ୍ନାଥ ବିନ୍ଧାଣୀ, ରବିନ୍ଦ୍ର ବସନ୍ତିଆ, ଲକ୍ଷ୍ମୀଧର ଦତ୍ତ, ଅମୀୟ ପରିଡା ତଥା ସ୍ୱର୍ଗତଃ ନାୟକଙ୍କର ପୁତୁରା ବଡସାହି ପି :ଏସ : କଲେଜର ପୂର୍ବତନ ଅଧ୍ୟକ୍ଷ ସୁଶାନ୍ତ କୁମାର ନାୟକ, ବିଜେଡି ନେତା ଯାମିନୀକାନ୍ତ ନାଏକ, ବିଜେପି ନେତା ଖଗେନ୍ଦ୍ର ସାହୁ, ଚୁନା ବେହେରା ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ପାତ୍ରପଡା ପଞ୍ଚାୟତରେ ବିଜେଡିର ମାରାଥନ ପ୍ରଚାର



ବାଲେଶ୍ୱର, ୨୫/୫ (ନି.ପ୍ର): ଆଜି ବାଲେଶ୍ୱର ସଦର ନିର୍ବାଚନ ୨୬ନଂ ଜୋନର ପାତ୍ରପଡା ପଞ୍ଚାୟତରେ ବିଜେଡିର ସାଂସଦ ପାର୍ଥିନୀ ଡ଼ ଲେଖାଶ୍ରୀ ସାମନ୍ତସିଂହାର ଏବଂ ସଦର ବିଧାୟକ ସ୍ୱରୂପ ଦାସ ଯୋଗଦେଇ ନବୀନ ପଟ୍ଟନାୟକଙ୍କ ସୁଶାସନକୁ ପୁଣି ଥରେ ଓଡ଼ିଶାରେ ସୁନିଶ୍ଚିତ କରିବା ପାଇଁ ଉଭୟ ସାଂସଦ ଓ ବିଧାୟକ ପାର୍ଥୀଙ୍କୁ ଶଂଖ ଚିହ୍ନରେ ଆଶିର୍ବାଦ କରିବା ପାଇଁ ଅନୁରୋଧ କରିଥିଲେ।ଏହି ଅବସରରେ ଏକ ବିଶାଳ ମଟର ସାଇକେଲ ଶୋଭାଯାତ୍ରାରେ ପାର୍ଥୀଙ୍କୁ ପଞ୍ଚାୟତ ପରିକ୍ରମା କରାଯାଇଥିଲା।ଏହି ଶୋଭାଯାତ୍ରାରେ ଅନ୍ୟ ମାନଙ୍କ ମଧ୍ୟରେ ସଦର ବ୍ଲକ ଅଧକ୍ଷ ସୁନିତା ବେହେରା,ପଞ୍ଚାୟତର ସରପଞ୍ଚ ଅଞ୍ଜନା ଦାସ,ସହିତ ସଭ୍ୟା ଆରତୀ ମାଝୀ ଏବଂ ଓଡିଆ ଅଭିନେତା ଶୁଭାଶିଷ,ଅଭିନେତ୍ରୀ ଲିପ୍ସା ପ୍ରମୁଖ ଦଳୀୟ ପାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ।

# ଅନ୍ୟ ଦଳ ଛାଡି ବିଜେଡିରେ ସାମିଲ ହେଲେ ଛାମୁଆ କର୍ମୀ



ନୀଳଗିରି, ୨୫/୫ (ନି.ପ୍ର): ଆଜି ନୀଳଗିରି ବିଜେଡ଼ି କାର୍ଯ୍ୟାଳୟ ପରିସରରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ସୂଚନାରୁ ଜଣାଯାଇଛି ପଣପଣା ଗ୍ରା.ପ. ର ବିଜେଡ଼ି ସଭାପତି ସୀତାରାମ ମହାନ୍ତି ଓ ବିଜେଡ଼ି ନେତା ଜଗନ୍ନାଥ ଜେନାଙ୍କ ନେତୃତ୍ୱରେ ରଘୁନାଥ ପାଟଣା ଗାଁର କଂଗ୍ରେସ ଦଳର ମହିଳା ନେତ୍ରୀ ସରସ୍ୱତୀ ମଲ୍ଲିକ, ଶ୍ରୀମତି ମଲ୍ଲିକ, ସେବତୀ ମଲ୍ଲିକ, ବାସନ୍ତୀ ମଲ୍ଲିକ, କାଞ୍ଚନ ମଲ୍ଲିକ ଓ କଂଗ୍ରେସ ନେତା ରବିନ୍ଦ୍ର ମଲ୍ଲିକ ବିଧିବଦ୍ଧ ଭାବେ ବିଜେଡ଼ିରେ ସାମିଲ ହୋଇଥିଲେ। ନୀଳଗିରି ବିଧାୟକ ସୁକାନ୍ତ ନାୟକ ସେମାନଙ୍କୁ ଦଳୀୟ ଉତ୍ତରୀୟ ଦେଇ ବିଜୁଜନତା ଦଳକୁ ସ୍ୱାଗତ କରିଥିଲେ। ଏଇ ନାରୀନେତ୍ରୀ ଓ ନେତାଙ୍କ ବିଜେଡ଼ି ରେ ସାମିଲ୍ ହେବାପରେ ବିଜେଡ଼ି ଦଳ ପଣପଣାରେ ଅଧିକ ସୁଦୃଢ ହେବ ବୋଲି ବିଧାୟକ ସୁକାନ୍ତ ନାୟକ କହିଥିଲେ।

# ବିଜେଡ଼ିର ରୋଡ଼ ଶୋ ପ୍ରଚାର ମୈଦାନରେ ସିନେ ତାରକା



ଲଙ୍ଗଳେଶ୍ୱର , ୨୫/୫ (ନି.ପ୍ର): ବାଲିଆପାଳ ବ୍ଲକର ବିଭିନ୍ନ ପଞ୍ଚାୟତ ଦେଇ ବିଜେଡ଼ିର ନିଜ ଦଳର ଷ୍ଟାର ପ୍ରଚାରକ ଓ ସିନେ ଅଭିନେତା ମାନେ ପ୍ରାର୍ଥୀ ଙ୍କୁ ଧରି ପ୍ରଚାର, ବାଇକ୍ ରାଲି, ରୋଡ ଶୋ, କରି ଭୋଟ ଭିକ୍ଷା କରୁଛନ୍ତି। ଆଜି ବସ୍ତା ବିଧାୟିକା ପ୍ରାର୍ଥୀନୀ ସୁବାସିନୀ ଜେନା ଲଙ୍ଗଳେଶ୍ୱର ଠାରୁ ବିଶାଳ ବାଇକ୍ ରାଲି କରି ରୋଡ଼ ଶୋ ଚଉମୁଖ ପଞ୍ଚାୟତ ରେ ଶେଷହେବ । ଏହି ରୋଡ଼ ଶୋ ପଞ୍ଚୁପାଲି, ଜମ୍ବିରାଇ, ନୂଆଗାଁ, ଜଗତିପୁର, ଅଳାଡିହା ପ୍ରତାପୁର ରତାଇ ଡଗରା ପଞ୍ଚାୟତ ଅତିକ୍ରମ କରି ଚଉମୁଖ ପଞ୍ଚାୟତ ରେ ପହଞ୍ଚିଥିଲେ।ସୁବାସିନୀ ଙ୍କ ସହିତ ସିନେ ତାରକା ରିୟା ଦେ, ଜିନା ସାମଲ, ସୈଳେନ୍ଦ୍ର ସାମନ୍ତରାୟ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଥିଲେ।

# ସାହାଡା ଗୁଡୁଡିହା ବିଜେପିର ନିର୍ବାଚନୀ ସଭା: ବସ୍ତା - ବାଲିଆପାଳର ଉନ୍ନତି ମୋଦୀଙ୍କ ଗ୍ୟାରେଣ୍ଟି




ବସ୍ତା, ୨୫/୫ (ନି.ପ୍ର): ବସ୍ତା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସାହାଡ଼ା ପଞ୍ଚାୟତରେ ବିଜେପିର ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ପ୍ରଚାର କମିଟି ଅଧ୍ୟକ୍ଷ ଶ୍ୟାମାପ୍ରସାଦ ବେହେରା ଅଧ୍ୟକ୍ଷତା କରି ମୋଦୀ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଆଲୋକପାତ କରି ଦଳକୁ ସମର୍ଥନ କରିବାକୁ ଆହ୍ୱାନ ଦେଇଥିଲେ । ଏମପି ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ବିଧାୟକ ପ୍ରାର୍ଥୀ ରବୀନ୍ଦ୍ର ଅଣ୍ଡିଆ ଯୋଗ ଦେଇ ବସ୍ତା ଓ ବାଲିଆପାଳର ଉନ୍ନତି ପ୍ରଧାନମନ୍ତ୍ରୀ ମୋଦୀଙ୍କ ଗ୍ୟାରେଣ୍ଟି ବୋଲି କହିଥିଲେ । ରାଜ୍ୟରେ ବିଜେପି ସରକାର ଆସିଲେ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ୫୦ହଜାର ଟଙ୍କା ପ୍ରଦାନ କରାଯିବ । ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଗମନାଗମନ, ରେଳ, ନିଯୁକ୍ତି କ୍ଷେତ୍ରରେ ଐତିହାସିକ ବିକାଶ ସହ ଦୁର୍ନୀତିମୁକ୍ତ ଓ ସ୍ୱଚ୍ଛ ଶାସନ ପାଇଁ ବିଜେପିର ଏମପି, ବିଧାୟକ ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ବିଜୟୀ କରିବାକୁ ନିବେଦନ କରିଥିଲେ । ଜିଲା ଉପ ସଭାପତି ପ୍ରଦୀପ ପଣ୍ଡା, ସାଧାରଣ ସମ୍ପାଦକ ପର୍ଶୁରାମ ପରିଡା, ରାଜ୍ୟ କୃଷକ ମୋର୍ଚ୍ଚା ସଦସ୍ୟ ଅଜୟ ସାହୁ, ମଣ୍ଡଳ ସମ୍ପାଦକ ରାଧାକୃଷ୍ଣ ମୈକାପ ପ୍ରମୁଖ ମଞ୍ଚାସିନ ହୋଇ ରାଜ୍ୟରେ ବିଜେପି ହିଁ ଏକମାତ୍ର ବିକଳ୍ପ ବୋଲି ବକ୍ତବ୍ୟରେ କହିଥିଲେ । ଏହି ଅବସରରେ ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ରବୀନ୍ଦ୍ର ଅଣ୍ଡିଆ ଘର ଘର ବୁଲି ଭୋଟ ଭିକ୍ଷା କରିଥିଲେ ।

# ବାରିପଦାରେ ସନ୍ଥକବି ଭୀମଭୋଇଙ୍କ ଜୟନ୍ତୀ ପାଳିତ




ବାରିପଦା, ୨୫/୫ (ନି.ପ୍ର): ଜିଲ୍ଲାର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ମୟୂରଭଞ୍ଜ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ସନ୍ଥକବି ଭୀମଭୋଇଙ୍କ ଜୟନ୍ତୀ ବାରିପଦା ମହର୍ଷି ପବ୍ଲିକ ସ୍କୁଲର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ପରିଷଦର ସଭାପତି ପଦ୍ମନାଭ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଗଡିଆ ଆଞ୍ଚଳିକ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ସନ୍ଦୀପ ଚାନ୍ଦ ମୁଖ୍ୟଅତିଥି ଭାବରେ ଯୋଗଦେଇ ଭୀମଭୋଇଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବରେ ବିଶିଷ୍ଟ କବି ତଥା ଶିକ୍ଷାବିତ ଯତିନ କୁମାର ଦାସ ଯୋଗଦେଇ ସାଂପ୍ରତିକ ସମୟରେ ସନ୍ଥକବିଙ୍କ ଦର୍ଶନର ମୂଲ୍ୟବୋଧର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ପ୍ରାରମ୍ଭରେ କବି ଗୋପାଳ ଚନ୍ଦ୍ର ସାଓ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କଲା ପରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଏବଂ ମାତା ସୁଭଦ୍ରାଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । କାର୍ଯ୍ୟକ୍ରମର ଆଭିମୁଖ୍ୟ ସଂପର୍କରେ ସଂପାଦକ ମନୋଜ ଦଳବେହେରା ଆଲୋକପାତ କରିଥିବା ବେଳା ବିଶିଷ୍ଟ ଶିକ୍ଷାବିତ ବିଶ୍ୱେଶ୍ୱର ଦ୍ୱିବେଦୀ, ସାହିତ୍ୟିକ ଅଜିତ କୁମାର କବାଟ ତଥା ଯୁବ ସାହିତ୍ୟିକ ସ୍ନେହାଶିଷ ମହାକୁଡ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ପରିଷଦର ବାର୍ଷିକ ସାରସ୍ୱତ ପତ୍ରିକା ଲୋକାର୍ପିତ ହୋଇଥିଲା । ପରିଶେଷରେ କବି ସତୀଶ ଚନ୍ଦ୍ର ବେହେରା ଏବଂ କବୟିତ୍ରୀ ସୁଶ୍ରୀ କାବେରୀ ମିଶ୍ରଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ ଆଧ୍ୟାତ୍ମିକ କବିତା ପାଠୋତ୍ସବରେ ଜୟନ୍ତ ଦ୍ୱାରୀ, ହିମାଂଶୁ ଶେଖର ଦାସ, କୈବଲ୍ୟ ମହାପାତ୍ର, ଭାସ୍ୱତୀ ପଣ୍ଡା, ଶରତ ଚନ୍ଦ୍ର ନାୟକ, ପିତାମ୍ବର ମଲ୍ଲିକ, ଅଜୟ କୁମାର ପାଳ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ଶେଷରେ ବରିଷ୍ଠ ସଦସ୍ୟା ବୀଣାପାଣି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo